(ପୃଷ୍ଠା–୮+୮)

# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୧୨/୨୦୨୧ (୮+୮=୧୬ ପୃଷ୍ଠା) Dhenkanal, Friday, November 12/2021 ★★★★★

୧୭ଶ ଭାଗ ୨୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



### ତାଞ୍ଜାନିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସଞ୍ଜୟ

ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ତାଞ୍ଜାନିଆର ପ୍ରଧାନମନ୍ତ୍ରୀ କାଶିମ ମାଜାଲିୱାଙ୍କୁ ଭେଟିଛନ୍ତି। ଏହାର କିଛି ଫଟୋ ସେ ଇନଷ୍ଟାଗ୍ରାମରେ ଅପଲୋଡ କରିଛନ୍ତି। ୦୭

୦୮

### ପୁରସ୍କାର ପାଇଁ ପ୍ରମୋଦଙ୍କ ନାମ ସୁପାରିସ

ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ଓଡ଼ିଶାର ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି।





କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ଜାତୀୟ ଯୋଗାସନ ଚାମ୍ପିୟନଶିପ୍‌ରେ ଜଣେ ପ୍ରତିଯୋଗୀ ଯୋଗ ପ୍ରଦର୍ଶନ କରୁଛନ୍ତି।

# ବନ୍ଦ ହେବ ଆତ୍ମା

## କେନ୍ଦ୍ର ଅନୁଦାନ ରୋକିବାକୁ ଷଡ଼ଯନ୍ତ୍ର

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଜିଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି(ଡିଆରଡିଏ) ବନ୍ଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ଏବେ କୃଷି ବିଭାଗ ଅଧୀନରେ ସମସ୍ତ ଜିଲାରେ କାର୍ଯ୍ୟକାରୀ ହେଉଥିବା କୃଷି ବୈଷୟିକ ପରିଚାଳନା ଏଜେନ୍ସି(ଆତ୍ମା)କୁ ଅନୁଦାନ ଦେବା ବନ୍ଦ ହେବ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ଚଳିତ ଆର୍ଥିକ ବର୍ଷ (୨୦୨୧-୨୨)ରେ ଆତ୍ମା ଯୋଜନାରେ କ୍ଷେତ୍ରସ୍ତରରେ କର୍ମଚାରୀ ନିଯୋଜିତ ନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୨୦୨୧-୨୨ରୁ ୨୦୨୫ ପର୍ଯ୍ୟନ୍ତ ସବ୍‌ମିଶନ ଅନ୍ ଏଗ୍ରିକଲଚର ଏକ୍ସଟେନଶନ(ଏସ୍‌ଏମ୍‌ଏଇ) ପାଇଁ ଅନୁଦାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଆତ୍ମାକୁ ଅନୁଦାନ ଦେବା

### ରାଜ୍ୟ ହରାଇବ ୧୦୦ କୋଟି



ସମ୍ଭବ ହେବ ନାହିଁ। ଏହି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ସହ ଆଉ କୌଣସି କର୍ମଚାରୀ ନିୟୋଜିତ ନ କରିବାକୁ କୁହାଯାଇଛି।

କୃଷି ଓ କୃଷକମାନଙ୍କର ବିକାଶ କରିବା ପାଇଁ ୨୦୦୫-୦୬ରୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଧୀନରେ ସମସ୍ତ ଜିଲା ଓ ବ୍ଲକସ୍ତରରେ ଆତ୍ମା କାର୍ଯ୍ୟକାରୀ ହେଉଛି। ଏହି ସ୍କିମ୍ କୃଷି କ୍ଷେତ୍ର ପାଇଁ ନୂଆ ଜ୍ଞାନକୌଶଳ ସମ୍ପର୍କରେ ବୈଷୟିକ ଜ୍ଞାନ ଦେବା ସହ କୃଷକମାନଙ୍କୁ ଆଧୁନିକ କୃଷି ପଦ୍ଧତି ସମ୍ପର୍କରେ ଅବଗତ କରିବା ଏବଂ ତାଲିମ ଦେବା ଆଦି କାର୍ଯ୍ୟକାରୀ କରାଯାଉଛି। ଏଥିରେ କୃଷକ ଗୋଷ୍ଠୀ, କୃଷି କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସାମିଲ ଅଛନ୍ତି। ୨୦୦୫-୦୬ରେ ଆତ୍ମା ପାଇଲଟ ପ୍ରକଳ୍ପ ଭାବେ ଓଡ଼ିଶା ସମେତ ୭ଟି ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲା। ଏହାର ଗୁରୁତ୍ୱକୁ ଉପଲବ୍ଧି କରି କୃଷି ମନ୍ତ୍ରଣାଳୟ ଏହାକୁ ୨୮ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳର ୬୧୪ ଜିଲାରେ କାର୍ଯ୍ୟକାରୀ କରାଯାଉଛି। ଏହା ଏକ କେନ୍ଦ୍ର ପ୍ରବର୍ତ୍ତିତ କାର୍ଯ୍ୟକ୍ରମ । ଏଥିରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଅନୁଦାନ ଦେଉଥିବା ବେଳେ ରାଜ୍ୟ ସରକାର ୧୦ ପ୍ରତିଶତ ଅନୁଦାନ ଦେଉଥିଲେ। ତେବେ ୨୦୧୪ରେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଏହି ଯୋଜନାରେ ମିଳୁଥିବା ଅନୁଦାନ ପରିମାଣକୁ ୬୦:୪୦କୁ ଖସାଇ ଦେଇଥିଲେ। ଏବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରିଛନ୍ତି। ଫଳରେ ଏଥିଯୋଗୁ କୃଷି କ୍ଷେତ୍ର ପାଇଁ ରାଜ୍ୟକୁ ମିଳୁଥିବା ପ୍ରାୟ ୧୦୦ କୋଟି ଟଙ୍କା ହରାଇବାକୁ ପଡ଼ିବ। ସୂଚନାଯୋଗ୍ୟ, କେନ୍ଦ୍ରର ଏନ୍‌ଡିଏ ସରକାର ଗୋଟିଏ ପରେ ଗୋଟିଏ କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ଉଚ୍ଛେଦ କରି ☞ପୃଷ୍ଠା–୪

ସ୍ୱର୍ଣ୍ଣ ଋଣ ବନ୍ଧକ ଏବେ ଆପଣଙ୍କ ଦ୍ୱାର ନିକଟରେ
ମାସକୁ 73 ପଇସା *8.8% ବାର୍ଷିକ
*T&C Apply
MANAPPURAM ASSET FINANCE LIMITED
TOLL FREE : 18005729787
PH : 9178868951, 7904435811

### ମେ ସୁଦ୍ଧା ୫-ଜି ସ୍ପେକ୍ଟ୍ରମ ନିଲାମ

ନୂଆଦିଲ୍ଲୀ,୧୧।୧୧

ବହୁ ପ୍ରତୀକ୍ଷିତ ୫-ଜି ସ୍ପେକ୍ଟ୍ରମ ନିଲାମ ୨୦୨୨ ଏପ୍ରିଲରୁ ମେ ମାସ ମଧ୍ୟରେ ହୋଇପାରେ। ଗୁରୁବାର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଠାରେ ଅନୁଷ୍ଠିତ ଟାଇମ୍ସ ନାଓ ସମିଟ୍ ୨୦୨୧ ଅବସରରେ ସେ କହିଛନ୍ତି, ନିଲାମ ପ୍ରକ୍ରିୟା ସମ୍ପାଦନ କରିବା ଲାଗି ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ବର୍ତ୍ତମାନ ବିଭିନ୍ନ ଦିଗ ଉପରେ ବିଚାର କରୁଛି। ୨୦୨୨ ଫେବୃୟାରୀ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ମହାଶକ୍ତି ସଂଘର୍ଷ**

# ବିବାଦରେ ଖୁର୍ସିଦଙ୍କ ପୁସ୍ତକ

ନୂଆଦିଲ୍ଲୀ,୧୧।୧୧

ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦଙ୍କ ଅଯୋଧ୍ୟା ଉପରେ ସଦ୍ୟ ଉନ୍ମୋଚିତ ପୁସ୍ତକକୁ ନେଇ ବିବାଦ ଘନେଇବାରେ ଲାଗିଛି। ଉକ୍ତ ପୁସ୍ତକରେ ୬୮ ବର୍ଷୀୟ ଖୁର୍ସିଦ ହିନ୍ଦୁତ୍ୱକୁ ମୌଳବାଦୀ ଇସ୍‌ଲାମୀୟ ଆତଙ୍କବାଦୀ ଗୋଷ୍ଠୀ ସହ ତୁଳନା କରିଥିବା ଦର୍ଶାଇ ଦିଲ୍ଲୀର ଜଣେ ଓକିଲ ତାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ମୁସଲିମ୍ ଭୋଟ ହାତେଇବା ପାଇଁ ସାମ୍ପ୍ରଦାୟିକ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି। ଏଭଳି ସମୟରେ ଖୁର୍ସିଦଙ୍କ ପୁସ୍ତକରେ ହିନ୍ଦୁତ୍ୱ ମନ୍ତବ୍ୟ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ହିନ୍ଦୁମାନଙ୍କ ପ୍ରତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମ୍ମାନ ଥିଲେ ସେ ଖୁର୍ସିଦଙ୍କୁ କଂଗ୍ରେସରୁ ବହିଷ୍କାର କରିବା ସହ ତାଙ୍କ ହିନ୍ଦୁତ୍ୱ ମନ୍ତବ୍ୟକୁ ନେଇ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦଙ୍କ ଦ୍ୱାରା ରଚିତ ନୂଆ ବହି 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ' ମଙ୍ଗଳବାର ଉନ୍ମୋଚିତ ହୋଇଛି। ଏହାର ଏକ ପାରାରେ ଖୁର୍ସିଦ ଲେଖିଛନ୍ତି, ସାଧୁସନ୍ଥଙ୍କୁ ଜଣାଥିବା ସନାତନ ଧର୍ମ ଓ ଶାସ୍ତ୍ରୀୟ ହିନ୍ଦୁତ୍ୱକୁ ହିନ୍ଦୁତ୍ୱର ଏକ ଶକ୍ତିଶାଳୀ




ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ଓ ତାଙ୍କ ପୁସ୍ତକ।

- **ହିନ୍ଦୁତ୍ୱକୁ ଆଇଏସ୍, ବୋକୋ ହାରାମ୍ ସହ ତୁଳନା କଲେ କଂଗ୍ରେସ ନେତା**
- **ସୋନିଆଙ୍କ ସ୍ପଷ୍ଟୀକରଣ ସହ ଖୁର୍ସିଦଙ୍କୁ ବହିଷ୍କାର ଦାବିକଲା ଭାଜପା**

ସଂସ୍କରଣ ଏଡ଼ାଇଦେଇଛି। କିଛିବର୍ଷ ଧରି ହିନ୍ଦୁତ୍ୱ ବିଚାରଧାରାକୁ ନେଇ ଚାଲିଥିବା ରାଜନୀତି ଆଇଏସ୍ ଏବଂ ବୋକୋ ହାରାମ ଭଳି ଇସ୍‌ଲିମ୍ ଜେହାଦୀ ସଙ୍ଗଠନଗୁଡ଼ିକ ସହ ତୁଳନୀୟ ବୋଲି ଖୁର୍ସିଦ ଏଥିରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଳବ୍ୟ ଟୁଇଟ୍ କରିଛନ୍ତି, ☞ପୃଷ୍ଠା–୪

**ନୂଆ ଡିଜିପି ନିଯୁକ୍ତିକୁ ନେଇ କଳ୍ପନାଜଳ୍ପନା**

# ଆଗରେ ପ୍ରଦୀପ କପୁର

କଟକ ଅଫିସ, ୧୧।୧୧

ବର୍ତ୍ତମାନର ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଆସନ୍ତା ଡିସେମ୍ବର ୩୧ରେ ଅବସର ଗ୍ରହଣ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଅତି କମ୍‌ରେ ୨ବର୍ଷ ହେବା ଆବଶ୍ୟକ। ଯଦିଓ ସ୍ୱାଭାବିକ ଭାବେ ଅଭୟ ଗତ ଜୁନ୍‌ରେ ଅବସର ଗ୍ରହଣ କରିବା କଥା, ସୁପ୍ରିମକୋର୍ଟ ନିର୍ଦ୍ଧାରିତ କରିଥିବା ବ୍ୟବସ୍ଥା ଅନୁସାରେ ତାଙ୍କ କାର୍ଯ୍ୟକାଳକୁ ୬ମାସ ବୃଦ୍ଧି କରାଯାଇଛି। ଏହାଛଡ଼ା ସେ ପଦ ନିବୃତ୍ତ ହେବାର ୩ମାସ ଆଗରୁ ପରବର୍ତ୍ତୀ ଆରକ୍ଷୀ ମହାନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏହି କ୍ରମରେ ୩୦ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ସମସ୍ତ ଆଇପିଏସ୍ ଅଫିସରଙ୍କ ଏକ ତାଲିକା କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଛନ୍ତି। କେନ୍ଦ୍ର ସରକାର ଏହି ତାଲିକା କେନ୍ଦ୍ରୀୟ ଲୋକ ସେବା ଆୟୋଗଙ୍କ ନିକଟକୁ ପଠାଇବେ। ଏହି ତାଲିକାରୁ ବୟୋଜ୍ୟେଷ୍ଠତା ଭିତ୍ତିରେ ପ୍ରଥମ ତିନି ଜଣଙ୍କ ନାମ କେନ୍ଦ୍ରୀୟ ଲୋକ ସେବା ଆୟୋଗ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। ଅର୍ଥାତ ତାଲିକାରେ ବରିଷ୍ଠତା ଭିତ୍ତିରେ ଯେଉଁ ୩ଜଣଙ୍କ ନାମ ଆସିବ, ସେମାନେ ହେଲେ ୧୯୮୬ ବ୍ୟାଚର ପ୍ରଦୀପ କପୁର ଓ ବିଜୟ ଶର୍ମା ଏବଂ ୧୯୮୭ ବ୍ୟାଚର ସୁନୀଲ ବନ୍‌ଶଲ। ଯଦି କୌଣସି କାରଣରୁ ବିଜୟ ଶର୍ମାଙ୍କ ନାମ ବାଦ୍ ପଡ଼େ, ତେବେ ତୃତୀୟ ନାମ ଭାବରେ ୧୯୮୮ ବ୍ୟାଚର ମନୋଜ ଛାବ୍ରାଙ୍କ ନାମ ଅନ୍ତର୍ଭୁକ୍ତ ହେବ। ତେଣୁ ଅନ୍ୟମାନଙ୍କ ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ ହେବାର କୌଣସି ସମ୍ଭାବନା ନାହିଁ।



ପ୍ରଦୀପ କପୁର

ଏହି ଦୃଷ୍ଟିକୋଣରୁ କଳ୍ପନାଜଳ୍ପନା କରି ଅନେକ ଅଫିସରଙ୍କ ନାମ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲେ ମଧ୍ୟ ତାଲିକା ଉପର ୩ଜଣଙ୍କ ମଧ୍ୟରେ ସୀମିତ ରହିବ। ପ୍ରଦୀପ କପୁର ଆଗରୁ କଟକ, ବାଲେଶ୍ୱର ଓ ପୁରୀ ଜିଲାର ଆରକ୍ଷୀ ଅଧୀକ୍ଷକ, ରାଉରକେଲାର ଡିଆଇଜି ଭାବେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ରାଜ୍ୟ ଗୋଇନ୍ଦା ବିଭାଗରେ ଅନେକ ଦିନ କାର୍ଯ୍ୟରତ ଥିଲେ। ତେଣୁ ଉଭୟ ବରିଷ୍ଠତା ଓ ଅନୁଭୂତି ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ସମ୍ଭାଳିବାକୁ ରାଜ୍ୟ ସରକାର ତାଙ୍କୁ ହିଁ ମନୋନୀତ କରିବା ସମ୍ଭାବନା ଥିବା ସୂଚନା ମିଳୁଛି।



## ସଂକ୍ଷେପରେ

### ଭାଜପା ଛାଡ଼ିଲେ ବଙ୍ଗୀୟ ଅଭିନେତ୍ରୀ ଦଳରେ ଆନ୍ତରିକତା ନାହିଁ: ଶ୍ରାବନ୍ତୀ ଚାଟାର୍ଜୀ



**କୋଲକାତା,୧୧।୧୧:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଅଭିନେତ୍ରୀରୁ ନେତ୍ରୀ ସାଜି ପଦ୍ମ ଧରିଥିବା ଶ୍ରାବନ୍ତୀ ଚାଟାର୍ଜୀ ଗୁରୁବାର ଭାଜପା ଛାଡ଼ିଛନ୍ତି। ନିର୍ବାଚନରେ ଭାଜପା ତାଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ହେଭିୱେଟ୍ ପାର୍ଥ ଚାଟାର୍ଜୀଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। କିନ୍ତୁ ସେ ହାରିଯାଇଥିଲେ। ୩୪ ବର୍ଷୀୟା ଶ୍ରାବନ୍ତୀ ଗୁରୁବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗର ବିକାଶ ପାଇଁ ଭାଜପାର ଆନ୍ତରିକତା ନ ଥିବା ନିଜ ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ନିର୍ବାଚନରେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ହଟାଇ ନ ପାରିବା ପରଠାରୁ ଶ୍ରାବନ୍ତୀ ଭାଜପାଠାରୁ ଦୂରତ୍ୱ ବଜାୟ ରଖିଥିଲେ। ଶ୍ରାବନ୍ତୀ ଟିଏମ୍‌ସିରେ ଯୋଗଦେଲେ ବିଚାର କରାଯିବ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

### ‘ରାଜ୍ୟ ସରକାର ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି’

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧୫ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଆଦେଶ ଦେଇନାହାନ୍ତି ବୋଲି ପ୍ରଦେଶ କଂଗ୍ରେସ ପ୍ରଶ୍ନ କରିଛି। ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମିଡ଼ିଆ ଆବାହକ ସତ୍ୟ ପ୍ରକାଶ ନାୟକ ଏନ୍‌ଏଚ୍‌ଆର୍‌ସିଙ୍କ ଅର୍ଡ଼ର କପିକୁ ଦେଖାଇ ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେଉଥିବା ପୁଣି ଅଭିଯୋଗ କରିଛନ୍ତି। ଅକ୍ଟୋବର ୨୩ରେ ଭଜମନ ବିଶ୍ୱାଳ ନାମକ ଜଣେ ମାନବାଧିକାର କର୍ମୀ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏକ ପିଟିଶନ କରିଥିଲେ। ୨୭ ତାରିଖ ଦିନ ଆୟୋଗ ଏହାକୁ ଗ୍ରହଣ କରିବା ପରେ ପିଟିଶନର ଶୁଣାଣି କରି ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ ସରକାର ତୁରନ୍ତ କ୍ରାଇମବାଞ୍ଚ ତଦନ୍ତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏଯାବତ ଘଟଣାର ତଦନ୍ତ କ୍ରାଇମବାଞ୍ଚକୁ ହସ୍ତାନ୍ତର କରିନାହାନ୍ତି ବୋଲି ନାୟକ କହିଛନ୍ତି। ଏହା ବ୍ୟତୀତ ଉଭୟ ବଲାଙ୍ଗୀର ଓ କଳାହାଣ୍ଡି ଜିଲାରେ ପୋଲିସ ବିରୋଧରେ ଅଭିଯୋଗ ଥିବା ସତ୍ତ୍ୱେ କାହିଁକି ମମିତାଙ୍କ ତଦନ୍ତ ପୂର୍ବରୁ ଉକ୍ତ ଜିଲାର ଏସ୍‌ପିଙ୍କୁ ବଦଳି କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ବନ୍ଦ ପାଳନ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

- ଭାଜପାର ବି ଟିମ୍ ସାଜିଛି କଂଗ୍ରେସ: ବିଜେଡି
- ମହିଳାଙ୍କ ସୁରକ୍ଷା, ନ୍ୟାୟ ପାଇଁ ରାଜନୀତି କରିବୁ: କଂଗ୍ରେସ
- ମନ୍ତ୍ରୀଙ୍କୁ ଇସ୍ତଫାଦେବାକୁ କୁହନ୍ତୁ ପ୍ରବକ୍ତା, ଭଲ ହେବ: ଭାଜପା


ସସ୍ମିତ ପାତ୍ର


ଗୋଲକ ମହାପାତ୍ର


ସତ୍ୟ ପ୍ରକାଶ ନାୟକ

ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ କଂଗ୍ରେସ ଶୁକ୍ରବାର ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ବିରୋଧୀ କଂଗ୍ରେସ ଏବଂ ଭାଜପା ଲଗାତର ମାସେରୁ ଅଧିକ ଦିନ ହେବ ଏହି ଘଟଣାରେ ରାଜ୍ୟବ୍ୟାପୀ ଆନ୍ଦୋଳନ, ପ୍ରତିବାଦ ଓ ବିକ୍ଷୋଭ ଜାରି ରଖିଛନ୍ତି। ତେବେ କଂଗ୍ରେସର ଏହି ବନ୍ଦ ଡାକରାକୁ କିନ୍ତୁ ବିଜେଡି ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ଅନ୍ୟପଟେ ବିଜେଡିକୁ କଂଗ୍ରେସ ଓ ଭାଜପା ପାଲଟା ଟାର୍ଗେଟ କରିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ପ୍ରତ୍ୟାହାର କରୁ। ଓଡ଼ିଶା ବନ୍ଦ ଫଳରେ ରାଜ୍ୟବାସୀ ଆର୍ଥିକ କ୍ଷତି ସହିବେ। କରୋନା ପାଇଁ ଗତ ଦେଢବର୍ଷ ହେବ ରାଜ୍ୟବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। କରୋନା ପରେ ଲୋକେ ଆର୍ଥିକ ଦୁରବସ୍ଥା ଦୂର କରିବାକୁ ଚେଷ୍ଟା କରୁଥିବା ବେଳେ ଓଡ଼ିଶା କଂଗ୍ରେସ ବନ୍ଦ ଡାକରା ଦେଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସ ବନ୍ଦ ପାଳନ ନିଷ୍ପତ୍ତିକୁ ପ୍ରତ୍ୟାହାର କରୁ ବୋଲି ବିଜେଡି ଦାବି କରିଛି। ମମିତାଙ୍କ ପରିବାର ଲୋକେ ଏହି ଘଟଣାରେ ରାଜନୀତି ନ କରିବାକୁ କହିଛନ୍ତି। ହେଲେ କଂଗ୍ରେସ ଏହାକୁ ରାଜନୀତୀକରଣ କରୁଛି। ଭାଜପା ସହ ହାତ ମିଳାଇ କଂଗ୍ରେସ ଶସ୍ତା ରାଜନୀତି କରୁଛି। ଯଦି କୌଣସି ପ୍ରମାଣ ଅଛି ତେବେ କୋର୍ଟର ଦ୍ୱାରସ୍ଥ ହୁଅନ୍ତୁ। କୋର୍ଟ ଏହାର ନ୍ୟାୟ ଦେବ। ମାତ୍ର ଏହା କରିବା ପରିବର୍ତ୍ତେ ବନ୍ଦ ପାଳନ କରି ଲୋକଙ୍କ ଜୀବନଜୀବିକାକୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଓଡ଼ିଶା ଭାଜପାର ବି ଟିମ୍ ଭାବେ ରାଜ୍ୟ କଂଗ୍ରେସ କାମ କରୁଛି। ରାଜ୍ୟ କଂଗ୍ରେସର ଆର୍ଥିକ ସ୍ଥିତି ଭଲ ନାହିଁ, ଏଭଳି ସ୍ଥଳେ ଭାଜପା ମାଧ୍ୟମରେ ସେମାନେ ତାଙ୍କ କାର୍ଯ୍ୟକ୍ରମକୁ ପ୍ରାୟୋଜିତ କରୁଛନ୍ତି। ପ୍ରାୟୋଜିତ କାର୍ଯ୍ୟକ୍ରମରେ ସବୁବେଳେ ସର୍ତ୍ତାବଳୀ ରହିଥାଏ। ତେଣୁ ଏହି ସର୍ତ୍ତାବଳୀ ଅନୁଯାୟୀ ରାଜ୍ୟ ଭାଜପା ଇସାରାରେ କଂଗ୍ରେସ ନାଚୁଛି। ଦରଦାମ୍ ବୃଦ୍ଧି, କୃଷି ଆଇନକୁ ନେଇ ସେମାନେ ମୁହଁ ଖୋଲୁନାହାନ୍ତି। କଂଗ୍ରେସ ପୀଡ଼ିତାକୁ ନ୍ୟାୟ ମିଳୁ ବୋଲି ଚାହୁଁନାହିଁ। ସମ୍ବେଦନଶୀଳ ପ୍ରସଙ୍ଗରେ ଶସ୍ତା ରାଜନୀତି କରିବା ବର୍ତ୍ତମାନ କଂଗ୍ରେସର ଲକ୍ଷ୍ୟ। ରାଜ୍ୟବାସୀ ବନ୍ଦ ଚାହୁଁନାହାନ୍ତି। ବନ୍ଦ ପାଳନ ଲାଗି ଯାହାସବୁ କ୍ଷତି ହେବ ସେଥିଲାଗି କଂଗ୍ରେସକୁ ରାଜ୍ୟବାସୀ କେବେ ହେଲେ କ୍ଷମା ଦେବେନାହିଁ ବୋଲି ସେ କହିଛନ୍ତି।

ବିଜେଡି ସମାଲୋଚନାର ଉତ୍ତର ରଖି କଂଗ୍ରେସ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ କହିଛନ୍ତି, ମମିତା ହତ୍ୟା ଘଟଣାରେ କଂଗ୍ରେସ ରାଜନୀତି କରୁଥିବା ନେଇ ବିଜେଡି ଯାହା ଅଭିଯୋଗ ଆଣିଛି ତାହା ଭିତ୍ତିହୀନ। ବିଜେଡି ରାଜନୀତି କରି ଲୋକଙ୍କ ଭୋଟ ନେଇ ସରକାରକୁ ଆସିପାରିଛି। ରାଜ୍ୟର ସ୍ୱାର୍ଥ, ନାରୀ ଓ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କଂଗ୍ରେସ ରାଜନୀତି କରିବ। ଏହି ଘଟଣା ରାଜ୍ୟର ନୀତିକୁ ପ୍ରଭାବିତ କରୁଛି। ତେଣୁ କଂଗ୍ରେସ ଏହାକୁ ବିରୋଧ କରିବ, ମାତ୍ର ବିଜେଡି ଭଳି କୂଟନୀତି ବା ଖଳନୀତି କରିବ ନାହିଁ ବୋଲି ସତ୍ୟ ପ୍ରକାଶ କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ମମିତା ମେହେର ହତ୍ୟା ଘଟଣା ଏବେ ଜନ ଆନ୍ଦୋଳନରେ ପରିଣତ ହେଲାଣି। ବିଭିନ୍ନ ସଙ୍ଗଠନ ଓ ଦଳ ଏବେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏଭଳି ଜାଗାରେ ବିଜେଡି ପ୍ରବକ୍ତା ବାହାରି ଯେଉଁ ବୟାନବାଜି କରୁଛନ୍ତି ଆମର ତାଙ୍କୁ ଅନୁରୋଧ ରହିଛି। ତୁରନ୍ତ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦିବ୍ୟଶଙ୍କର ମିଶ୍ରଙ୍କୁ ଇସ୍ତଫା ଦେବା ଲାଗି ନିର୍ଦ୍ଦେଶ ଦିଅନ୍ତୁ, ତେବେ ଭଲ ହେବ ବୋଲି ସେ କହିଛନ୍ତି।

## ବିଜେଡିରେ ଯୋଗଦେଲେ ଗୌତମବୁଦ୍ଧ ଦାସ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱର ଜିଲା ଭୋଗରାଇର ଜଣାଶୁଣା ସମାଜସେବୀ ଗୌତମବୁଦ୍ଧ ଦାସ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଗୁରୁବାର ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେଡିର ସାଂଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଗୌତମବୁଦ୍ଧଙ୍କ ଯୋଗଦାନ ଫଳରେ ଦଳ ସାଂଗଠନିକ ଓ ବୌଦ୍ଧିକ ସ୍ତରରେ ଅଧିକ ସଶକ୍ତ ହେବ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବିଜେଡି ସମ୍ପାଦକ ଅମରେଶ ଜେନା, ସମ୍ପାଦକ କୁନବିହାରୀ ଦାସ, ଓଡ଼ିଶା ମୋ ପରିବାରର ସଂଯୋଜକ ପ୍ରକାଶ ତ୍ରିପାଠୀ, ଛାତ୍ରନେତା ଦୀନବନ୍ଧୁ ପତି ଓ ରୋଜା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ନୱାବ ମଲିକଙ୍କୁ ଲିଗାଲ ନୋଟିସ

ମୁମ୍ବାଇ,୧୧।୧୧


ନୱାବ ମଲିକ


ଅମୃତା ଫଡ଼ନବିସ୍

### କ୍ଷମା ନ ମାଗିଲେ କାର୍ଯ୍ୟାନୁଷ୍ଠାନ: ଅମୃତା ଫଡ଼ନବିସ୍

ମହାରାଷ୍ଟ୍ର ମନ୍ତ୍ରୀ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ନୱାବ ମଲିକଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସ୍ତ୍ରୀ ଅମୃତା ଫଡ଼ନବିସ୍ ଗୁରୁବାର ଲିଗାଲ ନୋଟିସ ପଠାଇଛନ୍ତି। ନୱାବ କ୍ଷମା ମାଗନ୍ତୁ, ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତୁ ବୋଲି ସେ କହିଛନ୍ତି। ନୱାବ ମଲିକ କିଛିଦିନ ତଳେ ଟୁଇଟରରେ ଦୁଇଟି ଫଟୋ ଶେୟାର କରିଥିଲେ। ଗୋଟିଏରେ ଫଡ଼ନବିସ ଓ ଅନ୍ୟଟିରେ ଅମୃତାଙ୍କ ସହ ଡ୍ରଗ୍ସ ଡିଲର ଜୟଦୀପ ରାଣା ଥିବା ଏଥିରେ ଦେଖିବାକୁ ମିଳିଥିଲା। ଡ୍ରଗ୍ସ ଡିଲରଙ୍କ ସହ ବିରୋଧୀ ଦଳ ନେତା ଫଡ଼ନବିସ୍ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କ ଥିବା ଦର୍ଶାଇ ସେ ଦୁଇ ଫଟୋକୁ ଲୋକଲୋଚନକୁ ଆଣିଥିଲେ। ଏହାର ଜବାବରେ ଫଡ଼ନବିସ୍‌ଙ୍କ ଗାୟିକା ସ୍ତ୍ରୀ ଅମୃତା କହିଛନ୍ତି, ତାଙ୍କ ସହ ପରିବାରର ଛବି ଖରାପ କରିବା ଉଦ୍ଦେଶ୍ୟରେ ନୱାବ ଏପରି କରିଛନ୍ତି। ତେଣୁ ସେ ୪୮ ଘଣ୍ଟା ମଧ୍ୟରେ ଉକ୍ତ ଟୁଇଟ୍‌କୁ ଡିଲିଟ୍ କରି ନିଃସର୍ତ୍ତ କ୍ଷମା ମାଗନ୍ତୁ। ନ ହେଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ନଦୀ ସୁରକ୍ଷା ଲାଗି ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜୟଦୀପ ରାଣାଙ୍କୁ ‘ରିଭର ମାର୍ଚ୍ଚ’ କ୍ରିଏଟିଭ୍ ଟିମ୍ ହାୟର କରିଥିଲା। ସେଠାରେ ସେ ତାଙ୍କ ସହ ଫଟୋ ଉଠାଇଥିଲେ। ଜୟଦୀପଙ୍କ ସହ ଫଡ଼ନବିସ୍ ପରିବାରର କିଛି ସମ୍ପର୍କ ନାହିଁ ବୋଲି ଉକ୍ତ ନୋଟିସରେ ଅମୃତା ଉଲ୍ଲେଖ କରିଛନ୍ତି।

# ପୋଲିସ ତଦନ୍ତ ବାଟବଣା: ଭାଜପା

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)



ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀରେ ପ୍ରକାଶ ମିଶ୍ରଙ୍କ ସହ ମଞ୍ଚାସୀନ ବରିଷ୍ଠ ନେତୃବୃନ୍ଦ।

ମମିତା ମେହେର ହତ୍ୟା ମାମଲାର ଉପଯୁକ୍ତ ତଦନ୍ତ ହେଉନାହିଁ। ଏପର୍ଯ୍ୟନ୍ତ କେବଳ ଗୋବିନ୍ଦ ସାହୁ ଏବଂ ତାଙ୍କ ୨ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ବହୁ ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ପୋଲିସର ତଦନ୍ତ ସମ୍ପୂର୍ଣ୍ଣ ବାଟବଣା ହୋଇଯାଇଛି । କ୍ରାଇମ ସିନ୍ ରିକ୍ରିଏସନକୁ ଗଣମାଧ୍ୟମରେ ପ୍ରକାଶ କରାଯାଇ ତଦନ୍ତ ପ୍ରକ୍ରିୟାର ଗୋପନୀୟତାକୁ ରକ୍ଷା କରାଯାଇନାହିଁ । ତଦନ୍ତ ପ୍ରକ୍ରିୟାରେ ଯାହା ହେବା କଥା, ତାହା ନ କରାଯାଇ ବିଭ୍ରାନ୍ତ କରାଯିବାର ପ୍ରୟାସ ହୋଇଛି ବୋଲି ଭାଜପା ନେତା ତଥା ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର କହିଛନ୍ତି। ଭାଜପା ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ପ୍ରକାଶ କହିଛନ୍ତି, ପୋଲିସ ତଦନ୍ତ ସମୟରେ ପ୍ରକୃତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିନାହିଁ। ସଂଗୃହୀତ ତଥ୍ୟ ଓ ପ୍ରମାଣର କୌଣସି ତାତ୍ପର୍ଯ୍ୟ ନାହିଁ । ଘଟଣାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏହାର କାରଣକୁ ପୋଲିସ ସ୍ପଷ୍ଟ କରିନାହିଁ । ଏହା ସାଧାରଣରେ ବହୁ ରହସ୍ୟ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ଭୂମିକାକୁ ସମାଲୋଚନା କରିଛନ୍ତି।

# ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼ିବୁ: ସପ୍ତଗିରି

କୋରାପୁଟ,୧୧।୧୧(ସ୍ୱ.ପ୍ର)


ସପ୍ତଗିରି ଉଲାକା।

ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼ିବେ ବୋଲି ଗୁରୁବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି। କୋଟିଆ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ମଧ୍ୟରେ ମଙ୍ଗଳବାର ଆଲୋଚନା ହୋଇଥିଲା। କୋଟିଆ ବିବାଦର ସ୍ଥାୟୀ ସମାଧାନ ନେଇ ନିର୍ଦ୍ଦିଷ୍ଟ ଭାବେ କ’ଣ ନିଷ୍ପତ୍ତି ହେଲା ତାହାକୁ ନେଇ ରାଜ୍ୟ ସରକାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରନ୍ତୁ ବୋଲି ଉଲାକା ଦାବି କରିଛନ୍ତି। ଆନ୍ଧ୍ର ସରକାର କୋଟିଆରେ ନିଜ ମନମାନି ଚଳାଇଛି ବୋଲି ଅଭିଯୋଗକରି ସେ କହିଲେ, ଲୋକଙ୍କୁ ଭତ୍ତା, ବିଭିନ୍ନ କାର୍ଡ ଦେଇ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ପ୍ରଲୋଭିତ କରୁଛି ବୋଲି କହିଥିଲେ। ସେହିଭଳି ପୋଲାଭରମ, ଝଞ୍ଜାବତୀ, ନାଗାବଳୀ, ନେରେଡି ବ୍ୟାରେଜ, କୋଟିଆ ସମସ୍ୟାର କି ପ୍ରକାର ସମାଧାନ ପନ୍ଥା ଆଲୋଚନାରୁ ବାହାରିଛି ସେ ସମ୍ପର୍କରେ ସାଧାରଣରେ ପ୍ରକାଶ କରିବାକୁ ଉଲାକା ଦାବି କରିଛନ୍ତି। ଏହି ପ୍ରସଙ୍ଗ ଆନ୍ତରାଜ୍ୟ ସମସ୍ୟା ହୋଇଥିବାରୁ କେନ୍ଦ୍ର ସରକାର ଏଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ସେ ଆଗାମୀ ସଂସଦ ଅଧିବେଶନରେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନାଗାବଳୀ ନଦୀ ଉପରେ ବିଜୟନଗରମ ଜିଲାରେ ଆନ୍ଧ୍ର ଏକ ଡ୍ୟାମ୍ କରିବ ବୋଲି ଚର୍ଚ୍ଚା ହେଉଛି। ଏହାଦ୍ୱାରା ନାଗାବଳୀରୁ ୭୦ ଭାଗ ପାଣି ଆନ୍ଧ୍ରକୁ ଯିବ । ବର୍ଷାବେଳେ ବନ୍ୟା ହେବ ଏବଂ ଖରାଦିନେ ନାଗାବଳୀ ଶୁଖିଲା ପଡିବ ବୋଲି ଉଲାକା ପ୍ରକାଶକରି ଏପରି କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼ିବୁ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।




# ଯନ୍ତରମନ୍ତରରେ ଧାରଣାଦେଲା ଯୁବ କଂଗ୍ରେସ

## ଦିଲ୍ଲୀରେ ମମିତା ମେହେର ହତ୍ୟା ମାମଲା

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)



ଦିଲ୍ଲୀ ଯନ୍ତରମନ୍ତର ମଇଦାନରେ ଅନୁଷ୍ଠିତ ଯୁବ କଂଗ୍ରେସ ଧାରଣାରେ କଟକ ବିଧାୟକ ମହମ୍ମଦ ମୋକିମ୍, ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ସହ ଅନ୍ୟମାନେ।

ମମିତା ମେହେର ହତ୍ୟା ମାମଲାରେ ଗୁରୁବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଦିଲ୍ଲୀସ୍ଥିତ ଐତିହାସିକ ଯନ୍ତରମନ୍ତର ମଇଦାନରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବହୁ ରାଜ୍ୟସ୍ତରୀୟ ନେତା ଓ କର୍ମୀ ଏଥିରେ ସାମିଲ ହୋଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ କରିବା ସହ ମାମଲାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଏହି ଅବସରରେ ଲେଙ୍କା କହିଛନ୍ତି, ରାଜ୍ୟର ଜନସାଧାରଣ ଓ ମା’ ଭଉଣୀଙ୍କ ସୁରକ୍ଷା ରାଜ୍ୟ ସରକାରଙ୍କ ଉତ୍ତରଦାୟିତ୍ୱ। କିନ୍ତୁ ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍କୁଲ ସଭାପତି ଗୋବିନ୍ଦ ସାହୁଙ୍କ ସହିତ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସମ୍ପର୍କ ରହିଛି। ଏହାର ତଥ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ହେଲେ ଯୁବ କଂଗ୍ରେସ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ। ମାମଲାର ସମ୍ବେଦନଶୀଳତା ନେଇ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଲେଙ୍କା କହିଛନ୍ତି।

ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ରିୟାଜୁଲ ଅନସାରୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ସରିଫା ରହମନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଆନ୍ଦୋଳନରେ ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗଲ, ମୁରଲୀଧର ଜେନା, ଚିନ୍ମୟ ପ୍ରସାଦ ବେଉରା, ନିକୁ ପଶାୟତ, ବିଶ୍ୱଜିତ ଦାସ, ସୟ ରାୟ, ସୁଜିତ ଜେନା, ଯୁବ କଂଗ୍ରେସର ଜ୍ଞାନେନ୍ଦ୍ର ଦାସ, ଆଲବର୍ଟ କିଣ୍ଡୋ, ମହମ୍ମଦ ଆସିଫ, ମହମ୍ମଦ ଅଲିମ, ଜ୍ଞାନେନ୍ଦ୍ର ମହାନ୍ତି, ରମଜାନ ଅଲ୍ଲି, ଶେଖ ଗୁଲାମୁହିଦ୍ଦିନ, ମହେଶ୍ୱର ପ୍ରଧାନ, ଆର୍ଯ୍ୟବୀର ଲେଙ୍କା, ବସନ୍ତ ପାଢ଼ୀ, ସତ୍ୟପ୍ରିୟ ସାମଲ, ଶ୍ରୀକାନ୍ତ ବିଶ୍ୱାଳ, ଅମ୍ରିତା ଦାସ, ନିକିତ ପରବିନ ପ୍ରମୁଖ ଯୋଗଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୨୩,୮୪,୧୦୯ | ୫୦,୯୨,୫୫୦ | ୨୨,୮୩,୮୦,୯୬୬ |
| ଭାରତ | ୩,୪୪,୦୧,୬୭୦ | ୪,୬୨,୧୮୯ | ୩,୩୮,୦୦,୯୨୫ |
| ଓଡ଼ିଶା | ୧୦,୪୪,୬୯୯ | ୮୩୭୦(+୫୩) | ୧୦,୩୩,୬୫୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଭାଇ ମୃତ

**ନୂଆପଡ଼ା ଅଫିସ,୧୧।୧୧:** ନୂଆପଡା ଜିଲା ଖଡିଆଲଠାରୁ ଭବାନୀପାଟଣା ଯିବା ମୁଖ୍ୟରାସ୍ତା ସାନଦୋହେଲ ଛକ ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଡିଆଳ ଥାନା ଲଛିପୁର ଗ୍ରାମର ଗୋବିନ୍ଦ ଦୀପ (୨୮) ଓ କୁନାଲ ଦୀପ (୨୫)। ମିଳିଥିବା ସୂଚନା ଅନୁସାରେ କୁନାଲ ଓ ଗୋବିନ୍ଦ ଏକ ବାଇକ୍ ଯୋଗେ ଗୁରୁବାର ଭୋରୁ ଖଡିଆଳକୁ ଆସୁଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଉଭୟେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ସାନଭାଇ କୁନାଲଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ଗୋବିନ୍ଦଙ୍କୁ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ମୁଖ୍ୟ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ. ୪୩୦/୨୧) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡି ବିଷୟରେ କୌଣସି ସୁରାକ୍ ମିଳି ନ ଥିବା ବେଳେ ପୋଲିସ ଶବ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### ଭିଜିଲାନ୍ସ ଜାଲରେ ଡିଏଚ୍ଏଚ୍ ସେକ୍ସନ ଅଫିସର

**ସମ୍ବଲପୁର,୧୧।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ସେକ୍ସନ ଅଫିସର ମନୋରଞ୍ଜନ ପ୍ରଧାନ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀଙ୍କ ଏରିଅର ବିଲ୍ ପାସ କରିବା ଲାଗି ଲାଞ୍ଚ ନେଉଥିବାବେଳେ ତାଙ୍କ ଅଫିସ କ୍ୟାବିନରେ ଭିଜିଲାନ୍ସ ଦଳ କାବୁ କରିଥିଲା। ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଦିଆଯାଇଥିବା ୧୦ ହଜାର ଟଙ୍କା ଜବତ କରାଯାଇଛି। ସେଥିରେ ୨ଶହଟି ୫ଶହ ଟଙ୍କିଆ ନୋଟ ରହିଥିଲା। ଏ ନେଇ ଭିଜିଲାନ୍ସ ବିଭାଗରେ ୩୪/୨୦୨୧ରେ ମାମଲା ରୁଜୁ କରାଯାଇଛି। ଏହାସହ ତାଙ୍କ ପୁଟିବନ୍ଧସ୍ଥିତ ଘର ସମେତ ଅଫିସରେ ମଧ ଚଢ଼ାଉ କରି ଯାଞ୍ଚ କରାଯାଇଥିଲା। ଆଗକୁ ତଦନ୍ତ ଜାରି ରହିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ଝଡ଼ବାତ୍ୟା ଆଶଙ୍କା

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

### ୧୬ରେ ଆଉ ଏକ ଲଘୁଚାପ

ଆସନ୍ତା ୧୩ ତାରିଖରେ ଆଣ୍ଡାମାନ ଆଖପାଖ ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ଝଡ଼ବାତ୍ୟାରେ ପରିଣତ ହେବା ଆଶଙ୍କା ରହିଛି। ଆସନ୍ତା ୧୭ ତାରିଖ ସନ୍ଧ୍ୟା କିମ୍ବା ୧୮ ତାରିଖ ସକାଳେ ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରିବା ନେଇ କେତେକ ପାଣିପାଗ ମଡେଲ ଅନୁମାନ କରିଛି। ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଜଣାପଡ଼ିବ। ଲଘୁଚାପ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବିଶେଷକରି ଗଞ୍ଜାମ ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଉପକୂଳ ଜିଲାରେ ମଧ ଏହାର ପ୍ରଭାବ ରହିବ। ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ହାଲୁକା ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବୁଧବାର ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ପାଗ କୋହଲା ରହିବା ସହ ମେଘୁଆ ରହିଛି। ଏଥିଯୋଗୁ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଛି। ଆସନ୍ତା ୧୬ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଆଶଙ୍କା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟିଛି। ଗୁରୁବାର କେବଳ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସହରରେ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି।

# ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର ନିଲମ୍ବିତ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଛନ୍ତି
- ସ୍ତ୍ରୀଙ୍କ ନାମରେ ୨ ଓଡ଼ିଆ ସିନେମାରେ ଲାଗିଛି ଟଙ୍କା



ପ୍ରତାପ କୁମାର ସାମଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି) ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କୁ ଗୁରୁବାର ଚାକିରିରୁ ନିଲମ୍ବନ କରାଯାଇଛି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ପ୍ରତାପଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବା ପରେ ବୁଧବାର ତାଙ୍କୁ ଗିରଫ କରାଯାଇଥିଲା। ଏବେ ଜେଲରେ ଅଛନ୍ତି। ଅପରପକ୍ଷରେ ପ୍ରତାପଙ୍କ ଓଡ଼ିଆ ସିନେମା(ଓଲିଉଡ୍) ଲିଙ୍କ୍ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ପ୍ରତାପ ୨ଟି ବ୍ୟୟବହୁଳ ଓଡ଼ିଆ ସିନେମାରେ ଟଙ୍କା ଲଗାଇଥିଲେ ବୋଲି ତଦନ୍ତ ସମୟରେ ଜଣାପଡ଼ିଛି। ଫିଲ୍ମରେ ସ୍ତ୍ରୀ ସସ୍ମିତା ସାମଲଙ୍କୁ ପ୍ରଯୋଜକ କରିଥିଲେ। ଏପରି କି ଆଗକୁ ମଧ ଓଲିଉଡ୍‌ରେ ନିବେଶ କରିବାକୁ ଯୋଜନା କରୁଥିବା କୁହାଯାଉଛି। ପ୍ରତାପ ଏବେ ଜେଲରେ ଥିବାରୁ ଭିଜିଲାନ୍ସ ତାଙ୍କୁ ରିମାଣ୍ଡରେ ଆଣି ଆୟ ବହିର୍ଭୂତ ସମ୍ପତ୍ତିର ଉତ୍ସ ଖୋଜିବା ସହ ଓଲିଉଡ୍ ଲିଙ୍କ୍ ନେଇ ଅଧିକ ପଚରାଉଚୁରା କରିବାକୁ ଯୋଜନା ରଖିଛି।

୨୦୦୩ ଏବଂ ୨୦୦୫ରେ ନିର୍ମିତ ଦୁଇଟି ଓଡ଼ିଆ ସିନେମାରେ ପ୍ରତାପ କେତେ ଟଙ୍କା ଲଗାଇଥିଲେ, ପରଦା ଆଢୁଆଳରେ ରହି ଅନ୍ୟ କୌଣସି ସମ୍ପର୍କୀୟଙ୍କ ଦ୍ୱାରା ସିନେମାରେ ଟଙ୍କା ଲଗାଇଥିଲେ କି ନାହିଁ ସେନେଇ ଭିଜିଲାନ୍ସ ପଚରାଉଚୁରା କରିବ। ସେହପରି ପ୍ରତାପଙ୍କ ସ୍ତ୍ରୀଙ୍କୁ ମଧ ଭିଜିଲାନ୍ସ ପଚରାଉଚୁରା କରିବ। ପୂର୍ବରୁ ଯେଉଁ ଫିଲ୍ମ ୨ଟିରେ ଟଙ୍କା ଲଗାଇଥିଲେ ଉକ୍ତ ଫିଲ୍ମର ପ୍ରଯୋଜନା ସଂସ୍ଥାର ସଦସ୍ୟମାନେ ଭିଜିଲାନ୍ସ ସ୍କାନରକୁ ଆସିପାରନ୍ତି ବୋଲି ମଧ ଚର୍ଚ୍ଚା ହେଉଛି। ପ୍ରଯୋଜକ, ନିର୍ଦ୍ଦେଶକଙ୍କୁ ଜେରା କଲେ କେତେ ଟଙ୍କା ପ୍ରତାପ ଲଗାଇଥିଲେ ତାହା ଜଣାପଡ଼ିବ।

ସୂଚନାଯୋଗ୍ୟ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ପକ୍ଷରୁ ୧୦ଟି ଟିମ୍ ମଙ୍ଗଳବାର ସକାଳେ ଏକକାଳୀନ ଭୁବନେଶ୍ୱରସ୍ଥିତ ଓପିଏଚ୍‌ଡବ୍ଲ୍ୟୁସି କାର୍ଯ୍ୟାଳୟ, ବାଲେଶ୍ୱର ସିମୁଳିଆସ୍ଥିତ ତାଙ୍କ ପୈତୃକ ଘର ସମେତ ୯ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢାଉ ସମୟରେ ପ୍ରତାପଙ୍କ ସମେତ ସ୍ତ୍ରୀ ସସ୍ମିତା ଓ ପୁଅ ପ୍ରୀତମ କୁମାରଙ୍କ ନାମରେ ଅମାପ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ୫ଟି କୋଠା ସହ ମୋଟ ୨୭ଟି ଅସ୍ଥାବର ସମ୍ପତ୍ତି ଠାବ ହେବା ସହ ନଗଦ ୩୮.୧୨ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥିସହ ପ୍ରତାପ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୬୧ ଲକ୍ଷ ୩୫ ହଜାର ୮୧୨ ଟଙ୍କା ଓ ୫୭ ଲକ୍ଷ ୭୨ ହଜାର ୧୫୦ ଟଙ୍କା ବୀମାରାଶି ଜବତ ହୋଇଥିଲା। ପ୍ରତାପ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ସର୍ବମୋଟ୍ ୧୪.୮୭କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ପ୍ରତାପଙ୍କ ପ୍ରକୃତ ଆୟର ଏହା ୧୦୨୧ ପ୍ରତିଶତ ବୋଲି ଭିଜିଲାନ୍ସ କହିଥିଲା। ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିବା ସହ ଭିଜିଲାନ୍ସ ପ୍ରତାପ ଓ ସ୍ତ୍ରୀ ସସ୍ମିତା ସାମଲଙ୍କ ନାମରେ ଏକ ମାମଲା (ନଂ. ୩୪/୨୧) ରୁଜୁ କରିଥିଲା।

# ଝିଅ ଏକୋଇଶିଆ ପାଳି ରଶିରେ ଝୁଲିପଡ଼ିଲେ ମା'

**କାମାକ୍ଷାନଗର, ୧୧।୧୧(ଡି.ଏନ୍.ଏ.)**

### କାମାକ୍ଷାନଗରରେ ଅଭାବନୀୟ ଘଟଣା

ଗତ ବୁଧବାର ଥିଲା ଝିଅର ଏକୋଇଶିଆ। ଘରେ ଭର୍ତ୍ତି ହୋଇଥିଲେ ବନ୍ଧୁବାନ୍ଧବ। ଧୂମ୍‌ଧାମ୍‌ରେ ହୋଇଥିଲା ଭୋଜିଭାତ। କଟାଯାଇଥିଲା କେକ୍। ସୁରୁଖୁରୁରେ ସରିଥିଲା ସମସ୍ତ କାର୍ଯ୍ୟକ୍ରମ। ହେଲେ ଏହି ଖୁସିକୁ ୨୪ ଘଣ୍ଟା ନ ପୂରୁଣୁ ରଶିଲଗାଇ ଝୁଲିପଡ଼ିଲେ ମା'। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ଗ୍ରାମରେ ଗୁରୁବାର ଘଟିଛି ଏଭଳି ଏକ ହୃଦୟବିଦାରକ ଘଟଣା। ମୃତକ ହେଲେ ଜିତେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶିବାନୀ (୧୯)। ପୋଲିସ ମୃତଦେହ ଜବତ କରି ତନାଘନା ଜାରି ରଖିଛି।

ପରିବାର ଲୋକଙ୍କ କହିବା କଥା, ଗତ ଫେବୃୟାରୀରେ ଭୁବନ ଗ୍ରାମର ଶିବାନୀଙ୍କ ସହିତ ଜିତେନ୍ଦ୍ରଙ୍କ ବିବାହ ହୋଇଥିଲା। ଅକ୍ଟୋବରରେ ଶିବାନୀ ଏକ କନ୍ୟାସନ୍ତାନ ଜନ୍ମଦେଇଥିବାବେଳେ ବୁଧବାର ଥିଲା ଝିଅର ଏକୋଇଶିଆ। କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଏବଂ ଶିବାନୀଙ୍କ ପରିବାର ସଦସ୍ୟଙ୍କ ସମେତ ବନ୍ଧୁବାନ୍ଧବ ଯୋଗଦେଇଥିଲେ। ତେବେ ହଠାତ୍ ଗୁରୁବାର ମଧ୍ୟାହ୍ନରେ ରଶିରେ ଝୁଲୁଥିବା ଅବସ୍ଥାରେ ଶିବାନୀଙ୍କୁ ଠାବ କରିଥିଲେ ପରିବାର ଲୋକେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ତାନ ଜନ୍ମ ହେବା ପରେ କୌଣସି କାରଣରୁ ଶିବାନୀ ମାନସିକ ଚାପରେ ଥିଲେ। ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅନୁମାନ କରୁଛନ୍ତି।

ସୂଚନା ପାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ସୁନୀଲ କୁମାର କର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ନିଜ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ଜିତେନ୍ଦ୍ର ଏୟାର ଇଣ୍ଡିଆରେ ଚାକିରି କରନ୍ତି। ଝିଅ ଏକୋଇଶିଆ ପାଇଁ ସେ ଘରକୁ ଛୁଟିରେ ଆସିଥିଲେ। ଶିବାନୀଙ୍କ ଆତ୍ମହତ୍ୟା ପରେ ୨୧ ଦିନର ଝିଅ ମା' ଛେଉଣ୍ଡ ହୋଇଯାଇଥିବାବେଳେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଦେଶର ୩ ସର୍ବୋତ୍ତମ ଥାନା ମଧ୍ୟରେ ଗଞ୍ଜାମର ଗାଙ୍ଗପୁର

**କଟକ ଅଫିସ,୧୧।୧୧**

୨୦୨୧ ବର୍ଷ ପାଇଁ ଦେଶର ୩ଟି ସର୍ବୋତ୍ତମ ଥାନା ମଧ୍ୟରେ ଗଞ୍ଜାମ ଜିଲାର ଗାଙ୍ଗପୁର ଥାନା ସ୍ଥାନ ପାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଏହି ଚୟନ କରାଯାଇଛି। ଆସନ୍ତା ୧୯ ତାରିଖରେ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ ଡିଜିପି ଓ ଆଇଜିପିମାନଙ୍କ ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେଇ ଗାଙ୍ଗପୁର ଆଇଆଇସିଙ୍କୁ ଟ୍ରଫି ପ୍ରଦାନ କରିବେ। ଏହି ଅବସରରେ ଡିଜିପି ଅଭୟ ଗାଙ୍ଗପୁରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟରେ ଆଉ ୨୭୧ ଆକ୍ରାନ୍ତ ଚିହ୍ନଟ, ୨ ମୃତ

**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)**

ରାଜ୍ୟରେ ଧୀରେ ଧୀରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଗତ ୨୪ ଘଣ୍ଟାରେ ଏଠାରୁ ୨୭୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍‌ରୁ ୧୫୮ଜଣ ଥିବାବେଳେ ୧୧୩ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ୬୦ଜଣ ୧୮ବର୍ଷରୁ କମ୍ ବୟସର ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୧୨ଜଣ ଆକ୍ରାନ୍ତ ରହିଥିବାବେଳେ କଟକରୁ ୨୩ଜଣ, ସମ୍ବଲପୁର ୨୦, ବାଲେଶ୍ୱର ୧୪, ଯାଜପୁର ଓ ସୁନ୍ଦରଗଡ଼ରୁ ୧୦ଜଣ ଲେଖାଏ, ଦେବଗଡ଼ ୮, ଜଗତ୍‌ସିଂହପୁର ଓ ପୁରୀରୁ ୭ଜଣ ଲେଖାଏ, ଢେଙ୍କାନାଳ, କେନ୍ଦୁଝର, ମାଲକାନଗିରି ଓ ମୟୂରଭଞ୍ଜରୁ ୫ଜଣ ଲେଖାଏ, ରାୟଗଡା ୪, ଭଦ୍ରକ, ଝାରସୁଗୁଡା, କଳାହାଣ୍ଡି ଓ କେନ୍ଦ୍ରାପଡାରୁ ୨ଜଣ ଲେଖାଏ, ବଲାଙ୍ଗୀର, ନୟାଗଡ ଓ ସୋନ୍‌ପୁରରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲରୁ ୨୫ଜଣ ସଂକ୍ରମିତ ବାହାରିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୪୪ହଜାର ୬୯୯ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଭଦ୍ରକ ଜିଲାର ୬୫ବର୍ଷୀୟ ଓ ଅନ୍ୟଜଣେ ଭୁବନେଶ୍ୱରର ୮୩ ବର୍ଷୀୟ ବ୍ୟକ୍ତି ରହିଛନ୍ତି। ଅପରପକ୍ଷେ ରାଜ୍ୟରୁ ଆଉ ୩୦୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

କିଟ୍ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଏହାର ୪୦୫୦ଟି ବିଭିନ୍ନ ପଦପଦବୀ ନିମନ୍ତେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

କିଟ୍ ଶିକ୍ଷାନୁଷ୍ଠାନ ସମୂହରେ
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍)
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)
କିଟ୍ ସର୍ଭିସେସ୍ | କିଟ୍ ହସ୍ପିଟାଲିଟି
ଦୟା ଓ ମାନବିକତାଭିତ୍ତିକ ବିଶ୍ୱବିଦ୍ୟାଳୟ | ଛାତ୍ରଛାତ୍ରୀ ଓ କର୍ମଚାରୀ ଅନୁକୂଳ ବିଶ୍ୱବିଦ୍ୟାଳୟ

୪୦୫୦ଟି ବିଭିନ୍ନ ପଦପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି

୧ ଡାକ୍ତର ଓ ଫାକଲ୍‌ଟି (କିଟ୍ ଓ କିମ୍ସ) – ୧୦୦ଟି ପଦବୀ
୨ ସିଷ୍ଟମ୍ ଆନାଲିଷ୍ଟ – ୨୦ଟି ପଦବୀ
୩ ସଫଟୱେର ଡେଭେଲପର୍ – ୫୦ଟି ପଦବୀ
୪ ଡିପ୍ଲୋମା ଇଞ୍ଜିନିୟର ଓ ଏମ୍‌ବିଏ ସ୍ନାତକ – ୧୦୦ଟି ପଦବୀ
୫ ନର୍ସିଂ କର୍ମଚାରୀ (ଜୁନିଅର/ବରିଷ୍ଠ) (ଜିଏନ୍‌ଏମ୍, ବିଏସ୍‌ସି ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ) – ୧୧୦୦ଟି ପଦବୀ
୬ ପାରାମେଡିକାଲ୍ କର୍ମଚାରୀ – ୨୩୦ଟି ପଦବୀ
୭ ପ୍ରଶାସନିକ କର୍ମଚାରୀ – ୧୫୦ଟି ପଦବୀ
୮ କିଟ୍ ହସ୍ପିଟାଲିଟି – ୨୦୦ଟି ପଦବୀ
୯ ଷ୍ଟେନୋଗ୍ରାଫର / ଅଫିସ୍ ଆସିଷ୍ଟାଣ୍ଟ – ୧୦୦ଟି ପଦବୀ
୧୦ ସୁରକ୍ଷା କର୍ମଚାରୀ – ୫୦୦ଟି ପଦବୀ
୧୧ ହାଉସ୍‌କିପିଂ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ – ୧୫୦୦ଟି ପଦବୀ

ଏହି ସମସ୍ତ ପଦବୀ ନିମନ୍ତେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ସ୍ୱା /-
କୁଳସଚିବ, କିଟ୍ ବିଶ୍ୱବିଦ୍ୟାଳୟ

ଶିକ୍ଷାଗତ ଯୋଗ୍ୟତା ଓ ସାଧାରଣ ଅନୁଦେଶ ବିଷୟରେ ଅଧିକ ବିବରଣୀ ପାଇଁ ଦୟାକରି କିଟ୍‌ର ୱେବ୍‌ସାଇଟ୍ (www.kiit.ac.in) ରେ ଅନୁସରଣ କରନ୍ତୁ।

ଉପରୋକ୍ତ ସମସ୍ତ ପଦବୀ ପାଇଁ ଦକ୍ଷ ଯୁବକଯୁବତୀଙ୍କୁ ଅଗ୍ରାଧିକାର ଦିଆଯିବ। ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କ ବାୟୋଡାଟା ନିମ୍ନ ଠିକଣାରେ ପଠାଇ ପାରିବେ।
recruitment.kiit2021@kiit.ac.in, recruitment2021.kiit@kiit.ac.in
ଆବେଦନ ପାଇଁ ଶେଷ ତାରିଖ- ୦୧।୧୨।୨୦୨୧

ବି.ଦ୍ର.: ଚାକିରି ପାଇଁ କୌଣସି ବ୍ୟକ୍ତିଙ୍କ ପ୍ରଲୋଭନର ଶିକାର ହୁଅନ୍ତୁ ନାହିଁ। ଚାକିରି ପାଇଁ ପରୋକ୍ଷ ସୁପାରିଶ କରାଇଥିବା ଆବେଦନକାରୀଙ୍କ ବାୟୋଡାଟା ବିଚାରକୁ ନିଆଯିବ ନାହିଁ।

କିଟ୍ ବିଶ୍ୱବିଦ୍ୟାଳୟର କେବଳ ଓ ଏକମାତ୍ର କ୍ୟାମ୍ପସ୍ ଓଡ଼ିଶାର ଭୁବନେଶ୍ୱରରେ ଅବସ୍ଥିତ। ଏହାର ଅନ୍ୟ କୌଣସି ଶାଖା କ୍ୟାମ୍ପସ୍ କିମ୍ବା ଅଫ୍ କ୍ୟାମ୍ପସ୍ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଶୁଭାଙ୍ଗୀ
ପରିବାରବର୍ଗ


ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଛୁଆକେ ଆଶ୍ ନାହିଁ, ବୁଢ଼ା ବଳଦେ ଚାଷ୍ ନାହିଁ।

ଛୋଟପିଲା ବଡ଼ ହୋଇ କିଭଳି ହେବ ତାହା ଏବେଠୁ ଆକଳନ କରିବା ଅସମ୍ଭବ। ତେଣୁ ଏଭଳି ଛୋଟପିଲା ପ୍ରତି କୌଣସି ପ୍ରକାର ଆଶା ଓ ଭରସା ରଖିବା ଉଚିତ ହୋଇ ନ ଥାଏ। ସେହିପରି ବଳଦ କାମ କରି କରି ବୁଢ଼ା ହୋଇଗଲା ପରେ ଆଉ ସେ କୌଣସି କାମ କରିବାକୁ ସକ୍ଷମ ହୋଇ ନ ଥାଏ। ଫଳସ୍ୱରୂପ ସେହି ବୁଢ଼ା ବଳଦଟି ଚାଷ କାମ କରିବାକୁ ଅଯୋଗ୍ୟ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

### ଛାଡ଼ିଲା ମାଇପ ପୁଅଙ୍କ ବଇରି।

ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ଶିଶୁର ସମସ୍ତ ଦାୟିତ୍ୱ ମା' ଉପରେ ନ୍ୟସ୍ତ ଥାଏ। ଏଭଳି ସ୍ଥିତିରେ ମା'କୁ ଶିଶୁଠାରୁ ଅଲଗା କରି ଦିଆଗଲେ ଶିଶୁଟି ଅବହେଳାର ଶିକାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗାଁ ସଭାପତି ଗିରଫ

## କଙ୍ଗାରୁ କୋର୍ଟ ଯୋଗୁ ଯୁବକଙ୍କ ଆତ୍ମହତ୍ୟା ଘଟଣା

**ନୟାଗଡ଼ ଅଫିସ/ରଣପୁର,୧୧।୧୧(ସ୍ୱ.ପ୍ର.)**

କଙ୍ଗାରୁ କୋର୍ଟ ତରଫରୁ ଜରିମାନା ହେବାରୁ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଖଡିଆ ଗାଁରେ ସୁନନ୍ଦ ବେହେରା(୩୫) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିଲେ। ଏ ସଂକ୍ରାନ୍ତରେ ସୁନନ୍ଦଙ୍କ ସ୍ତ୍ରୀ ଗୀତାଞ୍ଜଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗାଁ ସଭାପତି ଭାଗବତ ଭୂୟାଁ(୬୫)ଙ୍କୁ ଗୁରୁବାର ଗିରଫ କରିଛି। ଏହି ଘଟଣାରେ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ମଧ୍ୟ ଗୀତାଞ୍ଜଳି ଦାୟୀ କରିଥିଲେ। ଗୀତାଞ୍ଜଳିଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ସୁନନ୍ଦ ଜଣେ ସମ୍ପର୍କୀୟଙ୍କୁ ନେଇ ଗତ ଶନିବାର ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ମିଟିଂ ଅଛି କହି ରୋଗୀ ଦେଖି ନ ଥିଲେ। ଏହାକୁ ନେଇ ସୁନନ୍ଦ ଓ ଡାକ୍ତରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣା ସମ୍ପର୍କରେ ଡାକ୍ତର ଗାଁ ସଭାପତିଙ୍କୁ ଜଣାଇଥିଲେ। ଭୁଲ ମାଗିବା ପରେ ବି କଙ୍ଗାରୁ କୋର୍ଟ ବସାଇ ଗାଁ ସଭାପତି ସୁନନ୍ଦଙ୍କୁ ୮ ହଜାର ଟଙ୍କା ଜରିମାନା କରିଥିଲେ। ଏଥିରେ ସୁନନ୍ଦ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ।

# ଜିନ୍ଦଲ କାରଖାନାରୁ ଫେରୋକ୍ରୋମ୍ ରେକ୍ ଶୁଭାରମ୍ଭ



**କଳିଙ୍ଗନଗର,୧୧।୧୧(ଡି.ଏନ୍.ଏ.)**

କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ କାରଖାନାରୁ ପ୍ରଥମ ଥର ପାଇଁ ଏକ ଫେରୋକ୍ରୋମ୍ ଭର୍ତ୍ତି ରେକ୍ ଗୁରୁବାର ଶୁଭାରମ୍ଭ ହୋଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନର ବରିଷ୍ଠ ଡିଭିଜନାଲ ବାଣିଜ୍ୟ ପ୍ରବନ୍ଧକ ଅମିତେଶ ଆନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରେକ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଉକ୍ତ ରେକ୍‌ରେ ୩୬ଟି ବଗିରେ ୨୧୭୧.୮୧ ମେଟ୍ରିକ ଟନ ଓଜନର ଫେରୋକ୍ରୋମ ଓ ୮ଟି ବଗିରେ ୩୦୦.୪୮ ମେଟ୍ରିକ ଟନ ଓଜନର ବ୍ରିକ୍ କୋକ୍ ହରିୟାନାର ହିସାରକୁ ପଠାଯାଇଛି। ଗୋଟିଏ ରେଳରେ କେବଳ ଫେରୋକ୍ରୋମ ଭର୍ତ୍ତି କରି ପଠାଯିବା ଏହା ପ୍ରଥମ। ସଡ଼କ ପଥରେ ମାଲ ପରିବହନ ବେଳେ ଅନେକ ଗାଡି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେଉଥିଲା, ଫଳରେ କମ୍ପାନୀ ବହୁକ୍ଷତିସହୁଥିଲା। ରେଳଦ୍ୱାରା ମାଲ ପରିବହନ ହେବାରୁ ପରିବେଶ ସୁରକ୍ଷା ହେବ। ଏଥିପାଇଁ ସମୟ ବଞ୍ଚିବା ସହ କମ୍ ଖର୍ଚ୍ଚରେ ଅଧିକ ମାଲ ପରିବହନ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ କମ୍ପାନୀର ପରିବହନ ମୁଖ୍ୟ ଭେଙ୍କଟେଶ୍ୱର ରାଓ, ସିକ୍ୟୁରିଟି ଏବଂ ଭିଜିଲାନ୍ସ ମୁଖ୍ୟ ରାକେଶ ରାୟ ଓ ଏଭିପି ପରିବହନ ରାହୁଲ ହିମତ ସିଙ୍ଗ୍‌କା ଉପସ୍ଥିତ ଥିଲେ। ବରିଷ୍ଠ ପ୍ରବନ୍ଧକ ଅରବିନ୍ଦ ଦ୍ୱିବେଦୀ, ଇଏଚ୍ଏସ୍ ବିଭାଗର ସହପ୍ରବନ୍ଧକ ଡକ୍ଟର ଲୋକନାଥ ସାହୁଙ୍କ ସହିତ ପରିବହନ ବିଭାଗର ଅନ୍ୟାନ୍ୟ ଅଧିକାରୀଗଣ ଏହି ବ୍ୟବସ୍ଥାକୁ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବିବ୍ରତ କରାଇବ। ବୁଝାମଣା ଭଲ ରହିବା ଯୋଗୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଝଗଡ଼ା ଲାଗିପାରେ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** – କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ଲାଗି ରହିବା ହେତୁ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କଲେ ସମସ୍ୟା କମିବା ବଦଳରେ ବିଶେଷ ଭାବେ ବୃଦ୍ଧି ପାଇବ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପ୍ରାୟତଃ ଭଲରେ ଚାଲିବ। ପରିବହନରେ କ୍ଷତି କିମ୍ବା ଆକସ୍ମିକ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** – ପରିବାର ଭିତରେ ସୁସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ଓ ମିଥ୍ୟାରୋପ ଅଶାନ୍ତିର ମୁଖ୍ୟ କାରଣ ହେବ।

**କର୍କଟ** – କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସୀ ରହିପାରନ୍ତି।

**ସିଂହ** – ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଆଜି ସତକଥା କହି ବିବାଦ ଘେରରେ ପଡ଼ି ପାରନ୍ତି, ଏଣୁ ଭାବିଚିନ୍ତି କହନ୍ତୁ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** – ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଆନନ୍ଦ ଅନୁଭବ କରିବେ। ଚିତ୍ରାର କେତେକ ପୁରୁଣା କଥାକୁ ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବା କାରଣରୁ ବିରକ୍ତ ହୋଇପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ହେତୁ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ବିଛା** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଆଜି ଦିନଟି କଳା, ସଭା ସମିତି ଓ ମନୋରଞ୍ଜନ ପାଇଁ ଶୁଭଦାୟକ ହେବ। କିନ୍ତୁ ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ** – ସକାଳୁ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପାଖ, ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** – କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିସ୍ଥିତିକୁ ଦେଖି ଧାର କରଜ କରିବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନେ କାଲେ ଦେବାକୁ ପଡ଼ିବ,ଏହି କାରଣରୁ ପାଖ ମାଡ଼ିବେ ନାହିଁ। ଶଯ୍ୟାଶାୟୀ ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିବେ। ବ୍ୟବସାୟିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କୁମ୍ଭ** – ବନ୍ଧୁଙ୍କ ପରାମର୍ଶରେ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ପରିବାର ମଧରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ସକାଳୁଆ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନର ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ମନରେ ଜାଗତ ହୋଇପାରେ।

**ମୀନ** – କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡ଼ି ଯାଇଥିବ। ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

# classifieds

Everyday
0674-2580101, 2549302



**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736



**SALE**

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71199

Private plot for sale, Khandagiri & Patrapada. Price 999/- Sqft. 9437335686, 7008487006. D-22215

Furnished, Non-Furnished office space available centrally located Unit-9. 7789837712, 9861256148. D22224

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

Apartment for sale, immediate possession, 2BHK, excellent location, VIP Road main road, Puri. Call 9078981785. D-61933

ଭୁବନେଶ୍ୱର-ପୁରୀ ବାଇପାସ ରୋଡ୍‌ରେ ବାଙ୍କୁଆଳ ମୌଜା ଘରବାରି ପ୍ଲଟ୍ ମିଳୁଛି। ଯୋଗାଯୋଗ ଫୋନ୍- 9827339640. D-22222

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8908122121.** D-71729

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି। 9337028135.** D-71733

Apartment for sale, immediate possession, 2BHK + study, excellent location, near Capital Hospital, Bhubaneswar. Call 9078981785. D-61932

Property For Sale At Badambadi Cuttack, Commercial Building (Built 12300 Sqft./32 Rooms With Attached Bath) Land 3500 Sqft. Contact: P.Swain 08249436455. D-22233

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70967

RESTAURANT for sale of 460sqft. with all setup including utensils and accessories near Starcity Chhak, Patia. Contact- 8637266381, 7008225324. D-22231



**300-900sqft commercial space for office Rent, Dolamundai-Badambadi Road, Cuttack-8917690567.** D-22209

Two Shop Rooms each 15'x10' available on rent at Hanuman Bazaar infront of Gundicha Temple, Angul. Contact: 8018147636, 8902107550. D-22236

**Tolet Ground & First Floor, built up area 5000 sft. over 11000sft. land on Balikuda-Trishulia Road, Cuttack. Suitable for corporate office, guest house or TV/Film shooting purpose. Call 9101232568.** D-71009

Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar-751019 was let-out to Bank. Contact: 9871816986. D-71436

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211



Ashirvaad Saloon and SPA get good massage for your health tha best therapy. 7077181074. D-71817

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

Refreshing your mind and body with the best therapy. 7873794731. D-71197

Monalisa massage Club: All types Body massage with hiprofile smart lady rooms service available. 9708545108. D-22204

Newly open SPA positively health benefits by expert therapist. 7846814019. D-71433

Newly open full body massage ladies and gents. 8327740003. D-71813

Newly open spa center, November Dhamaka 599/-, Smart therapist. 8455987557. D-71434

**LOST**

Registered Sale Deed vide No-3816/05.12.1988 in favour of smt. Chandrama @ Chandra Hota was lost somewhere at Bhanjanagar town area during marketing on 30-10-2021 at about 10 A.M., as reported by me vide Bhanjanagar P.S. Station, Diary No-025/07.11.2021.
If any kind hearted person will find out the said, kindly handover to undersigned or Bhanjanagar Police.
Assis Kumar Hota
Bhanjanagar
Mob:9938502424
D-22230

**AFFIDAVIT**

By virtue of an affidavit on dtd. 11.11.2021, I, Mohammed Sidique, S/o- Mohammed Matu, At- Golamahammad Patna, Po.- Bhakarasahi, Ps.- Balipatana, Dist- Khordha change my name from Mohammed Sidique to Mohammad Siddique for all purpose. D-71816

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE SENIOR CIVIL JUDGE, DHENKANAL
CIVIL SUIT No. 142 of 2020

Jayanti Bal @ Shantilata Patra, aged about 45 years, Wife of late Surendra Prasad Bal.
Village Patimunda, P.O. Anantapur, P.S. Soro, Dist. Balasore, At Present L/4, Housing Board, Baji Chowk, Dhenkanal, P.O. Dhenkanal, P.S. Town, District of Dhenkanal.
....... ....... Plaintiff
Versus
1. State of Odisha, Represented through The Collector-cum-District Magistrate, Dhenkanal, P.S. Town, Dist. Dhenkanal.
2. Executive Engineer, RWS & S Division, Dhenkanal, P.S. Town, Dist-. Dhenkanal.
....Defendants

Whereas the above named Plaintiff has filed the above suit before this Hon'ble court to declare that Jayanti Bal, wife of late Surendra Prasad Bal of village Housing Colony, Baji Chowk. P.S. Town, Dist. Dhenkanal & Shantilata Patra, Wife of late Surendra Prasad Bal, daughter of Sabitri Patra & Nidhiram Patra of village Sultanpur, P.S. Soro, Dist. Balasore is same & one person. The person who is interested to file any objection to this, She/ he is to appear before this court in person or by pleader on or before 25th day of November 2021 at about 10:30 A.M. positively, failing which the matter will be decided in his/her absence in accordance with law.
Given under my hand and the seal of the Court, this 6th day of November, 2021.
Sd.- Subas Ch. Dhal,
Senior Civil Judge,
Dhenkanal
D-70368

### ପ୍ରଥମ ପୃଷ୍ଠାରୁ...

## ବନ୍ଦ ହେବ...

ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ଚାଲିଛନ୍ତି। କଂଗ୍ରେସ ପରିଚାଳିତ ଉପା ସରକାରଙ୍କ ସମୟରେ କାର୍ଯ୍ୟକାରୀ ହୋଇଥିବା ବିଆରଜିଏଫ୍ ପାଣ୍ଠି, ଆଦର୍ଶ ସ୍କୁଲକୁ ଅନୁଦାନ ସହ ୮ଟି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିବା ବେଳେ ଅନେକ ଯୋଜନାରେ କେନ୍ଦ୍ର ରାଜ୍ୟ ଅନୁଦାନ ରାଶିକୁ ୬୦:୪୦ରେ ସୀମିତ କରି ଦେଇଛନ୍ତି। ଏଥିଯୋଗୁ ଅଧା ରହିଥିବା କେନ୍ଦ୍ର ଯୋଜନାକୁ ଚାଲୁ ରଖିବା ପାଇଁ ରାଜ୍ୟ ରାଜକୋଷ ଉପରେ ଆର୍ଥିକ ବୋଝ ପଡ଼ି ଚାଲିଛି।

କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ଆତ୍ମା ଜରିଆରେ ରାଜ୍ୟରେ କୃଷିର ବିକାଶ ପାଇଁ ଅନେକ ଯୋଜନା ରାଜ୍ୟ ସରକାର ହାତକୁ ନେଇଛନ୍ତି। ଅନୁଦାନ ବନ୍ଦ ହେବା ପରେ ଏହା ଏକପ୍ରକାର ଅଚଳ ହୋଇଯିବ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଚଳାଇବା କଷ୍ଟକର ହୋଇ ପଡ଼ିବ।

## ମେ ସୁଦ୍ଧା ୫-ଜି...

ସୁଦ୍ଧା ଏହା ରିପୋର୍ଟ ଦେଇପାରେ। ବେଶି ହେଲେ ରିପୋର୍ଟ ମାର୍ଚ୍ଚ ଶେଷ ସୁଦ୍ଧା ମିଳିଯାଇପାରେ। ଏହା ପରେ ନିଲାମ ପ୍ରକ୍ରିୟା ଆଗକୁ ବଢ଼ିବ। ରିପୋର୍ଟ ନ ଆସିଲା ଯାଏ ଠିକ୍ ସମୟ ଅବଧି କହି ହେବ ନାହିଁ ବୋଲି ବୈଷ୍ଣବ ସ୍ପଷ୍ଟ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ଥର ଲାଗି ସ୍ପେକ୍ଟ୍ରମ ନିଲାମ ହୋଇଥିଲା। ଆଗାମୀ ୫ରୁ ୧୦ ବର୍ଷକୁ ନଜରରେ ରଖି ସରକାର ନିଲାମ ପ୍ରକ୍ରିୟା ସମ୍ପାଦନ କରିବେ। ଶେଷ ଥର ୮୬୫.୬ ମେଗା ହର୍ଜ ସ୍ପେକ୍ଟ୍ରମ ୭୭,୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲା। ଆଗାମୀ ଦିନରେ ମଧ ଟେଲିକମ୍ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଜାରି ରହିବ ବୋଲି ବୈଷ୍ଣବ ମତ ରଖିଛନ୍ତି।

ଦେଶର ଟେଲିକମ୍ କ୍ଷେତ୍ରରେ ବିଶ୍ୱସ୍ତରୀୟ ନିୟାମାବଳୀ ଲାଗୁ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେପ୍ଟେମ୍ବରରେ ଏହି କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯାଇଥିଲା। ଏହି କ୍ଷେତ୍ରରେ ନିବେଶକୁ ୨ରୁ ୪ ଗୁଣ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଟେଲିକମ୍ ସେବା ଉପଲବ୍ଧ ନ ଥିବା ସ୍ଥାନରେ ସେବା ଯୋଗାଣ ଏବଂ ସେବାରେ ଗୁଣବତ୍ତାକୁ ଧ୍ୟାନରେ ରଖାଯାଇଛି। ଟେଲିକମ୍ କ୍ଷେତ୍ରରେ ନିବେଶ କମ୍ ଥିବାରୁ କଲ୍ ଭଳି ସମସ୍ୟା ସାମ୍ନାକୁ ଆସୁଛି। ସେହିଭଳି ବିଭିନ୍ନ ସଂସ୍କାର ପ୍ରକ୍ରିୟା ଦ୍ୱାରା ଟେଲିକମ୍ କ୍ଷେତ୍ରର ବିକାଶ ଲାଗି ସରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ବୈଷ୍ଣବ କହିଛନ୍ତି।

## ବିବାଦରେ ଖୁର୍ସିଦଙ୍କ...

କଂଗ୍ରେସର ସଲମାନ୍ ଖୁର୍ସିଦ ହିନ୍ଦୁତ୍ୱକୁ ଆଇଏସ୍ ଏବଂ ବୋକୋ ହାରାମ ଭଳି ଆତଙ୍କବାଦୀ ସଙ୍ଗଠନ ସହ ତୁଳନା କରିଛନ୍ତି। ମୁସଲିମ ଭୋଟ ହାତେଇବା ପାଇଁ ଗୈରିକ ଆତଙ୍କବାଦ ଭଳି ଶବ୍ଦ ବିକଶିତ କରିଥିବା ଏକ ଦଳର ନେତାଙ୍କଠାରୁ ଆଉ କ'ଣ ଆଶା କରାଯାଇପାରେ? ସେହିପରି ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି, ଖୁର୍ସିଦଙ୍କ ପୁସ୍ତକ ଦେଶର ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଛି। କଂଗ୍ରେସ ଦଳ ଭାରତରେ ଥାଇ ଭାରତକୁ ଏଭଳି ବଦନାମ କାହିଁକି କରୁଛି। କଂଗ୍ରେସ ହିନ୍ଦୁମାନଙ୍କ ବିରୋଧରେ ବୁଢ଼ିଆଣୀ ଜାଲ ବୁଣୁଛି। ଏସବୁ ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କ ଇଙ୍ଗିତରେ ଚାଲିଛି। ପୂର୍ବରୁ ମଧ କଂଗ୍ରେସ ଅଫିସ୍ 'ହିନ୍ଦୁତ୍ୱ ଆତଙ୍କବାଦ' ଶବ୍ଦ ଉଦ୍ଭାବନ କରିଥିଲା। ବର୍ତ୍ତମାନ ଖୁର୍ସିଦଙ୍କ ଲେଖାକୁ ନେଇ ସୋନିଆ ନୀରବ ରହିଲେ ତାଙ୍କ ବିଚାରଧାରା ହିନ୍ଦୁତ୍ୱ ବିରୋଧୀ ବୋଲି ସ୍ପଷ୍ଟ ହେବ।

## ସଂକ୍ଷେପରେ

### ଧବଳେଶ୍ୱର ପୀଠରେ ୧୪୪

**ଖୁଣ୍ଟୁଣୀ, ୧୧।୧୧ (ଡି.ଏନ.ଏ.):** କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ପ୍ରତିବର୍ଷ ପଞ୍ଚକ ଓ ବଡ଼ଓଷାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ଚଳିତବର୍ଷ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପୀଠରେ ୧୪୪ ଧାରା ଜାରି କରାଯାଇଛି। ୧୨ ତାରିଖ ଭୋର ୪ଟାରୁ ୧୯ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ ବୋଲି ଦେବୋତ୍ତର ପ୍ରଶାସନ ମୁଖ୍ୟ ତଥା ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୧୧୭ ଏସ୍‌ଆଇଙ୍କ ପଦୋନ୍ନତି

**କଟକ ଅଫିସ,୧୧।୧୧:** ଓଡ଼ିଶା ପୋଲିସର ୧୧୭ ଜଣ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ପଦୋନ୍ନତି ପାଇଛନ୍ତି। ଗୁରୁବାର ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

### ବନ୍ଧୁକ ଦେଖାଇ ପେଟ୍ରୋଲ ପମ୍ପରୁ ଲୁଟ୍

**ବାରିପଦା ଅଫିସ/ବୈଶିଙ୍ଗା,୧୧।୧୧ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବଡ଼ସାହି-ମାଣତ୍ରି ରାସ୍ତାର ମାଳହାତୀଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୭ହଜାର ଟଙ୍କା ଲୁଟି ନେଇଛନ୍ତି । ଏ ସଂକ୍ରାନ୍ତରେ ପେଟ୍ରୋଲ ପମ୍ପର ମାଲିକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ୨ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ପଶି ଜଣେ କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା ମାଗିଥିଲେ। କର୍ମଚାରୀ ଜଣକ ୭ହଜାର ଟଙ୍କା ଦେବା ପରେ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁବାର ସକାଳେ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ




**ଭଦ୍ରକ ଅଫିସ, ୧୧।୧୧:** ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ଟାଉନ ଥାନା ପୋଲିସ ଜବତ କରିଛି। ୫୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଆମ୍ବୁଲାନ୍ସକୁ ଜବତ କରିଛି ପୋଲିସ। ଆମ୍ବୁଲାନ୍ସଟି ଗଞ୍ଜେଇ ନେଇ କଟକରୁ ଭଦ୍ରକ ଅଭିମୁଖେ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଟାଉନ ପୋଲିସ ବନ୍ତ ଛକ ନିକଟରେ ଜଗି ରହିଥିଲା। ସେଠାରେ ଆମ୍ବୁଲାନ୍ସକୁ ଅଟକାଇ ଯାଞ୍ଚ ବେଳେ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚାଲାଣ କରୁଥିବା ଆମ୍ବୁଲାନ୍ସ ଡ୍ରାଇଭର ସମେତ ୨ ଜଣଙ୍କୁ ନେଇ ପୋଲିସ ଥାନାରେ ଅଟକ ରଖିଛି। ଘଟଣାର ତଦନ୍ତ ଜାରି ରହିଥିବା ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ କହିଛନ୍ତି।

# ରାସ୍ତା ଭାଙ୍ଗି ଅଡୁଆରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍

## ଥାନାରେ ଅଭିଯୋଗ କଲା ଗ୍ରାମ୍ୟ ନିର୍ମାଣ ବିଭାଗ



**ଯାଜପୁର ଅଫିସ,୧୧।୧୧**

ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) କ୍ଷେତ୍ରରେ ଯାଜପୁର ଜିଲାରେ ଏକ ଅଜବ ଘଟଣା ଘଟିଛି। ପଞ୍ଚାୟତିରାଜ ବିଭାଗର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜଳଯୋଗାଣ ପ୍ରକଳ୍ପର ପାଇପ୍‌ବିଛା କାର୍ଯ୍ୟରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନପୁରଠାରୁ ଉତ୍ତ୍ରାଙ୍ଗ ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ନଷ୍ଟ ହୋଇଯାଇଛି। ପାଇପ୍‌ବିଛା କାର୍ଯ୍ୟ ସରିବା ପରେ ଭଙ୍ଗା ରାସ୍ତାକୁ ଛାଡ଼ି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ ଫେରାର ହୋଇଯାଇଛନ୍ତି। ଚୁକ୍ତି ଅନୁସାରେ ରାସ୍ତାପାର୍ଶ୍ୱ ତଳ ଅଞ୍ଚଳରେ ପାଇପ୍ ନ ବିଛାଇ କଂକ୍ରିଟକୁ ଭାଙ୍ଗି ଦିଆଯାଇଛି। ତେଣୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ପକ୍ଷରୁ ଏଥିପାଇଁ ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ ନାଁରେ ବିଞ୍ଝାରପୁର ଥାନାରେ ଏକ ଏଫ୍‌ଆଇଆର୍ ଦିଆଯାଇଛି। ଏହାସହ ଏହି ରାସ୍ତାର ମରାମତି ପାଇଁ ସମ୍ପୃକ୍ତ ଡିଭିଜନ ପକ୍ଷରୁ ୨୮।୧୦।୨୦୨୧ରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଗ୍ରାମ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର(ପ୍ଲାନ ରୋଡ୍)ଙ୍କୁ ଅନୁରୋଧ କରାଯାଇଛି। ଏହି ମାମଲାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରି ପାରିନାହାନ୍ତି।

ରାଜ୍ୟ ସରକାରଙ୍କ ବିଭାଗ-ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ମାମଲା ଥାନାରେ ପହଞ୍ଚିଛି। ଏହାବାଦ୍ ମାତ୍ର ଦେଢ଼ କି.ମି. କଂକ୍ରିଟ ରାସ୍ତାର ମରାମତି ପାଇଁ ଯେଉଁ ୯୦ ଲକ୍ଷ ଟଙ୍କାର ଅଟକଳ ହୋଇଛି, ତାହା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଲୁଟ୍ ମସୁଧା ବୋଲି ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ତା'ର ଖର୍ଚ୍ଚ ଉଠାଇବାକୁ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବା ମଧ୍ୟ ଅଭିଯୋଗ ହେଉଛି। ତେଣୁ ଏନେଇ ଭିଜିଲାନ୍ସ ତଦନ୍ତର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି। ବିଞ୍ଝାରପୁର ବ୍ଲକ ଦାୟିତ୍ୱରେ ରହିଥିବା ଆର୍‌ଡି ଯନ୍ତ୍ରୀମାନଙ୍କ କାର୍ଯ୍ୟକ୍ଷେତ୍ରରେ କେତେ ସ୍ୱଚ୍ଛତା ରହିଛି, ତାହା ଏଥିରୁ ସହଜେ ଅନୁମେୟ। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ନିର୍ମାଣାଧୀନ ଏକାଧିକ ରାସ୍ତା ଓ ବ୍ରିଜର ମାନକୁ ତଦନ୍ତ କରାଗଲେ ଏଭଳି ଅନେକ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ମଧ୍ୟ ଦାବି କରାଯାଉଛି।

ସୂଚନାଯୋଗ୍ୟ, ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା। ତେବେ ଏହି ଯୋଜନାରୁ ବାକି ରହିଥିବା ବସତିଙ୍କ ଉଦ୍ଦେଶ୍ୟରେ ୨୦୧୪-୧୫ ବର୍ଷରୁ ଏମ୍‌ଏମ୍‌ଏସ୍‌ୱାଇ କାର୍ଯ୍ୟକାରୀ ହୋଇଥିଲା। ଗ୍ରାମ୍ୟ ରାସ୍ତାକୁ ସୁଦୃଢ଼ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଯୋଜନାର ଲକ୍ଷ୍ୟ। ଏହିକ୍ରମରେ ଯାଜପୁର ଡିଭିଜନ-୧ ଅଧୀନରେ ବର୍ତ୍ତମାନ ୯ଟି ଓ ଜାରକା ଡିଭିଜନ ଅଧୀନରେ ୪ଟି ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା କାର୍ଯ୍ୟ ଚାଲିଛି। ଏଥିପାଇଁ ୨୯୬୬.୪୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ହେଲେ ଦାୟିତ୍ୱରେ ରହିଥିବା ଠିକାଦାରଙ୍କ ମନମାନି ଯୋଗୁ ରାସ୍ତାର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବାବେଳେ ବିଭାଗୀୟ ଯନ୍ତ୍ରୀ ପ୍ରାୟ ଅନୁପସ୍ଥିତ ରହୁଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଏସ୍‌ଡିଓ ଜ୍ୟୋତିପ୍ରକାଶ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯେଉଁ କାମ କରିଥିଲା ତାହା ଅତି ନିମ୍ନମାନର। ତେଣୁ ସମ୍ପୂର୍ଣ୍ଣ କାମ କରିବାକୁ ୯୦ ଲକ୍ଷ ଟଙ୍କା ମଗାଯାଇଛି ବୋଲି ସାମଲ କହିଛନ୍ତି। ହେଲେ ୨୦୨୧ ପ୍ରଥମାର୍ଦ୍ଧରେ ଶେଷ ହୋଇଥିବା ବହୁ କୋଟି ଟଙ୍କାର ଏହି ରାସ୍ତା କାମ ଉପରେ ପୁଣି ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଯୋଜନା କରାଯାଉଛି। ଏଭଳି ଭାବେ କରଦାତାଙ୍କ ଅର୍ଥରେ ରାଜକୋଷକୁ ଲୁଟ କରାଯାଉଥିବା ସ୍ପଷ୍ଟ ମନେହେଉଛି।

# ବାଲ୍ୟବିବାହ ପ୍ରତ୍ୟାଖ୍ୟାନ କରି ପ୍ରଶଂସିତ ପ୍ରୀତି



ପ୍ରୀତିଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରଶଂସାପତ୍ର ଦେଉଛନ୍ତି।

**ପାତ୍ରପୁର,୧୧।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ତଣ୍ଡିପୁର ପଞ୍ଚାୟତ ସାହସପୁର ଗ୍ରାମର ଜଣେ ନାବାଳିକା ବାଲ୍ୟବିବାହକୁ ପ୍ରତ୍ୟାଖ୍ୟାନ କରି ପ୍ରଶଂସା ସାଉଁଟିଛନ୍ତି। ସେ ହେଲେ ପ୍ରୀତି ମହାନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ପ୍ରୀତି ଯୁକ୍ତ ୨ ବିଜ୍ଞାନ ପାସ୍ କରି ଘରେ ଅଛନ୍ତି। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଅଧିକ ପଢ଼ିବା ପାଇଁ ସାହସ ଜୁଟେଇ ପାରୁନାହାନ୍ତି। ଏହି ଅସୁବିଧା ଜାଣିବା ପରେ ଆଗକୁ ଆବଶ୍ୟକ ସାହାଯ୍ୟ ଯୋଗାଇଦେବେ ବୋଲି ଜିଲାପାଳ ଆଶ୍ୱାସନା ଦେଇଛନ୍ତି।

ପ୍ରୀତି ଜଣେ ଗରିବ ଘରର ଝିଅ। ପରିବାର କହିଲେ ତାଙ୍କ ମା' ଓ ଅଜାଆଇ। ଛୋଟ ବେଳୁ ବାପା କେଉଁଆଡେ ଚାଲି ଯାଇଛନ୍ତି । ଏଭଳି ସ୍ଥିତିରେ ତାଙ୍କ ବିବାହ ନିମନ୍ତେ ସ୍ଥିର ହୋଇଥିଲା। ଏବେ ବାହାଘର ନ କରିବାକୁ ପ୍ରୀତି ପରିବାର ଲୋକଙ୍କୁ କହିପାରୁ ନ ଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରରେ ନିର୍ଭୟ କଢ଼ି ଓ ବାଲ୍ୟବିବାହ ନିରୋଧ କାର୍ଯ୍ୟକ୍ରମରେ ଯୋଗଦେଇ ଘରେ ତାଙ୍କର ବାଲ୍ୟବିବାହ କରିବାକୁ ନିଷ୍ପତ୍ତି ନେଇଥିବା ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଙ୍ଗନୱାଡି କର୍ମୀ ସୁଜାତା ଶୁଭଦର୍ଶିନୀ ନାବାଳିକାଙ୍କ ଆଇ ଅଜା ଓ ମା'ଙ୍କୁ ବୁଝାଇ ବାହାଘର ବନ୍ଦ କରିବାକୁ କହିଥିଲେ। ହେଲେ ସେମାନେ ଝିଅର ବାହାଘର କରିଦେବେ ବୋଲି ଜିଦ୍ ଧରିଥିଲେ। ପରେ ଏ ସମ୍ପର୍କରେ ପାତ୍ରପୁର ସିଡିପିଓଙ୍କୁ ଖବର ଦିଆଯାଇଥିଲା। ସିଡିପିଓ ମଧ୍ୟ ବହୁତ ବୁଝାଇଥିଲେ ମଧ୍ୟ ପରିବାର ଲୋକେ ଶୁଣି ନ ଥିଲେ। ଝିଅ ବିବାହ ନ କଲେ ତାକୁ ଘରୁ ବାହାର କରିଦେବେ ବୋଲି କହିଥିଲେ। ତେବେ ପ୍ରୀତି ଏହା ଶୁଣି ମୋତେ ଅଠର ବର୍ଷ ହୋଇନି, ଯଦି ବାହାଘର ପାଇଁ ଜିଦ ଧରିବ ଆଇନର ଆଶ୍ରୟ ନେବି ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହା ପରେ ପରିବାର ଲୋକେ ଝିଅର ବିବାହ ବର୍ତ୍ତମାନ କରିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ପରେ ପ୍ରୀତି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ବିଶ୍ୱଜିତ ପୂର୍ବତଟ ରେଳପଥର ନୂତନ ସିପିଆରଓ



**ଭୁବନେଶ୍ୱର,୧୧।୧୧**

ଭାରତୀୟ ରେଳପଥ ଷ୍ଟୋର ସର୍ଭିସ୍ (ଆଇଆର୍‌ଏସ୍‌ଏସ୍)ର ୨୦୧୩ ବ୍ୟାଚ୍‌ର ଅଧିକାରୀ ବିଶ୍ୱଜିତ ସାହୁ ପୂର୍ବତଟ ରେଳପଥର ନୂତନ ମୁଖ୍ୟ ଜନସମ୍ପର୍କ ଅଧିକାରୀ (ସିପିଆର୍‌ଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମରିସସ୍ ରେଳପଥକୁ ଡେପୁଟେଶନରେ ବିଦେଶ ଯାଉଥିବା ବିଦାୟୀ ମୁଖ୍ୟ ସିପିଆରଓ ତଥା ଭାରତୀୟ ରେଳପଥ ମେକାନିକାଲ ଇଞ୍ଜିନିୟରିଂ ସେବା ଅଧିକାରୀ କୋଶଳେନ୍ଦ୍ର କିଶୋର ଖାଡ଼ଙ୍ଗାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ଜନସମ୍ପର୍କ ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସାହୁ ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଉପ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ରେଳପଥର କାର୍ଯ୍ୟ ସମ୍ପାଦନରେ ସାମଗ୍ରୀ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ସେ ବିଶାଖାପାଟଣାଠାରେ ସିନିୟର ମ୍ୟାଟେରିଆଲ ମ୍ୟାନେଜର ଓ ଡିଭିଜନାଲ ମ୍ୟାଟେରିଆଲ୍ ମ୍ୟାନେଜର ଏବଂ ଭୁବନେଶ୍ୱରର ମଞ୍ଚେଶ୍ୱରରେ ଥିବା ରେଳଡବା ମରାମତି କାରଖାନାରେ ମଧ୍ୟ ସିନିୟର ମ୍ୟାଟେରିଆଲ ମ୍ୟାନେଜର ଭାବେ କାର୍ଯ୍ୟ କରିଛନ୍ତି।

# ଡିସେମ୍ବର ୧ରୁ ବାଲୁକା କଳା, କୋଣାର୍କ ଉତ୍ସବ




ବୈଠକରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ଏବଂ ଅନ୍ୟ ଅଧିକାରୀ।

**କୋଣାର୍କ, ୧୧।୧୧(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ଅନୁପମ ସମାରୋହ କୋଣାର୍କ ଉତ୍ସବ-୨୦୨୧ ଆସନ୍ତା ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜନ ହେବ। ଏଥିସହ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ୫ଦିନ ବ୍ୟାପୀ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ୫ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ସାହିତ୍ୟ ଆସର ଓ ଚିତ୍ରକଳା ଶିବିର ହେବ। ସେହିପରି କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ନଭେମ୍ବର ୩୦ରେ ସାଇକ୍ଲୋଥନ ଏବଂ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ ୧ତାରିଖ ସକାଳେ ଗଣଦୌଡ଼ ଆୟୋଜନ ହେବ। ଏନେଇ ଗୁରୁବାର କୋଣାର୍କ ଯାତ୍ରିନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ପରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି।

ପ୍ରମୁଖ ସଚିବ କହିଛନ୍ତି ଯେ ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆମନ୍ତ୍ରିତ ନୃତ୍ୟାନୁଷ୍ଠାନର

■ **ଆକୃଷ୍ଟ କରିବ ସାହିତ୍ୟ ଆସର, ଚିତ୍ରକଳା**

■ **ଆୟୋଜନ ହେବ ସାଇକ୍ଲୋଥନ, ଗଣଦୌଡ଼**

ପ୍ରଥିତଯଶା ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ସମେତ ଅନ୍ୟ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିବେ। ଚନ୍ଦ୍ରଭାଗା ବେଳାଭୂମିରେ ୩୦ ଷ୍ଟଲ୍‌ରେ ପ୍ରତ୍ୟହ ପୂର୍ବାହ୍ନ ୧୦ରୁ ରାତି ୯ଟା ପର୍ଯ୍ୟନ୍ତ ବାଲୁକା କଳା ପ୍ରଦର୍ଶିତ ହେବ। ଓଡ଼ିଶା ଲଳିତ କଳା ଏକାଡେମୀର ଅଧ୍ୟକ୍ଷ ତଥା ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଦେଶ ବିଦେଶର ଲବ୍ଧପ୍ରତିଷ୍ଠିତ ବାଲୁକା ଶିଳ୍ପୀମାନେ ଯୋଗଦେଇ ବାଲୁକା କଳା ପ୍ରସ୍ତୁତ କରିବେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଉତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଶାସ୍ତ୍ରୀୟ ନୃତ୍ୟ ନିମନ୍ତେ କଳାକାର ଚୟନ ସମ୍ପନ୍ନ ହୋଇଛି।

ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର, ପ୍ରଖ୍ୟାତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦୀପ୍ତି ମିଶ୍ର, ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପି. ରାମାସ୍ୱାମୀ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବର ଉଦ୍‌ଯାପନୀ ଦିବସରେ ସାହିତ୍ୟ ଆସର ଓ ଚିତ୍ରକଳାର ଯୁଗଳବନ୍ଦୀ ଦର୍ଶକଙ୍କୁ ଆକୃଷ୍ଟ କରିବ। ସାହିତ୍ୟ ଆସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ, ଗବେଷକ ଏବଂ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
H-255/2016
ପତ୍ର ସଂଖ୍ୟା: ୨୭୮ ତା:୨୬।୧୦।୨୧

**ବିଜ୍ଞାପନ**

No. CAD-1781: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସତ୍ୟନଗର ହାଉସିଂବୋର୍ଡ କଲୋନୀ, ଜି: ଖୋର୍ଦ୍ଧା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏସ୍.ଇ.-୧୧/୧୧ (SE-11/11)ଟିକୁ (୧) ସୁଜାତା ନାଥ, ସ୍ୱା.: ୰ନିପେନ୍ ନାଥ, (୨) ନିଶା ନାଥ, ପି.- ୰ନିପେନ୍ ନାଥ, (୩) ନିଭା ନାଥ, ପି.- ୰ନିପେନ୍ ନାଥ, ସା/ପୋ.: ଇନ୍ଦ, ଥା: ଖଡ଼ଗପୁର, ଜି: ପଶ୍ଚିମ ମେଦିନିପୁର (ପଶ୍ଚିମବଙ୍ଗ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସୁକାନ୍ତ ଜେନା, ପି.- ବଂଶୀଧର ଜେନା, ସା: ବଳଭଦ୍ରପୁର ଶାସନ, ପୋ: ମୋଟୋ, ଥା: ଚାନ୍ଦବାଲି, ଜି: ଭଦ୍ରକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0195/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**

**TENDER CALL NOTICE**

Ref No.: 8616 Dated- 09.11.21

**No.E-613:-** "It is for information to all the parties concerned to submit their bid for ("**Supply of Medicines & Consumables for the year 2021-22**") to the office of the CDM&PHO, Jajpur on or before **30.11.2021 at 4 PM** by Speed Post, Courier service, Registered Post only. For terms and conditions regarding Tender call, please log on to the website: www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions".

Sd./- Chief District Medical & Public Health Officer, Jajpur
OIPR-10042/11/0013/2122

GOVERNMENT OF ODISHA
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**

No. B-582 **E-Procurement Notice**

Bid Identification No. S.E. (R&B) - MLK-08/2021-22
No. 4807 Date: 03.11.2021

1. Name of the Work : Road Work
2. Total No. of Works : 05 Nos.
3. Estimated Cost : Rs.08.84 lakhs to Rs.20.45 lakhs
4. Period of Completion : 02 (Two) to 03 (Three) months
5. Date & time of availability of of bid document in the portal : From 11.00 hrs. of 12.11.2021 to 16.00 hrs. of 22.11.2021
6. Last date/time for receipt of bids in the portal : 16.00 hours of 22.11.2021
7. Date of opening of tender : 11.00 hours of 23.11.2021
8. Name and address of the Officer Inviting Bid : Superintending Engineer, Malkangiri (R&B) Division

Further details can be seen from the e-procurement portal **https://tendersorissa.gov.in**.

Superintending Engineer
Malkangiri (R&B) Division
OIPR-34063/11/0003/2122

GOVERNMENT OF ODISHA No.B-585
**e-Procurement Notice, ANGUL (R&B) DIVISION**
**Bid Identification No.- 14 of 2021-22**
e-mail ID- angulrbdivision@yahoo.co.in

1. Number of Works : 08 (Eight) number of Building works.
2. Approximate estimated cost : Varies from Rs.40.00 lakh to 44.00 lakhs
3. Period of completion : 05 (Five) Calendar months
4. Date & Time of availability of bid document in the portal : **Dt.16.11.2021 at 10.00 A.M.**
5. Last date/ Time for receipt of bid in the portal : **Dt.25.11.2021 up to 5.00 P.M.**
6. Date of opening of Bid : **Dt. 26.11.2021 at 11.00 A.M.**
7. Name and address of the Office inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in

Sd./- Executive Engineer
Angul (R&B) Division
OIPR-34074/11/0006/2122

**Housing & Urban Development Department, Govt. of Odisha**

**EXPRESSION OF INTEREST (EOI)**

For

**Empanelment of Original Manufacturer/ Authorised Distributor/ Authorised Supplier for Supply and Installation of Children Playground Equipment and Open-Air Gym Equipment (Including for Specially Abled) in public parks in Urban Local Bodies of Odisha'**

No.C-1247:- **Housing & Urban Development Department (H&UDD)** is in the process of implementing a project for installation of Children Playground Equipment and Open Air Gymnasium in Public Parks and Open Spaces in ULBs of Odisha. The value of procurement to be made by various ULBs of Odisha is likely to be Rs. 100 Crores (approx.).

H&UDD hereby invites reputed Original Equipment Manufacturer (OEM) / Authorised Distributor/ Authorised Supplier for Empanelment for Supply, Installation and Maintenance of Children Playground and Open-Air Gym equipment as per details mentioned in the Scope of Work in the EOI document. Interested agency, for further details, may download the EOI document from website : State Govt. portal www.urbanodisha.gov.in and www.sudaodisha.org and submit their EOI in a sealed envelope by Registered Post/Courier/Hand delivery on or before 29.11.2021 on or before 2.00 PM at SUDA, near Bhubaneswar Municipal Corporation, Bhubaneswar.

Sd./- DIRECTOR, MUNICIPAL ADMINISTRATION
H&UD Department
OIPR-13001/11/0017/2122

**'e' Procurement Notice**
**Tender Reference No. TCRM - 95/2021-22**
**Bid Identification No. 2021_ORULB_72443**
No. 4878 Dt.09.11.2021

No. C-1245: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil work as mentioned in the website
2. No. of works : 01 No.
3. Estimated Cost : Rs.95.67 lakhs
4. Period of Completion : As per DTCN
5. Date & time of availability of Bid document in the portal : From Dt.10.11.2021 to Dt.20.11.2021 upto 5.00 P.M.
6. Last date & time for receipt of Bid in the portal : Upto 5.00 P.M. of Dt.20.11.2021
7. Last date for receipt of financial document : Upto 1.00 P.M. of Dt.22.11.2021
8. Bid received online shall be opened on : Dt.24.11.2021 at 3.00 P.M.
9. Name & address of the Officer Inviting the bid : Executive Officer, Talcher Municipality

Further details can be seen from the procurement portal i.e. **www.tendersorissa.gov.in**.

Sd./- Executive Officer,
Talcher Municipality
OIPR-13077/11/0017/2122

OCPL Odisha Coal and Power Limited

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**
Date: 12.11.2021

Sealed bids in prescribed format are invited from companies/contractors/agencies/firms for the following work:

| Sl. No. | Name of the work | Cost of Tender Paper | Last date of Sale/ download of Tender Document | Last Date of Submission/ Opening of bid |
|---|---|---|---|---|
| NIT No. OCPL/SUP-130/2021, Dtd.12.11.2021 | | | | |
| 01 | Supply & Installation of Furniture, Home Furnishing and Kitchen items for Security Barack at Village Sanghumuda, Hemgir, Sundargarh, Odisha | Rs.5,900/- (Rupees Five Thousand and Nine Hundred only) inclusive of GST @ 18% | 20.11.2021 | 03.00 P.M. / 03.30 P.M. on 02.12.2021 |
| NIT No. OCPL/SER-131/2021, Dtd.12.11.2021 | | | | |
| 02 | Plantation and Landscaping at Coal Handling Plant (CHP) of Odisha Coal and Power Limited (OCPL) at Manoharpur, Sundargarh, Odisha | Rs.5,900/- (Rupees Five Thousand and Nine Hundred only) inclusive of GST @ 18% | 27.11.2021 | 03.00 P.M. / 03.30 P.M. on 07.12.2021 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Addl. General Manager (C & CA.)**

> ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। –ଶ୍ରୀଅରବିନ୍ଦ

# ମହାଶକ୍ତି ସଂଘର୍ଷ



ଡାନି ରୋଡ୍ରିକ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆର୍ଥିକ ଓ ବୈଦେଶିକ ନୀତିଗୁଡ଼ିକ ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇପାରେ, କିନ୍ତୁ ଚାଇନା ସହ ସମ୍ପର୍କ କଥା ଉଠିଲେ ସେ ଟ୍ରମ୍ପଙ୍କ କଡ଼ା ପଥ ଅନୁସରଣ କରନ୍ତି। ସେ ଏଥିରେ କୌଣସି ପରିବର୍ତ୍ତନ ଆଣିବାକୁ ଚାହାନ୍ତି ନାହିଁ। ଉଦାହରଣ ସ୍ୱରୂପ, ଟ୍ରମ୍ପ୍ ଚାଇନା ରପ୍ତାନି ଉପରେ ବୃଦ୍ଧି କରିଥିବା ଟାରିଫ୍‌କୁ ବଦଳାଇବାକୁ ମନା କରୁଛନ୍ତି ଏବଂ ଆହୁରି କଡ଼ା ବାଣିଜ୍ୟିକ ପଦକ୍ଷେପ ନେବା ଲାଗି ମଧ୍ୟ ସତର୍କ କରିଛନ୍ତି। ଏଥିରୁ ଚାଇନା ପ୍ରତି ଆମେରିକାର କଠୋର ମନୋଭାବ ପ୍ରକାଶ ପାଏ। ନିକଟରେ ଫରେନ୍ ଆଫେୟାର୍ସ ମାଗାଜିନ୍ ଆମେରିକାର ବିଶେଷଜ୍ଞଙ୍କୁ ଏହା ଉପରେ ପ୍ରଶ୍ନ ଉପସ୍ଥାପନ କରିଥିଲା। ଆମେରିକାର ବୈଦେଶିକ ନୀତି ଚାଇନା ପାଇଁ ଅଧିକ କଠୋର ହୋଇଛି କି ନାହିଁ ପ୍ରଶ୍ନର ଉତ୍ତର ଦେଇଥିବା ବିଶେଷଜ୍ଞମାନଙ୍କ ମଧ୍ୟରୁ ପାଖାପାଖି ଅଧା (୬୮ ଜଣରୁ ୩୨ ଜଣ) ଏଥିରେ ଅସହମତ ହୋଇଥିଲେ। ସେମାନେ ଚାଇନା ପ୍ରତି ଆମେରିକାର କଠୋର ଦୃଷ୍ଟିକୋଣ ବଦଳରେ ଏକ ନୂଆ ବିକଳ୍ପ ବାଛିବାକୁ କହିଛନ୍ତି।

ଏଭଳି ସ୍ଥିତିରେ ସମସ୍ତଙ୍କର ଆଶା ଓ ଆକାଂକ୍ଷା ପୂରଣ ହୋଇପାରୁଥିବା ଏକ ପୃଥିବୀ ଦେଖିବାକୁ ଚାହୁଁଥିବା ଅର୍ଥନୀତିଜ୍ଞମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ସେମାନଙ୍କ ମତରେ ଦେଶଗୁଡ଼ିକ ପରସ୍ପର ମଧ୍ୟରେ ସଂଘର୍ଷରୁ ଦୂରେଇ ରହି ସହଯୋଗ ମାଧ୍ୟମରେ ନିଜର ଭଲ କରିବା ସହ ଅନ୍ୟର ଭଲ କରିପାରିବେ। ଏହି ନୀତିରେ ବାଣିଜ୍ୟିକ ଲାଭ ମିଳିବ ଏବଂ ଦେଶଗୁଡ଼ିକ ସଫଳତା ପାଇବେ। ସାଧାରଣତଃ ଗୋଟିଏ ଦେଶ ତା'ଘରୋଇ ବଜାର ଅନ୍ୟମାନଙ୍କ ଲାଗି ଖୋଲା ରଖିଲେ ସେହି ଦେଶକୁ ଲାଭ ମିଳିବ। କିନ୍ତୁ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ୱାର୍ଥକୁ ନେଇ ଏହି ପ୍ରକାର ସିଦ୍ଧାନ୍ତ ମାନସିକ ଚାପ ବଢାଇ ଦେଇପାରେ ଓ ଦେଶଗୁଡ଼ିକ ଅନ୍ୟ ଦେଶକୁ କ୍ଷତି ପହଞ୍ଚାଇ ନିଜର ସ୍ୱାର୍ଥ ହାସଲ କରିବା ନୀତି ଆପଣାଇପାରନ୍ତି। ସେମାନଙ୍କ ବାଣିଜ୍ୟିକ ରପ୍ତାନି ଓ ଆମଦାନୀ ମୂଲ୍ୟ ଅନୁପାତରେ ଉନ୍ନତି ଆଣିବା ଲାଗି ଅନ୍ୟ ଦେଶଗୁଡ଼ିକୁ ଘରୋଇ ବଜାର ଉପଲବ୍ଧ କରାଇବାରେ କିମ୍ବା ବିଶ୍ୱରେ ସାର୍ବଜନୀନ ଜିନିଷର ମୁକ୍ତ କାରବାର ଉପରେ ବି କଟକଣା ଲଗାଇପାରନ୍ତି। ଏଭଳିକି କାର୍ବନ ନିର୍ଗମନ କମ୍ କରିବାର ବୈଶ୍ୱିକ ଆର୍ଥିକ ନୀତିକୁ ବିରୋଧ କରିପାରନ୍ତି। ଯଦି ଏଭଳି ପଦକ୍ଷେପରୁ ଦେଶଗୁଡ଼ିକ ବିରତ ରୁହନ୍ତି ତା'ହେଲେ ସମସ୍ତଙ୍କ ଲାଗି ଏହା ମଙ୍ଗଳ ହେବ ଓ ସେମାନେ ସାମଗ୍ରିକ ଭାବେ ଭଲ କାର୍ଯ୍ୟ କରିପାରିବେ। ଅନ୍ୟପଟେ କ୍ଷମତା ଓ ଅନ୍ୟ ଦେଶ ସହ ସମ୍ପର୍କକୁ ନେଇ ରାଜନୈତିକ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ରଣନୀତିଗୁଡ଼ିକ ଏକ ସୁନ୍ଦର ପୃଥିବୀ ଲକ୍ଷ୍ୟରେ ଗ୍ରହଣ କରାଯିବା ଦରକାର। କିନ୍ତୁ ଦେଶ ଦେଶ ମଧ୍ୟରେ ଶକ୍ତି ବଢ଼ାଇବା ଓ କ୍ଷମତା ଜାହିର କରିବା ପାଇଁ ପ୍ରତିଯୋଗିତା ଚାଲିଛି। ସେମାନଙ୍କ ଇଚ୍ଛାକୁ ଅନ୍ୟମାନେ ଗ୍ରହଣ କରିବା ଏବଂ ସେମାନଙ୍କ ଉଦ୍ଦେଶ୍ୟକୁ ନିର୍ବିଘ୍ନରେ ଅନୁସରଣ କରିବାକୁ ବାଧ କରାଯାଉଛି ଓ ତାହା ଅନିବାର୍ଯ୍ୟ ହୋଇଯାଇଛି। ଯଦି ଗୋଟିଏ ଦେଶର ଅଧିକ କ୍ଷମତା ଅଛି ଓ ତା' ବିରୋଧୀର କମ୍ କ୍ଷମତା ରହିବା ଉଚିତ ବୋଲି ସେହି ଦେଶ ଯଦି ଭାବେ ତେବେ ଏଭଳି ସିଦ୍ଧାନ୍ତର ବିଶ୍ୱ ନିଶ୍ଚିତ ଭାବେ ଏକ ସଂଘର୍ଷମୟ ବିଶ୍ୱ ହେବ। ଏଭଳି ସ୍ଥିତି ଦେଖିବାକୁ ମିଳିଛି ଆମେରିକା ଓ ଚାଇନା କ୍ଷେତ୍ରରେ। ମହାଶକ୍ତି ଆମେରିକା କିମ୍ବା ବିକାଶଶୀଳ ଶକ୍ତି ଚାଇନା ମଧ୍ୟରେ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରଭାବ ଲାଗି ଦୌଡ଼ ଚାଲିଛି।

ନିକଟରେ ଶିକାଗୋ ବିଶ୍ୱବିଦ୍ୟାଳୟର ଜନ୍ ମିର୍ଶ୍ଚମେର ଏକ ପ୍ରବନ୍ଧରେ ଏହି ଦୃଷ୍ଟିକୋଣ ଉପରେ ବଳିଷ୍ଠ ଆଲେଖ୍ୟ ଉପସ୍ଥାପନ କରିଛନ୍ତି। ମିର୍ଶ୍ଚମେର ଆମେରିକାର ବୈଦେଶିକ ବ୍ୟାପାର ସର୍ଭେରେ ଅନ୍ୟମାନଙ୍କ ସହ ରହିଥିଲେ। ଆମେରିକାର ନୀତି ଚାଇନା ପ୍ରତି ଅତି କଠୋର ଓ ବିରୋଧୀ ହେବା ଦରକାର ଭଳି ପ୍ରସ୍ତାବରେ ସେ ସମ୍ପୂର୍ଣ୍ଣ ଅସହମତ ଥିଲେ। ସବୁ ମହାଶକ୍ତି, ସେ ଗଣତାନ୍ତ୍ରିକ ହୁଅନ୍ତୁ ବା ନ ହୁଅନ୍ତୁ, ଅନ୍ୟର କ୍ଷତି କରି କ୍ଷମତା ପ୍ରତିଯୋଗିତାରେ ମାତିବା ଉଚିତ ନୁହେଁ। ହେଲେ ଚାଇନା ତା'ଶକ୍ତି ବଢ଼ାଇବା ପାଇଁ ବାଧ ହେଉଛି ଓ ଆମେରିକା କିଛି ବିକଳ୍ପ ନ ପାଇ ତାହାକୁ ଅଟକାଇବାକୁ ଚେଷ୍ଟା କରୁଛି। ଏହି ଦୃଷ୍ଟିକୋଣ ଅର୍ଥନୀତିଜ୍ଞମାନଙ୍କ ପାଇଁ ଗ୍ରହଣୀୟ ହେଉନାହିଁ। ଆମେରିକା ଏବଂ ଚାଇନା ଏକାଠି ସମୃଦ୍ଧି ଲାଭ କରିପାରିବା ଭଳି ଏକ ସ୍ଥାୟୀ,ଶାନ୍ତ ଏବଂ ଅଧିକ ସହଯୋଗୀ ବିଶ୍ୱ ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ମିର୍ଶ୍ଚମେର ଓ ହାର୍ଭାର୍ଡ ବିଶ୍ୱବଦ୍ୟାଳୟର ମୋ ସହକର୍ମୀ ଷ୍ଟିଫେନ୍ ୱାଲ୍ଟ ଉଭୟ ଅନ୍ତର୍ଜାତୀୟ ସମ୍ପର୍କର ବାସ୍ତବବାଦୀ ଓ ସିଦ୍ଧାନ୍ତବାଦୀ। ଆମେରିକାରେ ଖୋଲା ବଜାରର ଉଦାରୀକରଣର ଅବଧାରଣା ଏବଂ ବହୁପକ୍ଷୀୟ ଆଧାରର ନିୟମ ଚାଇନାକୁ ଆମ ଭଳି ଗଢି ତୋଳିବ ବୋଲି ସେମାନେ ଯେଉଁ ଯୁକ୍ତି ବାଢ଼ନ୍ତି ତାହା ସମ୍ପୂର୍ଣ୍ଣ ଠିକ୍। ଚାଇନା ସହ ସମ୍ପର୍କ ରଖିବା ପାଇଁ ଆମେରିକା ନୀତି ଚାଇନାକୁ ସମୃଦ୍ଧ କରିଥାଇପାରେ, କିନ୍ତୁ ଏହା ତାକୁ ଅଧିକ ଗଣତାନ୍ତ୍ରିକ କରିପାରିନାହିଁ କି ଶକ୍ତି ବଢ଼ାଇବାକୁ ଜାରି ରଖିଥିବା ପ୍ରତିଯୋଗିତାରୁ କ୍ଷାନ୍ତ କରି ନାହିଁ। ଏହା ମଧ୍ୟ କମିବାର ସମ୍ଭାବନା ନାହିଁ। କିନ୍ତୁ ଭିନ୍ନ ଆର୍ଥିକ ଓ ରାଜନୈତିକ ବ୍ୟବସ୍ଥା ଏବଂ ସ୍ୱାର୍ଥ ସମ୍ବଳିତ ରଣନୀତି ଆପଣାଇଥିବା ଚାଇନା ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ସଂଘର୍ଷ କରିବା ଜରୁରୀ ବୋଲି ଜଣାପଡୁଛି କି ? ସମ୍ଭବତଃ, ନା। କ୍ଷମତା ଦଖଲ କରିବା କେବଳ କଳ୍ପନା ଆଧାରିତ ଓ ତାହା ସ୍ୱଷ୍ଟ ହେବା ଦରକାର ବୋଲି ବାସ୍ତବବାଦୀମାନେ ଯୁକ୍ତି କରନ୍ତି। ଦେଶଗୁଡ଼ିକ ସୁରକ୍ଷା ଓ ଅସ୍ତିତ୍ୱକୁ ପ୍ରାଥମିକତା ଦେଉଥିବାବେଳେ ଏହି ଲକ୍ଷ୍ୟ ହାସଲ କରିବା ଓ କ୍ଷମତା ବଢ଼ାଇବା ମଧ୍ୟରେ ବିରାଟ ପ୍ରଭେଦ ରହିଛି। ଐତିହାସିକ ଷ୍ଟଫେନ୍ ୱର୍ଥିମ୍ କହିଛନ୍ତି, ଆମେରିକାର ବୈଦେଶିକ ନୀତି ସବୁବେଳେ ଅନ୍ୟକୁ ବଳ ପ୍ରୟୋଗ କରି ନିୟନ୍ତ୍ରଣ କରିବା ଲାଗି ଉଦ୍ଦିଷ୍ଟ। ଏହା ଭ୍ରମାତ୍ମକ ତଥା ଅନ୍ୟକୁ ଉପେକ୍ଷା କରିବା ପାଇଁ ଅଭିପ୍ରେତ। ଏହାର ବିସ୍ତାରବାଦୀ ଦୃଷ୍ଟିକୋଣକୁ 'ପୃଥକବାଦୀ' ଭାବେ ଦେଖାଯାଉଛି। ହେଲେ ସାମ୍ପ୍ରତିକ ସଂଘର୍ଷରେ ଚାଇନାର ଆଞ୍ଚଳିକ ଅଖଣ୍ଡତା ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିବ। ସୁରକ୍ଷା ପରେ ଘରୋଇ ଆର୍ଥିକ ସମୃଦ୍ଧି ଲକ୍ଷ୍ୟ ସହ ଶକ୍ତି ବଢ଼ାଇବା ପାଇଁ ତାକୁ ବିଶ୍ୱରେ କମ୍ ଦାଦାଗିରି କରିବାକୁ ପଡ଼ିବ ।

ବାସ୍ତବବାଦୀମାନେ ଜଣାଇଛନ୍ତି , ବିଶ୍ୱ ସ୍ତରୀୟ ଆଇନ୍ ଲାଗୁ କରିବାର ଅଭାବ ରହିଛି। ଏହା ମଧ୍ୟ ସତ। ଦେଶଗୁଡ଼ିକର ଆଇନ ପ୍ରଣୟନ କରିବାରେ ଇଚ୍ଛା ରହିଛି କିନ୍ତୁ ତାହାକୁ ଅନୁସରଣ କରିବାରେ କମ୍ ଆଗ୍ରହ ଦେଖାଯାଉଛି। ଏହି ନିୟମ ଅନୁଯାୟୀ ଦେଶଗୁଡ଼ିକ କାମ କରିବେ ବୋଲି ନିଶ୍ଚିତ କରାଯାଇପାରୁନାହିଁ। ଏହାଯୋଗୁ ସହଯୋଗ ପ୍ରକାଶ ପାଇବା କଷ୍ଟକର ହୋଇଯାଇଛି। ଏହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ବିଶ୍ୱରେ ପ୍ରକାଶ ପାଇପାରୁନାହିଁ। ପରସ୍ପର ମଧ୍ୟରେ ଜିନିଷର ଆଦାନପ୍ରଦାନ ଓ ସୁବିଧା ସୁଯୋଗ ଯୋଗାଇଦେଲେ ପାରସ୍ପରିକ ସହଯୋଗ ବଢିବ ବୋଲି ବାସ୍ତବ ବିଶ୍ୱ ଅନୁଭବ କରେ। ଗେମ୍ ଥିଓରି ଓ ଗବେଷଣାରୁ ଏହି ମଧ୍ୟ ଜଣାପଡ଼ିଛି। ବାରମ୍ବାର ଆଲୋଚନା କରି ସହଯୋଗ ବଢ଼ାଇବା ପାଇଁ ତୃତୀୟ ପକ୍ଷର କୌଣସି ଆବଶ୍ୟକତା ନାହିଁ।

ଶେଷରେ ଏହା ମଧ୍ୟ ମତ ଯେ,ଅନିଶ୍ଚିତତା ଏବଂ ଅନ୍ୟ ଦେଶର ଉଦ୍ଦେଶ୍ୟକୁ ଭୁଲ ବୁଝିବା ଦ୍ୱାରା ବୃହତ୍ ତଥା ମାହାଶକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ସହଯୋଗର ଭବିଷ୍ୟତ ଜଟିଳ ହୋଇଯାଉଛି। ସେନା ହେଉ କି ଆର୍ଥିକ କ୍ଷେତ୍ରରେ ପ୍ରତିରକ୍ଷାତ୍ମକ ପଦକ୍ଷେପଗୁଡ଼ିକୁ ବିପଦ ଭାବେ ଦେଖାଯାଉଛି । କିନ୍ତୁ ଏହି ସମସ୍ୟାକୁ ମଧ୍ୟ କମ୍ କରାଯାଇପାରିବ ବୋଲି ୱାଲ୍ଟ ଏବଂ ମୁଁ ଯୁକ୍ତି ଦର୍ଶାଇଛୁ। ସର୍ଜନାତ୍ମକ ତଥା ସଂସ୍ଥାଗତ ସଂରଚନା ବା ଯୋଜନା ଏଥିରେ କିଛି ପରିବର୍ତ୍ତନ ଆଣିପାରିବ କି ନାହିଁ ତାହାକୁ ନେଇ ମିର୍ଶ୍ଚମେର ସନ୍ଦେହରେ ଅଛନ୍ତି। ସେ କହନ୍ତି, ଆମେରିକା ଓ ଚାଇନା ଭଳି ମହାଶକ୍ତି ମଧ୍ୟରେ ଶତ୍ରୁତାକୁ ଯୋଜନାବଦ୍ଧ ଭାବେ ସୃଷ୍ଟି କରାଯାଇଛି। ଅର୍ଥାତ ଏହି ସମସ୍ୟା ଚତୁର ନୀତି ନିର୍ଦ୍ଧାରଣ ଦ୍ୱାରା ଦୂର ହୋଇପାରିବ ନାହିଁ। ଜଟିଳ ବ୍ୟବସ୍ଥାରେ ଡାଞ୍ଚାଗତ ନୀତି ଏକ ସମ୍ପୂର୍ଣ୍ଣ ସମନ୍ୱୟ ସ୍ଥିତି ନିଶ୍ଚିତ କରିପାରିବ ନାହିଁ, ଯେଉଁଠି ଜାତୀୟ ସ୍ୱାର୍ଥ ଓ ନିର୍ଦ୍ଦିଷ୍ଟ ରଣନୀତିକୁ ଗ୍ରହଣ କରାଯାଇଥିବ। ବୃହତ ଶକ୍ତି ମଧ୍ୟରେ ସଂଘର୍ଷ ଏକ ସଦ୍‌ଭାବ ଓ ପ୍ରେମମୟ ବିଶ୍ୱକୁ ବାହାରେ ରଖିବ। ଏଭଳି ଏକ ସଂଘର୍ଷ ବିଶ୍ୱ ଲାଗି ଜରୁରୀ ନୁହେଁ। ଏଭଳି ସଂଘର୍ଷ ଆମ ଭାଗ୍ୟ ନିର୍ଦ୍ଧାରଣ କରିବ ନାହିଁ। ଏହାକୁ ରୋକାଯାଇପାରିବ ଓ ଆମକୁ ଏକ ସୁନ୍ଦର ପୃଥିବୀ ଲାଗି କାର୍ଯ୍ୟ ଜାରି ରଖିବାକୁ ପଡ଼ିବ।

**ପ୍ରଫେସର, ଇଣ୍ଟରନ୍ୟାଶନାଲ୍ ପଲିଟିକାଲ ଇକୋନୋମୀ, ଜନ୍ ଏଫ୍ କେନେଡୀ ସ୍କୁଲ ଅଫ୍ ଗଭର୍ନମେଣ୍ଟ, ହାଭାର୍ଡ ୟୁନିଭର୍ସିଟି**

# ସାର୍ ଠିକ୍ କହିଲେ



ଡ. ଗଣେଶ ଚନ୍ଦ୍ର କୁଣ୍ଡ

ଏକ ଅନୁସନ୍ଧାନଭିତ୍ତିକ ପ୍ରବନ୍ଧ ଲେଖିବା ପାଇଁ, କିଛି ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଦିନେ ମୋତେ ବାରିପଦା ଯାତ୍ରା କରିବାକୁ ପଡ଼ିଲା। ଭୁବନେଶ୍ୱରରୁ ବାରିପଦା ଯିବା ପାଇଁ ବରମୁଣ୍ଡା ଷ୍ଟାଣ୍ଡରୁ ଭଲ ଶୀତତାପ ନିୟନ୍ତ୍ରିତ ବସ୍‌ଟି ମିଳିଗଲା। ଆଜିକାଲି ବସ୍ ହଉ କି ଟ୍ରେନ, ଯାତ୍ରା କଲାବେଳେ, ପାଖ ସିଟ୍‌ରେ ବସିଥିବା ଅଜଣା ବ୍ୟକ୍ତିଙ୍କ ସହିତ କଥା ହେବାକୁ ବି ଭୟ ଲାଗୁଛି। କଥା ହେଉ ହେଉ ଯଦି ଭୁଲ୍‌ବଶତଃ ନିଜର କିଛି ବ୍ୟକ୍ତିଗତ ସୂଚନା ପାଟିରୁ ବାହାରି ଯାଏ, ତେବେ କିଏ ତାକୁ ଅପବ୍ୟବହାର କରିବାର ଯଥେଷ୍ଟ ସମ୍ଭାବନା ଅଛି । ବେଳକାଳ ଯାହା ହେଲାଣି ଅତି ସତର୍କତାର ସହିତ ଚଳିବାକୁ ପଡୁଛି, ତେଣୁ ହାତେ ମାପି ଚାଖଣ୍ଡେ ଚାଲିଲେ ଭଲ। ପାଖ ସିଟ୍‌ରେ ବସିଥିବା ବାବୁ ଜଣକ ଅତି ଭଦ୍ର ଓ ଶିକ୍ଷିତ ସ୍ୱଭାବର ବୋଲି ଜଣାପଡୁଥିଲେ। ଭଦ୍ରବ୍ୟକ୍ତି ଜଣକ ମୋତେ ପଚାରିଲେ, ଆପଣ କେତେ ବାଟ ଯିବେ ? ମୁଁ କହିଲି ବାରିପଦା, ସେ ବାଲେଶ୍ୱର ଯିବେ ବୋଲି କହିବା ସହିତ ନିଜର ପରିଚୟ ଦେଲେ, ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଭାବିଥିଲି ଗାଡ଼ିରେ ଶୋଇ ଶୋଇ ପଳେଇବି କିନ୍ତୁ ବାବୁଙ୍କ କଥା ଶୁଣି ମୋର ବି ତାଙ୍କସହ ଗପିବାକୁ ଇଚ୍ଛା ହେଲା।

କିଛି ସମୟ ପରେ, ସେ କହିଲେ ଶିକ୍ଷାନୁଷ୍ଠାନରେ ଏତେ ଦିନ କାମ କଲା ପରେ ଅବସର ନେଲି। ଏବେ ଯେଉଁ ଯେଉଁ ସ୍ଥାନକୁ ଯାଉଛି କିଛି କିଛି ଛାତ୍ରୀଛାତ୍ର ଦେଖା ହୁଅନ୍ତି, ସେମାନଙ୍କର ମୋ ପ୍ରତି ସମ୍ମାନ, ଆଦର ଆଉ ବ୍ୟବହାର ଦେଖି ବହୁତ ଖୁସି ଲାଗେ, ଭାବୁଛି ମୋ ଚାକିରି ଜୀବନ ସାର୍ଥକ ହୋଇଛି। କିନ୍ତୁ ପରିବର୍ତ୍ତିତ ଅବସ୍ଥାରେ କିଛି ହାତଗଣତି ଶିକ୍ଷକଙ୍କ ପାଇଁ, ଶିକ୍ଷକ ସମାଜ ବଦ୍‌ନାମ ହେଉଛି । ଆମ ସମୟରେ ଏଗୁଡ଼ା ଏତେ ମାତ୍ରାରେ ନ ଥିଲା, ଏବେ ବେଶି ବେଶି ହେଲାଣି। ମୁଁ କହିଲି ସାର୍, କ'ଣ ସବୁ ବେଶି ବେଶି ହଉଛି କି ? ସେ କହିଲେ, ଆପଣ କ'ଣ କିଛି ଜାଣିପାରୁ ନାହାନ୍ତି ? ଖବରକାଗଜ, ଟିଭି ଆଉ ସାମାଜିକ ଗଣମାଧ୍ୟମ ଜରିଆରେ ଜାଣିବାକୁ ମିଳେ, କେଉଁଠି ଶିକ୍ଷକ ଟ୍ୟୁଶନ କରୁ କରୁ ଛାତ୍ରୀଙ୍କୁ ଧରି ଫେରାର ହୋଇଯାଉଛି ତ କେଉଁଠି ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଶିକ୍ଷକ ଅସଦାଚରଣ କରୁଥିବା ଅଭିଯୋଗ ହେଉଛି। ଏହା ଦୁଃଖଦାୟକ ଘଟଣା, ଏମାନେ ସବୁ ସୀମା ଟପିଗଲେଣି। ଏମାନେ ଭୁଲିଗଲେଣି, ଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ। ଘରେ ବାପା ଆଉ ମାଆଙ୍କ ପରେ ସମାଜରେ ଶିକ୍ଷକଙ୍କ ଦାୟିତ୍ୱ ଅଧିକ ରହିଥାଏ। ପିଲାଙ୍କ ପାଇଁ ଶିକ୍ଷକ ହିଁ ମାର୍ଗଦର୍ଶକ ସାଜନ୍ତି, ମାର୍ଜିତ କରନ୍ତି ଏବଂ ଅନୁଶାସନ ଭିତରେ ରହିବାକୁ ଶିକ୍ଷା ଦିଅନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସଫଳତା ପାଇଥାନ୍ତି। ଯଦି ସେ ଗୁରୁତ୍ୱପୂର୍ଣ୍ଣ ମଣିଷଟି ଅମଣିଷ ପରି କାର୍ଯ୍ୟ କରେ, ଆମେ କାହାକୁ କହିବା ? ଅବଶ୍ୟ, ଅମାନୁଷିକ କାର୍ଯ୍ୟ କରି ଜେଲ ବି ଯାଉଛନ୍ତି। ଏମିତିକା ଶିକ୍ଷକଙ୍କ ପାଖରୁ ଛାତ୍ରୀଛାତ୍ରମାନେ କି ଶିକ୍ଷା ପାଇବେ ? ଏମିତିକା କାର୍ଯ୍ୟ କରି ଏମାନେ ସମାଜକୁ କି ପ୍ରକାର ବାର୍ତ୍ତା ଦେବାକୁ ଚାହାନ୍ତି? ଛାତ୍ରୀଛାତ୍ରମାନଙ୍କର ଅଜ୍ଞାନକୁ ଦୂର କରି ଶିକ୍ଷକମାନେ ଜ୍ଞାନାଲୋକ ପ୍ରଦାନ କରିଥାନ୍ତି କିନ୍ତୁ ଏପରି ଶିକ୍ଷକ କି ଆଲୁଅ ଦେଖେଇବେ ? ଏମାନେ ନିଜେ ତ ଅନ୍ଧାରରେ ଅଛନ୍ତି।

ଏପ୍ରକାର ବିଶ୍ଳେଷଣ ଶୁଣିଲା ପରେ ମୁଁ କହିଲି ସାର୍, ଅନେକ ଭଲ ଶିକ୍ଷକ ଅଛନ୍ତି, ସେମାନଙ୍କର ଅବଦାନକୁ ଭୁଲି ହେବନି, ସେମାନଙ୍କୁ ପୂଜା କରାଯାଏ। କିନ୍ତୁ କିଛି ହାତଗଣତି ଶିକ୍ଷକଙ୍କ ପାଇଁ ଆଜି ଅବସ୍ଥା ଏମିତି। ତା'ପରେ ସାର୍ କହିଲେ, ଆପଣ ଯାହା କହୁଛନ୍ତି ମୁଁ ସେଥିରେ ଏକମତ, ଅନେକ ଭଲ ଶିକ୍ଷକ ଅଛନ୍ତି ସେହିମାନଙ୍କ ପାଖରେ ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ପରି ଅନେକ ଭଲ ଗୁଣ ଅଛି। ଭଲ ଶିକ୍ଷକମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଛାତ୍ରୀଛାତ୍ରମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚେଇବା ପାଇଁ କାର୍ଯ୍ୟ କରିଥାନ୍ତି। ମହମବତି ଭଳି ଜଳିଜଳି ଅନ୍ୟକୁ ଆଲୋକିତ କରନ୍ତି ଆଉ ଜୀବନକାଳ ଭିତରେ ବହୁ ମଣିଷ ତିଆରି କରିଥାନ୍ତି। ସେହି ଭଲ ଶିକ୍ଷକମାନେ ହେଉଛନ୍ତି ମଣିଷ ତିଆରି କାରଖାନାର କର୍ଣ୍ଣଧାର। ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ଗଢ଼ିବାରେ ଏମାନେ ବିଶ୍ୱକର୍ମାଙ୍କ ଭଳି ଭୂମିକା ଗ୍ରହଣ କରିଥାନ୍ତି। ବିଶ୍ୱକର୍ମାଙ୍କ ବିନା ଯେପରି ସୁନ୍ଦର ନିର୍ମାଣ ଅସମ୍ଭବ, ସେହିପରି ଜଣେ ଭଲ ଶିକ୍ଷକ ବିନା ସଫଳ ଛାତ୍ରୀଛାତ୍ର ସୃଷ୍ଟି ହେବା ଅସମ୍ଭବ। ଡ. ଏ.ପି.ଜେ. ଅବଦୁଲ କଲାମ କହୁଥିଲେ, ସମାଜରୁ ଦୁର୍ନୀତି ହଟେଇବା କେବଳ ତିନି ଜଣଙ୍କ ଦ୍ୱାରା ସମ୍ଭବ ହେବ, ସେମାନେ ହେଲେ ମାତା, ପିତା ଓ ଶିକ୍ଷକ। ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଶିକ୍ଷକମାନଙ୍କର। ଶିକ୍ଷକମାନେ ତାଙ୍କର ମହନୀୟ ବ୍ୟକ୍ତିତ୍ୱକୁ ବଜାୟ ରଖିବା ଦରକାର। ହଉ ଆଜ୍ଞା, ବାଲେଶ୍ୱର ଆସିଗଲା, ରହୁଛି, ପୁଣି କେବେ ଦେଖା ହୋଇପାରେ। ସାର୍‌ଙ୍କ କଥାକୁ ମୁଁ ଏକାଗ୍ରତାର ସହିତ ଶୁଣୁଥିଲି ଓ ସେ ସବୁ ଠିକ୍ କଥା କହୁଥିଲେ। ସାର୍ ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ବ୍ରତ ବୋଲି ମନେକରନ୍ତି। ଶିକ୍ଷା ପ୍ରତି ସମର୍ପିତ ଭାବନା ହିଁ ତାଙ୍କୁ ମହାନ୍ କରିଛି।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୯୩୮୦୬୦୮୮୬**

## ଏଇ ଭାରତରେ

ଚାଷ କରି ଅଧିକ ଆୟ କରିବାଠାରୁ ପ୍ରାଣୀଙ୍କ ଜୀବନ ଅଧିକ ମୂଲ୍ୟବାନ୍ ସାବ୍ୟସ୍ତ ହୋଇଛି ଜଣେ କୃଷକଙ୍କ ପାଇଁ। ଏହି କୃଷକ ଜଣକ ହେଉଛନ୍ତି ତାମିଲନାଡୁର ଆର୍. ଗୁରୁସ୍ୱାମୀ। ପୁଡୁପାଲାୟାମ ଗାଁରେ ତାଙ୍କ ଘର। ସେ ହରିଣଙ୍କ ସୁରକ୍ଷା ଲାଗି ୫୦ ଏକର ପୈତୃକ ଜମି ଛାଡ଼ି ଦେଇଛନ୍ତି। ୨୦ ବର୍ଷ ହେବ ହରିଣଙ୍କ ପାଇଁ ଏହି ଜମି ଏକ ସୁରକ୍ଷିତ ସ୍ୱର୍ଗ ହୋଇପାରିଛି। ନିକଟସ୍ଥ ଜଙ୍ଗଲରେ ଖାଦ୍ୟ ଓ ଜଳର ଅଭାବ ରହିଥିବାବେଳେ ଗୁରୁସ୍ୱାମୀଙ୍କ ଜମିରେ ସେମାନେ ସୁରକ୍ଷିତ ଭାବେ ବିଚରଣ କରିବା ସହ ଖାଦ୍ୟ ଓ ପାଣି ପାଉଛନ୍ତି। ସେହି ଜମିରେ ଦୁଇଟି ପୋଖରୀ ମଧ୍ୟ ଖୋଳିଛନ୍ତି। ସେଠାରେ ପ୍ରାୟ ୧,୮୦୦ ହରିଣ ରହିଛନ୍ତି। ୧୯୯୮ରେ ସେ ପ୍ରଥମେ ତାଙ୍କ ଜମିରେ ହରିଣ ଘାସ ଖାଉଥିବା ଦେଖିବା ପରେ ସେହି ଜମିକୁ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ। କେବଳ ଏତିକି ନୁହେଁ, ହରିଣ ଶିକାର କରୁଥିବା ଲୋକଙ୍କୁ ଦଣ୍ଡ ଦେବା ଲାଗି ସେ ସ୍ଥାନୀୟ ପ୍ରଶାସନର ସହଯୋଗ ନେଉଛନ୍ତି। ପ୍ରଶାସନ ତରଫରୁ ହରିଣଙ୍କୁ ଜଗିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୬

- ପାକିସ୍ତାନର ବହିଷ୍କୃତ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ତାଙ୍କର ସ୍ୱାମୀ ଅସିଫ୍ ଅଲ୍ଲୀ ଜର୍ଦ୍ଦାରୀଙ୍କ ଗିରଫଦାରୀର ବୈଧତାକୁ ଚାଲେଞ୍ଜ କରି ଦାଖଲ କରିଥିବା ପିଟିସନ୍‌କୁ ଲାହୋର ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଚି।
- ଉତ୍ତରପ୍ରଦେଶ ଜନତା ଦଳ ପ୍ରଦେଶ ଶାଖା ସଭାପତି ଭାବେ ରାମ ସିଂଙ୍କୁ ନିଯୁକ୍ତ କରାଯାଇଛି।
- ବେଲଜିୟମର ବୈଷୟିକ ସହାୟତାରେ ଭୁବନେଶ୍ୱରଠାରେ ୨୬ କୋଟି ଟଙ୍କା ବ୍ୟୟରେ ସୁଲାନି କୁକୁଡ଼ା ଫାର୍ମ ପ୍ରତିଷ୍ଠା ହେବା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 4 | | | | 7 | |
| | 7 | 1 | 9 | | | 3 | | |
| | 2 | | | 6 | | | 8 | 4 |
| 2 | | | | | | | | |
| | 4 | | 7 | | | 8 | 3 | 5 |
| | 5 | | | | 9 | | 6 | 1 |
| 9 | 3 | | | | | | | |
| | | | | | | | | |
| | | | | | 4 | | 9 | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 3 | 9 | 7 | 6 | 8 | 1 |
| 3 | 1 | 9 | 8 | 6 | 2 | 7 | 4 | 5 |
| 8 | 6 | 7 | 5 | 1 | 4 | 3 | 2 | 9 |
| 5 | 9 | 1 | 7 | 8 | 6 | 4 | 3 | 2 |
| 7 | 4 | 3 | 1 | 2 | 5 | 9 | 6 | 8 |
| 2 | 8 | 6 | 9 | 4 | 3 | 1 | 5 | 7 |
| 9 | 3 | 4 | 2 | 5 | 1 | 8 | 7 | 6 |
| 6 | 5 | 8 | 4 | 7 | 9 | 2 | 1 | 3 |
| 1 | 7 | 2 | 6 | 3 | 8 | 5 | 9 | 4 |

ଗତକାଲିର ଉତ୍ତର

# ସମସ୍ୟା, ସଚେତନତା ଓ ସାମର୍ଥ୍ୟ



ମୌସୁମୀ ପରିଡ଼ା

ଆମ ଦେଶ ଏକମାତ୍ର ରାଷ୍ଟ୍ର ଯେଉଁଠି ବିଭିନ୍ନ ଧର୍ମାବଲମ୍ବୀମାନେ ସମାନ ସୁବିଧା ଉପଭୋଗ କରନ୍ତି। ସ୍ଥଳବିଶେଷରେ ମୁଷ୍ଟିମେୟଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଏ। ଏ ପ୍ରକାରର ବୈଷମ୍ୟ ମାନସିକତାରେ ତାରତମ୍ୟ ଆଣେ। ମାନସିକତାରେ ତାରତମ୍ୟ ଘଟିଲେ ମତଭେଦ ହୁଏ। ମତଭେଦରୁ ରାଗ, ଦ୍ୱେଷ, ହିଂସା ଓ ରକ୍ତପାତ ଘଟୁଛି ଏବଂ ବିଭିନ୍ନତା ଭିତରର ଏକତା ଖାଲି ଗୋଟେ ସ୍ଲୋଗାନ୍ ହୋଇ ରହିଯାଇଛି। ଭୋକ, ଲୁହ, ରାଗ, ବାତ୍ସଲ୍ୟର ପରିଭାଷା ବଦଳିନି। ବଦଳିଯାଇଛି ଚରିତ୍ର। ରାଜନୀତିକ ପାଣିପାଗ ଆମ ଭିତରର ସଚ୍ଚୋଟତା, ସମ୍ବେଦନଶୀଳତା, ସ୍ୱାଭିମାନ, ସମ୍ପର୍କକୁ ରୁଗ୍‌ଣ କରିଦେଇଛି। କେବେ ଜାତି, ଧର୍ମ ନାଁରେ ତ କେବେ ଆର୍ଥିକ ବିଷମତା ଆଳରେ, କେବେ ସରକାରୀ ଚାକିରିଆ ହିସାବରେ ତ କେବେ ଖଟିକିଆ ଦିନମଜୁରିଆ ହିସାବରେ ଏମିତି କେତେ ବିଭେଦ, କେତେ ପାଚେରି। ଲୋକମାନେ ନିଜ ସୁବିଧାଠୁ ଅଧିକ ହାତେଇବା ଲାଳସାରେ ଅନ୍ୟକୁ ଦୋଷୀ ସାବ୍ୟସ୍ତ କରୁଛନ୍ତି। ହିଂସା, ଈର୍ଷା ଓ ବିଦ୍ୱେଷ ଦ୍ୱାରା ଅନ୍ୟକୁ କଷ୍ଟ ଦେଇ ଆତ୍ମତୃପ୍ତି ପାଉଛନ୍ତି। ଆମେ ଅକ୍ଷମ ଭାବେ ଚାହିଁବସିଛୁ ଅନ୍ୟ ହାତଟେକାକୁ! ଆମର ସମସ୍ୟା କ'ଣ ଆମକୁ ଜଣାନାହିଁ। ଅଥଚ ସମାଧାନର ରାସ୍ତା ଖୋଜୁଛେ।

୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଗୋଟେ ଚିତ୍ର ଏବେ ଖୁବ୍ ଭାଇରାଲ୍ ହୋଇଛି। ଆମେରିକାର ଫଟୋଗ୍ରାଫର୍ ଜୋ ଓଡୋନେଲ୍ ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ନାଗାସାକୀରେ ଯେତେବେଳେ ପରମାଣୁ ବୋମା ପଡ଼ିଥିଲା ସେତେବେଳର ଉଠେଇଥିବା ଫଟୋଟିକୁ ଦେଖିଲେ ଆବେଗରେ ଭିଜିଯାଏ ମନ। ଆଠ ନଅ ବର୍ଷର ପିଲାଟିଏ ତା' କୁନି ଭାଇର ଶବକୁ ପିଠିରେ ବାନ୍ଧି ସମାଧି ପାଇଁ ଲାଇନ୍‌ରେ ଛିଡ଼ା ହୋଇଛି। ଫଟୋଗ୍ରାଫର୍‌ଙ୍କ ଅନୁସାରେ ପିଲାଟିର ଆଖିରେ ଲୁହ ନ ଥିଲା, କାନ୍ଦିବନି ବୋଲି ଦାନ୍ତରେ ବାରମ୍ବାର କାମୁଡି ଧରୁଥିଲା ଓଠକୁ। ଓଠରେ କ୍ଷତ ସୃଷ୍ଟି ହୋଇ ରକ୍ତ ବି ବାହାରୁଥିଲା। ଯେତେବେଳେ ସମାଧିରେ କାମ କରୁଥିବା ଜଗୁଆଳି ତାକୁ କହିଲା– ଦିଅ, ତୁମ ପିଠିର ଭାରାକୁ ମୁଁ ବହନ କରୁଛି ସେତେବେଳେ ପିଲାଟି ନିର୍ଭୀକ ଭାବେ ଉତ୍ତର ଦେଲା– ଏ କୌଣସି ଜିନିଷପତ୍ର ବା ବୋଝ ନୁହଁ ...ମୋ ଭାଇ! ଆଜି ମଧ୍ୟ ଜାପାନରେ ଏ ଫଟୋକୁ ଶକ୍ତି ବା ସାମର୍ଥ୍ୟର ପ୍ରତୀକ ଭାବେ ବିବେଚନା କରାଯାଏ।

ସାନଭାଇର ଶବକୁ ବଡ଼ ଭାଇ ଶ୍ରଦ୍ଧାରେ ପିଠିରେ ବାନ୍ଧିଦେଇଛି। ଧୈର୍ଯ୍ୟ ଶକ୍ତି ଓ ଶ୍ରଦ୍ଧାର ଅନୁପମ ଡୋରରେ ବନ୍ଧା ସେ ମହାର୍ଘ ସମ୍ପର୍କ ମୃତ୍ୟୁ ପରେ ମଧ୍ୟ ସରିଯାଇନାହିଁ। ଆଜିକାଲି କିନ୍ତୁ ଭାଇ ଭଗାରି। ସମ୍ପତ୍ତି ବାଡ଼ି ଆଗେ ରକ୍ତ ସମ୍ପର୍କ ତୁଚ୍ଛ। କେବେ ମରାମରି ହୋଇ ରକ୍ତାକ୍ତ ତ କେବେ କୋର୍ଟ କଚେରିଯାଏ ମାମଲା ଚାଲୁଛି। ଗୋଟିଏ ମାଆ ପେଟରୁ ଜନ୍ମ ହୋଇ ଏକା ଥାଳିରେ ଖାଇ ବଡ଼ ହେବା ପରେ ଅମୂଲ୍ୟ ରକ୍ତ ସମ୍ପର୍କକୁ ଭୁଲିଯାଆନ୍ତି ସାମାନ୍ୟ ସ୍ୱାର୍ଥ ପାଇଁ! ଆମ ଭାରତୀୟ ସଂସ୍କୃତିରେ ବି କମ୍ ଉଦାହରଣ ନାହିଁ ଭ୍ରାତୃପ୍ରେମର। ଶ୍ରୀରାମଚନ୍ଦ୍ର ଓ ତାଙ୍କ ତିନିଭାଇଙ୍କ ମଧ୍ୟରେ ଥିବା ଅତୁଟ ସମ୍ପର୍କ ଯାହା ଶେଷଯାଏଁ ବଦଳିନାହିଁ।

ଆମ ଦେଶ ସାଧୁସନ୍ଥମାନଙ୍କ ଦେଶ। ତ୍ୟାଗପୂତ ଜୀବନଧାରା ଭିତରେ ସେମାନେ ଆମକୁ ଅଜସ୍ର ଦାନ ଦେଇଯାଇଛନ୍ତି। ତା'ର ଉଦାହରଣ ବେଦ ଉପନିଷଦ ଆଦି ବହୁମୂଲ୍ୟ ଗ୍ରନ୍ଥ, ଜୀବନକୁ ସୁଚାରୁ ରୂପେ ତୁଲାଇବାର ପଦ୍ଧତି। ଆମ ପ୍ରାଚୀନ ପରମ୍ପରାର ଚିକିତ୍ସା ପଦ୍ଧତିକୁ ଅନ୍ୟ ଦେଶମାନେ ଅନୁକରଣ କରନ୍ତି। ଏମିତି ଅନେକ କାହାଣୀ ଅଛି ଜୀବନକୁ ସତ୍‌ମାର୍ଗ ଆଡ଼କୁ ନେଇଯିବା ପାଇଁ। ବହୁତ ଉଦାହରଣ ରହିଛି ବ୍ୟକ୍ତିସତ୍ତାକୁ ଠିକ୍ ମାର୍ଗରେ ନିୟୋଜିତ କରିବା ପାଇଁ। ସମସ୍ୟାର ସମାଧାନ ପାଇଁ ମଧ୍ୟ ଅନେକ ବାଟ ରହିଛି ଆମ ପାଖେ। ଅଥଚ ସେସବୁ ପ୍ରଭାବହୀନ।

କେବଳ କ୍ଷମତା ଓ ପ୍ରତିପତ୍ତି ଯଦି ଜୀବନର ସବୁକିଛି ହୋଇଥାନ୍ତା, ତେବେ ରାମଚନ୍ଦ୍ର ବିମାତାଙ୍କ ଜିଦ୍ ରଖିବାକୁ ରାଜଗାଦି ତ୍ୟାଗ କରି ବନବାସୀ ହୋଇ ନ ଥାନ୍ତେ। ସତ୍ କାର୍ଯ୍ୟ ସମସ୍ତଙ୍କ ଦ୍ୱାରା ହୁଏନାହିଁ। ସମସ୍ୟାର ସମାଧାନ ପାଇଁ କେବେକେବେ ବହୁତ କିଛି ତ୍ୟାଗ କରିବାକୁ ହୁଏ। ସମାଧାନ ପାଇବାକୁ ସମସ୍ୟାର ମୂଳକୁ ଯିବାକୁ ପଡ଼ିଥାଏ। ବଡ଼ବଡ଼ ମୁନିଋଷିମାନଙ୍କୁ ଏଥିପାଇଁ ବହୁ କଷ୍ଟ କରିବାକୁ ପଡ଼ିଛି। ସେମାନେ ବୁଦ୍ଧି ଖଟେଇ ବିଭିନ୍ନ ସମାଧାନ ପାଇବା ପରେ ଉତ୍ତରପିଢି ପାଇଁ ସେସବୁ କୌଶଳ ଛାଡ଼ିଯାଇଛନ୍ତି।

ଥରେ ବୁଦ୍ଧ ଗୋଟେ ଦଉଡ଼ି ନେଇ ସେଥିରେ କିଛି ଗଣ୍ଠି ପକେଇଦେଲେ। ଶିଷ୍ୟମାନଙ୍କୁ ପଚାରିଲେ– କ'ଣ ପରିବର୍ତ୍ତନ ହୋଇଛି ଏ ଦଉଡ଼ିର ? କିଏ କହିଲା– କିଛି ପରିବର୍ତ୍ତନ ହୋଇନାହିଁ, ଦଉଡ଼ି ସେହି ଦଉଡ଼ି ହୋଇ ଅଛି ତ ଆଉ କେହି କହିଲା– ମୌଳିକ ପରିବର୍ତ୍ତନ ନ ହେଲେ ମଧ୍ୟ ଗଣ୍ଠି ଦ୍ୱାରା ତା'ର ରୂପ ବଦଳିଛି। ବୁଦ୍ଧ ସେ ଦଉଡ଼ିର ଗଣ୍ଠି ଫିଟେଇବାକୁ ଯାଇ ତା'ର ଦୁଇ ପାର୍ଶ୍ୱକୁ ଜୋର୍‌ରେ ଟାଣିବାକୁ ଲାଗିଲେ, କିନ୍ତୁ ଦଉଡ଼ି ଫିଟିଲା ନାହିଁ। ତା' ପରେ ସେ ଶିଷ୍ୟଙ୍କୁ ପଚାରିଲେ– ଦଉଡ଼ିର ଗଣ୍ଠି ଏପରି ଭାବେ ଫିଟୁନାହିଁ କାହିଁକି? ଶିଷ୍ୟ କହିଲା– ଗଣ୍ଠିକୁ ନିରୀକ୍ଷଣ ନ କରି ଭୁଲ୍ ଭାବେ ଦଉଡ଼ିକୁ ଟାଣିଲେ ଗଣ୍ଠି ତ ଫିଟିବନି ଅନ୍ୟଥା ଏହା ଆହୁରି ଶକ୍ତ ହୋଇଯିବ। ବୁଦ୍ଧ ଏହା ଶୁଣି କହିଲେ– ସମସ୍ୟା ମଧ୍ୟ ଠିକ୍ ସେହିପରି, ତା'ର ଉତ୍ସ, ପ୍ରଭେଦ ଓ କାରଣକୁ ନିରୀକ୍ଷଣ ନ କଲେ ସମାଧାନ ସଂଭବ ନୁହେଁ। ଅନ୍ୟଥା ଏହା ପୂର୍ବାପେକ୍ଷା ଶକ୍ତ ହେବା ସାର ହେବ।

ସମସ୍ୟା ଅନେକ କିନ୍ତୁ ସଚେତନତାର ଘୋର ଅଭାବ। ବହୁତ ଯୋଜନା ହେଉଛି କିନ୍ତୁ ଲୋକମାନଙ୍କ ପାଖରେ ସେ ଅପହଞ୍ଚ। ମେଧାର ଅଭାବ ନାହିଁ, କିନ୍ତୁ ନିଜକୁ ପ୍ରମାଣିତ କରିବାର ବିଶେଷ ସୁବିଧା ସୁଯୋଗ ନାହିଁ। ବୈଷୟିକ ଜ୍ଞାନକୌଶଳର ଅଭାବ, ପ୍ରାକୃତିକ ସଂପଦର ସୁରକ୍ଷା ଆଦିକୁ ଆମେ ଗୁରୁତ୍ୱ ଦେଉନାହିଁ। ସ୍ୱାସ୍ଥ୍ୟ କିମ୍ବା ଶିକ୍ଷାବ୍ୟବସ୍ଥା ସୁଦୃଢ ନୁହେଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମତରେ 'ଲୋକମାନଙ୍କୁ କିଛି ବି ମାଗଣା ଦିଅନାହିଁ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ନ୍ୟାୟ ଛଡ଼ା। ଲୋକମାନେ କର୍ମଠ ହୁଅନ୍ତୁ, ଦେଶ ଉନ୍ନତି କରିବ'। ଆଉଥରେ ଚିକିତ୍ସାଳୟ ଉଦ୍‌ଘାଟନ କଲାବେଳେ କହିଥିଲେ 'ଖାଲି ଚିକିତ୍ସାଳୟ ଗଢ଼ିଦେଲେ ହେବନି ଲୋକ ସଚେତନ ନ ହେଲେ ଏସବୁର ମୂଲ୍ୟ ନାହିଁ'। କାରଣ ଆମ ଦେଶର ବହୁଲୋକ ସ୍ୱାସ୍ଥ୍ୟ ସଚେତନ ନୁହନ୍ତି। ବାସ୍ତବରେ ଜନସାଧାରଣ ମୂଳ ସମସ୍ୟାକୁ ସେ ଠିକ୍ ଚିହ୍ନିଥିଲେ। ଲୋକମାନେ ସିନା ସ୍ୱାସ୍ଥ୍ୟ ସଚେତନ ନୁହନ୍ତି କିନ୍ତୁ ବିଭିନ୍ନ ଯୋଜନା ବିଷୟରେ ଖବର ରଖନ୍ତି।

ପ୍ରକୃତରେ ଲୋକେ ଆରାମରେ ଯେତିକି ଖର୍ଚ୍ଚ କରନ୍ତି, ସ୍ୱାସ୍ଥ୍ୟ ପାଇଁ ତା'ର ଦଶ ଭାଗରୁ ଗୋଟେ ଭାଗ ବି ଖର୍ଚ୍ଚ କରିବାକୁ ଅମଙ୍ଗ ହୁଅନ୍ତି। ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ାହୋଇ ସ୍ୱାସ୍ଥ୍ୟ ପରୀକ୍ଷା କଲାବେଳକୁ ଆଉକିଛି ରୋଗ ଫ୍ରିରେ ନେଇଆସନ୍ତି। କାରଣ ସେମାନଙ୍କୁ ସବୁ ଜିନିଷ ଖୁବ୍ ସହଜ ଓ ଶସ୍ତାରେ ମିଳିବା ଦରକାର। ସେ ଉପାୟରେ ଜୀବନ ବିପନ୍ନ ହେଉ ପଛେ। ମଣିଷ ସଚେତନ ଓ ସାବଧାନ ହେଲେ ସିନା ସମସ୍ୟା ମୁକ୍ତ ହେବ। କିନ୍ତୁ ସମସ୍ୟାକୁ ନ ବୁଝିଲେ ନିରାକରଣ ଅସମ୍ଭବ। ଆମକୁ ମଧ୍ୟ ସେହିପରି ସମସ୍ୟାର ମୂଳକୁ ଯାଇ ସମାଧାନର ପନ୍ଥା ଖୋଜିବାକୁ ପଡ଼ିବ। ନ ହେଲେ ଏହା କର୍କଟ ରୋଗ ପରି ମାରାତ୍ମକ ପାଲଟିଯିବ।

ସେହିପରି ଆମର ସାମର୍ଥ୍ୟ ମଧ୍ୟ ଅସୀମ। କିନ୍ତୁ ଆମେ ନିଜକୁ ସଙ୍କୁଚିତ କରିନେଇଛେ ନିଜ ସ୍ୱାର୍ଥ ପାଇଁ। ସୁକାର୍ଯ୍ୟରେ ଆମ ସାମର୍ଥ୍ୟକୁ ନିୟୋଜିତ ନ କରି ଅସତ୍ ଉପାୟରେ ବିନିଯୋଗ କରୁଛେ। ଭୁଲିଯାଇଛେ ଆମେମାନେ ଗୋଟେ ଲେଖାଁ ଅମୃତର ଧାର। ଜୀବନ ବଦଳରେ ବିଷ ହୋଇ ସଞ୍ଚରିଯିବା ଆମର ଲକ୍ଷ୍ୟ ନୁହେଁ।

**ମୋ: ୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ରାଜପଥରେ ବଢୁଛି ଦୁର୍ଘଟଣା

ମହାଶୟ,

ରାଜଧାନୀ ସହିତ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ବନ୍ଦ ରହିଥିବାରୁ ରାଜପଥ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଛି। ବିଶେଷକରି ଢେଙ୍କାନାଳ ଜିଲା ଅନ୍ତର୍ଗତ ଏହି ଜାତୀୟ ରାଜପଥରେ ''ଡାଇଭର୍‌ସନ'' ରାସ୍ତାଗୁଡ଼ିକ ମରାମତି ଅଭାବରୁ ଅଧିକ ସଙ୍କଟାପନ୍ନ ହୋଇଥିବା ଯୋଗୁ ସେହିସବୁ ସ୍ଥାନରେ ଦୁର୍ଘଟଣା ଅଧିକ ହେଉଛି। ସେହି ରାସ୍ତାରେ ଚଳପ୍ରଚଳ କରୁଥିବା ଯାନଗୁଡ଼ିକ ଖରାପ ହୋଇ ପଡ଼ିରହିବାରୁ ଟ୍ରାଫିକ ସମସ୍ୟା ଅଧିକ ଗୁରୁତର ହେଉଛି ; ଯଦ୍ଦ୍ୱାରା ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ରାସ୍ତା ଦୁର୍ଘଟଣାକୁ ରୋକିବା ପାଇଁ ହାଇୱେ ପୋଲିସ ଭ୍ୟାନ ନିୟୋଜିତ ଥିଲେ ମଧ୍ୟ ସେଥିରେ ଥିବା କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ଦୁର୍ଘଟଣାକୁ ରୋକାଯାଇପାରୁନାହିଁ। ସଂପ୍ରସାରଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଏବଂ ଡାଇଭରସନ ରାସ୍ତାଗୁଡ଼ିକୁ ଠିକ୍ ଭାବେ ମରାମତି କରିବା ପାଇଁ ଦାବି ହେଉଥିଲେ ମଧ୍ୟ ଠିକାଦାରଙ୍କ ମନମାନି ଯୋଗୁ ଅବସ୍ଥା ସୁଧୁରୁନାହିଁ। ଏଣୁ ସଂପ୍ରସାରଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ପୋଲିସ ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ।

**– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ ଟାଉନ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶକତିର ସେବୀ ସୁଦ୍ଧା ଶୁଣିପାରେ ଯୁକତିର ବାଣୀ
ବଦଳାଇ ପାରେ ହୃଦ ମଥା ତାର ଲୋଡା ନାହିଁ ହାଣି
ମାଲିକ ଶ୍ରମିକ ପ୍ରଜା ନିଷ୍ପେସିତ ଦୀନ ଧନବାନ
ବିନା ରକ୍ତେ ସମ୍ଭବଇ ସକଳ ଭେଦର ଅବସାନ!
–(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ DHARITRI
Friday, November 12/2021


## ସଂକ୍ଷେପରେ

### ଆର୍‌ବିଆଇ ରିଟେଲ ଡାଇରେକ୍ଟ ସ୍କିମ ଲଞ୍ଚ୍ କରିବେ ମୋଦି

**ନୂଆଦିଲ୍ଲୀ,୧୧।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍‌ବିଆଇର ୨ ଗ୍ରାହକ କୈନ୍ଦ୍ରିକ ସ୍କିମ ଶୁକ୍ରବାର ଲଞ୍ଚ କରିବେ। ଏହା ମଧ୍ୟରେ ରିଟେଲ ଡାଇରେକ୍ଟ ସ୍କିମ ଏବଂ ସମନ୍ୱିତ ଲୋକପାଳ ସ୍କିମ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର କୁହାଯାଇଛି ଯେ, ଆର୍‌ବିଆଇ ରିଟେଲ ଡାଇରେକ୍ଟ ସ୍କିମରେ ଖୁଚୁରା ନିବେଶକମାନେ ସରକାରଙ୍କ ପ୍ରତିଭୂତି କ୍ରୟରେ ସିଧାସଳଖ ଭାଗ ନେଇ ପାରିବେ। ସରକାରୀ ପ୍ରତିଭୂତି ବଜାରକୁ ଖୁଚୁରା ନିବେଶକଙ୍କ ଯୋଗଦାନ ବୃଦ୍ଧି ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ଯେଉଁ ପ୍ରତିଭୂତି ଜାରି କରିବେ ସେଥିରେ ଖୁଚୁରା ନିବେଶକ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିପାରିବେ। ନିବେଶକ ଅନଲାଇନ ଦ୍ୱାରା ଆର୍‌ବିଆଇରେ ସରକାରୀ ପ୍ରତିଭୂତି ଆକାଉଣ୍ଟ ଖୋଲିବା ସହ ଏହାକୁ ପରିଚାଳନା କରିବାକୁ ସକ୍ଷମ ହେବ। ସେହିଭଳି ରିଜର୍ଭ ବ୍ୟାଙ୍କର ଇଣ୍ଟିଗ୍ରେଟେଡ ଅମ୍ବୁଡସମ୍ୟାନ ସ୍କିମ ଗ୍ରାହକଙ୍କ ଅଭିଯୋଗ ସମାଧାନ ଧାରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡିକ ଲାଗି ଏହା କାର୍ଯ୍ୟକାରୀ ହେବ। ଗୋଟିଏ ପୋର୍ଟାଲରେ ୱାନ ନେଶନ ଏବଂ ୱାନ ଅମ୍ବୁଡସମ୍ୟାନ ସୁବିଧା ଯୋଗାଣ ଲକ୍ଷ୍ୟ ରଖାଯାଇଛି।

### ଅଭିବୃଦ୍ଧି ୧୦% ଟପିପାରେ: ରାଜୀବ କୁମାର

ନୂଆଦିଲ୍ଲୀ,୧୧।୧୧: ଚଳିତ ଆର୍ଥିକ ବର୍ଷରେ ଭାରତର ରିୟେଲ ଜିଡ଼ିପି ଅଭିବୃଦ୍ଧି ୧୦% ଟପିପାରେ। ଖରିଫ ଖାଦ୍ୟ ଶଷ୍ୟ ଉତ୍ପାଦନରେ ରେକର୍ଡ ଏବଂ ରବି ଋତୁରେ ଫସଲ ଉନ୍ନତ ହେବାକୁ ଥିବାରୁ ଏହା ଅଭିବୃଦ୍ଧିକୁ ଉତ୍ସାହିତ କରିବ ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ତେବେ ମୁଦ୍ରାସ୍ଫୀତିକୁ ନେଇ କୁମାର ସତର୍କ କରାଇଛନ୍ତି। ଏହା ଆର୍ଥିକ ସୁଧାର, ଯୋଗାଣ ଚେନ୍ ଏବଂ ଏନର୍ଜି ମୂଲ୍ୟ ଉପରେ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ଭାରତର ଅଭିବୃଦ୍ଧି ପ୍ରାୟ ୯.୫% ରହିବ ବୋଲି ଅନ୍ୟ ଏଜେନ୍ସି ଆକଳନ କରିଛନ୍ତି।

# ୨୦୪୦ରୁ ଆସିବନି ପେଟ୍ରୋଲ-ଡିଜେଲ ଗାଡ଼ି

### ଗ୍ଲୋବାଲ ୱାର୍ମିଂ ହ୍ରାସ ପାଇଁ ୬ କମ୍ପାନୀଙ୍କ ଘୋଷଣା



ନୂଆଦିଲ୍ଲୀ,୧୧।୧୧

ଗ୍ଲୋବାଲ ୱାର୍ମିଂ ଏବଂ ପରିବେଶ ପ୍ରଦୂଷଣ ବର୍ତ୍ତମାନ ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ଏହି ସମସ୍ୟାକୁ ନଜରରେ ରଖି ବିଶ୍ୱର ୬ ପ୍ରମୁଖ ଅଟୋ ମୋବାଇଲ କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ୨୦୪୦ରୁ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନ ପ୍ରସ୍ତୁତିକୁ ବନ୍ଦ କରିବା ଲାଗି କମ୍ପାନୀଗୁଡ଼ିକ କହିଛନ୍ତି। ବ୍ରିଟେନର ଗ୍ଲାସ୍‌ଗୋରେ ଚାଲିଥିବା ସିଓପି ୨୬ ବୈଠକରେ କମ୍ପାନୀଗୁଡ଼ିକ ପରିବେଶ ଲାଗି ଏଭଳି ଦୃଢ଼ ସଂକଳ୍ପ ନେଇଛନ୍ତି। ଗ୍ଲୋବାଲ ୱାର୍ମିଂକୁ କମ୍ କରିବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି କୁହାଯାଉଛି।

୨୦୪୦ ପର୍ଯ୍ୟନ୍ତ ପେଟ୍ରୋଲ-ଡିଜେଲରେ ଚାଲୁଥିବା କାର୍ ବିକ୍ରି ଧୀରେ ଧୀରେ କମ୍ କରିବା ଲାଗି ବୈଠକରେ ପ୍ରସ୍ତାବ ରଖାଯାଇଥିଲା। କମ୍ପାନୀଗୁଡ଼ିକ ମଧ୍ୟରେ ଫୋର୍ଡ, ମର୍ସିଡିଜ ବେଞ୍ଜ, ଜେନେରାଲ ମୋଟର୍ସ, ଭାଲ୍‌ଭୋ ଭଳି ୬ ବଡ଼ କମ୍ପାନୀ ରହିଛି। ବିଶ୍ୱର ୩୧ ଦେଶର ସରକାର ଏଭଳି କାର୍‌ଗୁଡ଼ିକର ବିକ୍ରି ଧୀରେ ଧୀରେ ବନ୍ଦ କରିବା ଲାଗି ଘୋଷଣା କରିଛନ୍ତି। ତେବେ ଟୟୋଟା, ଫକ୍ସୱାଗନ, ନିଶାନ-ରୋନୋ ଭଳି ଅନ୍ୟ ପ୍ରମୁଖ କାର୍ ନିର୍ମାତା ଏହି ପ୍ରସ୍ତାବକୁ ମାନିବାକୁ ମନା କରିଦେଇଛନ୍ତି।

ଗ୍ଲାସ୍‌ଗୋରେ ଗତ ୨ ସପ୍ତାହ ଧରି ଚାଲିଥିବା ବୈଠକ ଶୁକ୍ରବାର ଶେଷ ହେବାକୁ ଯାଉଛି। ଜଳବାୟୁ ପରିବର୍ତ୍ତନକୁ ଧ୍ୟାନରେ ରଖି ଯୁକ୍ତରାଷ୍ଟ୍ର ଆମେରିକାର ଏକ ଏଜେନ୍ସି ଏକ ଡ୍ରାଫ୍ଟ ଜାରି କରିଛି। ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନକୁ କମ୍ କରିବା ଲକ୍ଷ୍ୟ ଉପରେ ପୁଣି ଥରେ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଏଥିରେ ଅପିଲ କରାଯାଇଛି। କୋଇଲା ଏବଂ ତେଲର ବ୍ୟବହାରକୁ କମ୍ କରିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ଏଥିରେ କୁହାଯାଇଛି।

# ଆକର୍ଷଣୀୟ ରିହାତି ଦେବ ଇଇଏସ୍‌ଏଲ୍

### ଓଡ଼ିଶାରେ ଡିଏସ୍‌ଏମ୍ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୧୧।୧୧

ଶକ୍ତି ମନ୍ତ୍ରଣାଳୟର ଯୌଥ ଉଦ୍ୟୋଗ ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ(ଇଇଏସ୍‌ଏଲ୍) ପକ୍ଷରୁ ଓଡ଼ିଶାର ବିତରଣ କମ୍ପାନୀଗୁଡ଼ିକର ସହଯୋଗରେ ନୂଆ କାର୍ଯ୍ୟକ୍ରମ ୟୁଟିଲିଟି ଭିତ୍ତିକ ଡିମାଣ୍ଡ ସାଇଡ ମ୍ୟାନେଜମେଣ୍ଟ(ଡିଏସ୍‌ଏମ୍) ଆରମ୍ଭ କରାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଓଡ଼ିଶା ଭଳି ବଜାରଗୁଡିକରେ ଇଇଏସ୍‌ଏଲ୍ ଏନର୍ଜି ଏଫିସିଏଣ୍ଟ ପ୍ରଡକ୍ଟଗୁଡିକ ପ୍ରାୟ ୨୦ରୁ ୩୦% ରିହାତିରେ ଉପଲବ୍ଧ ହେବ। ଏହି ଆପ୍ଲାଏନ୍ସ ପ୍ରଡକ୍ଟଗୁଡିକ ମଧ୍ୟରେ ଏନର୍ଜି ଏଫିସିଏଣ୍ଟ ଏସି, ଏନର୍ଜି ଏଫିସିଏଣ୍ଟ ୫ ଷ୍ଟାର ବିଏଲ୍‌ଡିସି ଫ୍ୟାନ, ଏଲ୍‌ଇଡି ଲାଇଟ ଏବଂ ବଲ୍‌ବ ଏବଂ ଏନର୍ଜି ଏଫିସିଏଣ୍ଟ ମୋଟର ସାମିଲ ରହିଛି। ଏହି ପ୍ରଡକ୍ଟଗୁଡିକୁ ଆପଣାଇ ଗ୍ରାହକ ଉଭୟ ଶକ୍ତି ଏବଂ ଅର୍ଥ ସଞ୍ଚୟ କରିବାକୁ ସକ୍ଷମ ହୋଇପାରିବେ। ସେହିଭଳି ଶକ୍ତି ବିତରକ କମ୍ପାନୀଗୁଡିକ ପିକ୍ ଡିମାଣ୍ଡ ମ୍ୟାନେଜମେଣ୍ଟ କ୍ଷେତ୍ରରେ ସକ୍ଷମ ହୋଇପାରିବେ। କାର୍ଯ୍ୟକ୍ରମ ଅବସରରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଓଇଆର୍‌ସି ଅଧ୍ୟକ୍ଷ ୟୁଏନ୍ ବେହେରା, ଗ୍ରୀଡକୋ ଏମ୍‌ଡି ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇଇଏସ୍‌ଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍.ପି.ଗଡନାୟକ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟୁତ ବିତରଣ କ୍ଷେତ୍ରରେ ପରିଚାଳନା ଖର୍ଚ୍ଚକୁ କମାଇପାରିବେ। ଭବିଷ୍ୟତର ଶକ୍ତି ଦକ୍ଷତା ପ୍ରସଙ୍ଗକୁ ବିଚାର କରି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ଏସ୍‌ବିଆଇର ଖୁଚୁରା, ମଧ୍ୟମ ଉଦ୍ୟୋଗ କେନ୍ଦ୍ର




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ଅଫିସ,୧୧।୧୧

ଅନୁଗୋଳ ଗାନ୍ଧୀ ମାର୍ଗଠାରେ ଗୁରୁବାର ଏସ୍‌ବିଆଇ ପକ୍ଷରୁ ଖୁଚୁରା ଓ ମଧ୍ୟମ ଉଦ୍ୟୋଗ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇ ଓଡ଼ିଶା ସର୍କଲ ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଆଞ୍ଚଳିକ ଶାଖା ପରିଚାଳକ ପ୍ରମୋଦ କୁମାର ପ୍ରଧାନ, ଶାଖା ସହାୟକ ମହାପ୍ରବନ୍ଧକ ଆଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟାଳୟ ମାଧ୍ୟମରେ ଗ୍ରାହକମାନେ ଗୃହ ଋଣ, ଶିକ୍ଷା ଋଣ, ବ୍ୟବସାୟିକ ଋଣ ସହଜରେ ପାଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଥମ ଦିନରେ ଶାଖା ମାଧ୍ୟମରେ ମୋଟ ୧.୩୫ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ଗ୍ରାହକମାନଙ୍କ ସୁବିଧା ପାଇଁ ଅନୁଗୋଳ, ତାଳଚେର, ସରାଙ୍ଗ, ହିନ୍ଦୋଳ, ବନ୍ତଳା, ବଇଣ୍ଡା ଆଦି ମୋଟ ୧୯ଟି ଶାଖାର ଋଣ ମଞ୍ଜୁର କାର୍ଯ୍ୟ ଏହି କେନ୍ଦ୍ର ମାଧ୍ୟମରେ କରାଯିବ ବୋଲି ଶାଖା ପରିଚାଳକ ପ୍ରକାଶ କରିଥିଲେ।

# ୬ ମାସରେ ୧ ଲକ୍ଷ ସିଏନ୍‌ଜି କାର୍ ବିକ୍ରି

ନୂଆଦିଲ୍ଲୀ,୧୧।୧୧

ଅଟୋମୋବାଇଲ ଶିଳ୍ପରେ କମ୍ପ୍ରେସଡ ନାଚୁରାଲ ଗ୍ୟାସ(ସିଏନଜି) ଯାନଗୁଡ଼ିକର ବିକ୍ରି ଦ୍ରୁତ ହାରରେ ବଢ଼ିଛି। ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଏହି ବର୍ଗର ଯାନ ବିକ୍ରି ୯୭% ବୃଦ୍ଧି ଘଟିଛି। ଏହି ୬ ମାସରେ ୧.୦୧ ଲକ୍ଷ ୟୁନିଟ ସିଏନ୍‌ଜି ଯାନ ବିକ୍ରି ହୋଇଛି। ଗତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଏହି ବର୍ଗରେ ୫୧,୪୪୮ ୟୁନିଟ ଯାନ ବିକ୍ରି ହୋଇଥିଲା। ଗତ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷ ସମାନ ସମୟରେ ୪୯,୯୬୪ ୟୁନିଟ ଅଧିକ ଗାଡି ବିକ୍ରି ହୋଇଛି। ପେଟ୍ରୋଲ ଏବଂ ଡିଜେଲ ଦର ଲଗାତାର ବୃଦ୍ଧି ହେଉଥିବାରୁ ଲୋକମାନେ ସିଏନଜି ଯାନ କ୍ରୟ କରିବାକୁ ଆଗଭର ହେଉଥିବା କୁହାଯାଉଛି। ସିଏନ୍‌ଜି କାର ବିକ୍ରିରେ ମାରୁତି ସୁଜୁକି ଏବଂ ହ୍ୟୁଣ୍ଡାଇ କମ୍ପାନୀର ଦବଦବା ରହିଛି। ମାରୁତି ଏହାର ୭ ମଡେଲ ସିଏନ୍‌ଜି ବର୍ଗରେ ଉପଲବ୍ଧ କରାଉଥିବାରୁ ଏହାର ବିକ୍ରିରେ ଉନ୍ନତି ପରିଲକ୍ଷିତ ହୋଇଛି। ସେହିଭଳି ହ୍ୟୁଣ୍ଡାଇ ୪ଟି ମଡେଲ ଆଣିଛି।

# ସଦ୍‌ଗୁରୁ ହସ୍ପିଟାଲରେ ଜଟିଳ ପ୍ରସୂତି ଅସ୍ତ୍ରୋପଚାର



**କଟକ,୧୧।୧୧:** କେନ୍ଦ୍ରାପଡ଼ା ଜିଲା ହଳଦିଆ ଗ୍ରାମର ସଜିଦା ବେଗମଙ୍କର ସଫଳତାର ସହ ଏକ ଜଟିଳ ପ୍ରସୂତି ଅସ୍ତ୍ରୋପଚାର ସ୍ଥାନୀୟ ଜଗତପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ସମ୍ପନ୍ନ ହୋଇଛି। ସେ ଗୁରୁତର ହୃଦ୍‌ରୋଗର ଶିକାର ଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ମାଗଣାରେ ତାଙ୍କ ଅସ୍ତ୍ରୋପଚାର କରାଯାଇଛି। ବର୍ତ୍ତମାନ ଉଭୟ ମା ଓ ଶିଶୁ ପୁତ୍ର ସୁସ୍ଥ ରହିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ସେ ଚିକିତ୍ସା ଲାଗି ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସମିତା ମହାନ୍ତିଙ୍କ ଯୋଗାଯୋଗରେ ଆସିଥିଲେ। ଡା. ମହାନ୍ତିଙ୍କ ନେତୃତ୍ୱରେ ହୃଦ୍‌ରୋଗ ବିଭାଗର ଡା. ଶ୍ରୀକ୍ଷେତ୍ର ନନ୍ଦ, ଆନାସ୍ଥେସିଆ ବିଭାଗର ପ୍ରଜ୍ଞାନନ୍ଦ ଦାସଙ୍କ ଟିମ୍ ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଏହି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରିଥିଲେ। ଏଭଳି ଅସ୍ତ୍ରୋପଚାର ସମୟରେ ଶିଶୁ ତୁଳନାରେ ମା'ର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାର ଆଶଙ୍କା ରହିଥାଏ। ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ କାର୍ଡ ଜରିଆରେ ଏହି ଜଟିଳ ଅସ୍ତ୍ରୋପଚାର ମାଗଣାରେ ହୋଇଥିବାରୁ ରାଜ୍ୟ ସରକାର ଏବଂ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ମିଳିଥିବା ଚିକିତ୍ସା ଓ ସହଯୋଗକୁ ନେଇ ସଜିଦାଙ୍କ ସ୍ୱାମୀ ଶେଖ ସଲିମ ଖୁସିବ୍ୟକ୍ତ କରିଛନ୍ତି।

## ଫୁରସତ୍

# ପୋଖରୀରେ ରେଷ୍ଟୁରାଣ୍ଟ



ନୂଆଦିଲ୍ଲୀ: ପୋଖରୀ ଭିତରେ ରେଷ୍ଟୁରାଣ୍ଟ। ଅର୍ଥାତ୍ ରେଷ୍ଟୁରାଣ୍ଟର ଟେବୁଲ ଚେୟାର ସବୁ ଏକ ମାଛ ପୋଖରୀ ଭିତରେ ଅଳ୍ପ ବୁଡ଼ିବା ଅବସ୍ଥାରେ ରହିଛି। ସେଠାରେ ଗ୍ରାହକମାନଙ୍କୁ ପାଣି ଭିତରେ ଗୋଡ଼ ରଖି ବସିବାକୁ ହେବ। କଥାଟା ଶୁଣି ହୁଏତ ଅଦ୍ଭୁଆ ଲାଗୁଥିବ। କିନ୍ତୁ ଏମିତି ଏକ ରେଷ୍ଟୁରାଣ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ୧୯ ସେକେଣ୍ଡର ଏକ ଭିଜୁଆଲରେ ଦେଖିବାକୁ ମିଳୁଛି କି କୃତ୍ରିମଭାବେ ଏକ ପୋଖରୀ ତିଆରି କରାଯାଇ ସେଥିରେ ରେଷ୍ଟୁରାଣ୍ଟର କରାଯାଇଛି। କୃତ୍ରିମ ପୋଖରୀରେ ଅଳ୍ପ ପାଣି ଭିତରେ ଗ୍ରାହକମାନଙ୍କ ପାଇଁ ବସି ଖାଇବାର ବ୍ୟବସ୍ଥା କରାଯାଇଛି। ଏହି ରେଷ୍ଟୁରାଣ୍ଟ ଭିତରେ ବସି ଖାଇବାକୁ ହେଲେ ଗ୍ରାହକମାନଙ୍କୁ ପାଦେ ପାଣିରେ ଗୋଡ଼ ରଖି ଖାଇବାକୁ ହେବ। ତଳେ ପାଣି ଭିତରେ ବିଭିନ୍ନ ପ୍ରକାରର ରଙ୍ଗିନ ମାଛ ସବୁ ଛଡ଼ାଯାଇଛି। କିନ୍ତୁ ଏହା କେଉଁ ସ୍ଥାନରେ କରାଯାଇଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ରେଷ୍ଟୁରାଣ୍ଟର ଏକ ପାଖରେ ସୁଇଟ୍ ଫିଶ୍ କାଫେ ବୋଲି ଲେଖାଯାଇଛି।

# ସଚେତନତା ହିଁ ପ୍ରକୃତ ଚିକିତ୍ସା

### ବିଶ୍ୱ ନିମୋନିଆ ଦିବସ



ଯେକୌଣସି ଶାରୀରିକ ସମସ୍ୟା କ୍ଷେତ୍ରରେ ସଚେତନତା ହିଁ ପ୍ରକୃତ ଚିକିତ୍ସା ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ବହୁ ପୂର୍ବରୁ ଶାରୀରିକ ସମସ୍ୟା ସମ୍ପର୍କରେ ଜଣାପଡ଼ିଥାଏ। ଫଳରେ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସହଜ ହୋଇଥାଏ। ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୨ରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଥାଏ।

ନିମୋନିଆ ବିରୋଧରେ ବିଶ୍ୱସ୍ତରରେ ଏକଜୁଟ ହେବା ଏହି ଦବସର ମୁଖ୍ୟ ଲକ୍ଷ୍ୟ। ୨୦୦୯ରେ ୧୦୦ରୁ ଅଧିକ ସଂଗଠନ ନଭେମ୍ବର ୨ରେ ପ୍ରଥମ ବିଶ୍ୱ ନିମୋନିଆ ଦିବସ ପାଳନ କରିବା ପାଇଁ ଶିଶୁ ନିମୋନିଆ ବିରୋଧରେ ଗ୍ଲୋବାଲ କୋଆଲିଶନ ଭାବରେ ଏକତ୍ରିତ ହୋଇଥିଲେ। ନିମୋଡିଆପି, ହେଜ ପାଣ୍ଡିର ଲାନ୍ସ ଲାଇଫର୍ ମ୍ୟାଲେରିଆ ଏବଂ ନିମୋନିଆ, ଗ୍ଲୋବାଲ ହେଲ୍‌ଥ କାଉନସିଲ, ଗାଭି ଆଲାଇନ୍ସ ଏବଂ ସାବିନ ଭ୍ୟାକ୍ସିନ ଇନ୍‌ଷ୍ଟିଚ୍ୟୁଟ ଏକତ୍ରିତ ହୋଇ ଲୋକଙ୍କୁ ନଭେମ୍ବର ୨ରେ ବିଶ୍ୱ ନିମୋନିଆ ଦିବସରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ୨୦୧୦ଠାରୁ ଏହି ଦିବସ ନଭେମ୍ବର ୧୨ରେ ପାଳିତ ହୋଇ ଆସୁଛି। ନିମୋନିଆ ହେଉଛି ଏକ ପ୍ରତିରୋଧକ ତଥା ଚିକିତ୍ସା ଯୋଗ୍ୟ ଶାରୀରିକ ସମସ୍ୟା। ଏହା ପ୍ରତିବର୍ଷ ପୃଥିବୀର ୫ ବର୍ଷରୁ କମ୍ ୧୫୫ ନିୟୁତ ପିଲାଙ୍କୁ ଅସୁସ୍ଥ କରିଥାଏ ଏବଂ ପ୍ରତିବର୍ଷ ଏଥିରେ ଆକ୍ରାନ୍ତ ହୋଇ ୧.୬ ନିୟୁତ ଜୀବନ ହରାଇଥାନ୍ତି।

ଏଡ୍‌ସ, ମ୍ୟାଲେରିଆ ଏବଂ ମିଳିମିଳା ତୁଳନାରେ ଏହା ଯୋଗୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ। ମାରାତ୍ମକ ନିମୋନିଆ ହେମୋଫିଲସ ଇନ୍‌ଫ୍ଲୁଏଞ୍ଜା ଟାଇପ ବି ଏବଂ ଷ୍ଟ୍ରେପଟୋକୋକସ ନିମୋନିଆ ଯୋଗୁଁ ସଂକ୍ରମଣ ହୋଇଥାଏ। ଏହାର ପ୍ରତିରୋଧ ପାଇଁ ପ୍ରଭାବଶାଳୀ ଟିକା ଅଛି। ତେଣୁ ସଚେତନତା ଦ୍ୱାରା ନିମୋନିଆରୁ ଦୂରେଇ ରହିବା ସମ୍ଭବ ହୋଇ ପାରିବ।

ଉକ୍ତ ଦିବସ ଅବସରରେ ଏନେଇ ସଚେତନତା ସୃଷ୍ଟି କରାଯାଇଥାଏ। ନିମୋନିଆର ଲକ୍ଷଣ ପ୍ରକାଶ ପାଇଲେ କିଭଳି ପଦକ୍ଷେପ ଗ୍ରହଣ କରିବାକୁ ହେବ ସେନେଇ ଲୋକଙ୍କୁ ପରାମର୍ଶ ଦିଆଯାଇଥାଏ।

# ତାଞ୍ଜାନିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସଞ୍ଜୟ



**ଡୋଡୋମା:** ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ତାଞ୍ଜାନିଆର ପ୍ରଧାନମନ୍ତ୍ରୀ କାଶିମ ମାଜାଲିୱାଙ୍କୁ ଭେଟିଛନ୍ତି। ଗୁରୁବାର ସଞ୍ଜୟ ଦତ୍ତ ତାଙ୍କ ଇନଷ୍ଟାଗ୍ରାମରେ ଏହାର କିଛି ଫଟୋ ଅପଲୋଡ କରିଛନ୍ତି, ଯେଉଁଥିରେ ସେ ତାଞ୍ଜାନିଆ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଉଥିବା ଦେଖାଯାଇଛି। ଫଟୋ ଅପଲୋଡ କରିବା ସହ ସଞ୍ଜୟ ଲେଖିଛନ୍ତି, ତାଞ୍ଜାନିଆ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସେ ବହୁତ ଖୁସି। ତାଞ୍ଜାନିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ସହଯୋଗ କରିବା ସହ ପର୍ଯ୍ୟଟନରେ ନିବେଶ କରିବା ସୁଯୋଗ ମିଳିବା ତାଙ୍କୁ ଆନନ୍ଦ ଦେଇଛି। ସେ ପୁଣିଥରେ ଖୁବଶୀଘ୍ର ତାଞ୍ଜାନିଆ ଯିବେ ବୋଲି ମଧ୍ୟ ଲେଖିଛନ୍ତି। ସୂଚନାଯୋଗ୍ୟ, ସଞ୍ଜୟ ଦତ୍ତ ଜାଞ୍ଜିବରର ଆମ୍ବାସଡର ନିଯୁକ୍ତ ହୋଇଛନ୍ତି ତାହା ତାଞ୍ଜାନିଆର ସେମି ଅଟୋନମସ ପାର୍ଟ ବୋଲି କହିଛନ୍ତି। ସଞ୍ଜୟ ଜାଞ୍ଜିବରର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଓ ସହଯୋଗକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ୱାର୍କ ଫଣ୍ଟକୁ ଦେଖିବାକୁ ଗଲେ ସଞ୍ଜୟଙ୍କୁ କେଜିଏଫ୍: ଚାପ୍ଟର ୨ରେ ଦେଖିବାକୁ ମିଳିବ। ଏଥିରେ ୟଶ, ରବିନା ଟଣ୍ଡନ୍, ଶ୍ରୀନିଧି ସେଟ୍ଟୀ, ପ୍ରକାଶ ରାଜ ଏବଂ ମାଳବିକା ଅଭିନାଶ ପ୍ରମୁଖ ଅଭିନୟ କରିଛନ୍ତି। ଅକ୍ଷୟ କୁମାରଙ୍କ ପୃଥ୍ୱୀରାଜ ଏବଂ ରଣବୀର କପୁରଙ୍କ ଶମସେରା ଆଦି ଫିଲ୍ମ ସଞ୍ଜୟଙ୍କ ହାତରେ ରହିଛି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରତ୍ନାକର ମହାନ୍ତି**
ଆବିର୍ଭାବ- ୧୫।୦୬।୧୯୩୫
ତିରୋଧାନ- ୦୨।୧୧।୨୦୨୧
୨୭, ଆର୍ଯ୍ୟା ଭିଲେଜ୍, ଡୁମୁଡୁମା
ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି ଓ ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ମୋକ୍ଷ ପ୍ରାପ୍ତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ରମାରାଣୀ ମହାନ୍ତି, ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୨୨୨୩୫

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଅଁଳା ନବମୀ

ତୁମେ ଆଜି ନାହଁ, ହେଲେ ତୁମ ସ୍ମୃତି ଆମ ପାଖରେ ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ୍ୟ ରହିଥିବ, ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୨୨୨୨୭

### ଊନବିଂଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ- ୨୦୦୨

ବାପା, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।

:ଶୋକସନ୍ତପ୍ତ:
ଆପଣଙ୍କର ପିଲାମାନେ

ଧ-୨୨୧୬୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନିତ୍ୟାନନ୍ଦ ସେନାପତି**
ଗୁଆପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ-୨୬।୦୪।୧୯୩୪
ତିରୋଧାନ- ୨୩।୧୧।୨୦୨୦

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-ଶୋକସନ୍ତପ୍ତ-
ପୁତ୍ର: ପ୍ରଫୁଲ୍ଲ, ପ୍ରସନ୍ନ, ପ୍ରଦୀପ୍ତ, ପ୍ରଶାନ୍ତ, ପ୍ରଦ୍ୟୁମ୍ନ, ଶିବୁ, ବୋହୂ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।

ଧ-୭୧୮୧୪

# ଟି୨୦ ବିଶ୍ୱକପ୍: ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ

**ଦୁବାଇ, ୧୧।୧୧**

ଡେଭିଡ ୱାର୍ନର, ମାଥ୍ୟୁ ୱାଡେ ଓ ମାର୍କୁସ ଷ୍ଟୋଇନିସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆରୋନ ଫିଞ୍ଚଙ୍କ ଦଳ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନ ୨୦ ଓଭରରେ ୪ ଉଇକେଟ ହରାଇ ୧୭୬ ରନ କରିଥିଲା। ଅଷ୍ଟ୍ରେଲିଆ ୧୯ ଓଭରରେ ୫ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ୯୬ ରନ ମଧ୍ୟରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇବାରୁ ପାକିସ୍ତାନର ବିଜୟ ଆଶା ସଞ୍ଚାର ହୋଇଥିଲା। ମାତ୍ର ମାଥ୍ୟୁ ୱାଡେ ଓ ମାର୍କୁସ ଷ୍ଟୋଇନିସ ଅସମାପ୍ତ ୬ଷ୍ଠ ଉଇକେଟରେ ୪୧ ବଲ୍‌ରୁ ୮୧ ରନର ଭାଗୀଦାରି ଗଢ଼ି ଅଷ୍ଟ୍ରେଲିଆକୁ ଫାଇନାଲରେ ପହଞ୍ଚାଇଥିଲେ। ଷ୍ଟୋଇନିସ ୩୧ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହ ୪୦ ଏବଂ ୱାଡେ ମାତ୍ର ୧୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୪୧ ରନ କରି ଅପରାଜିତ ରହିଥିଲେ। ରବିବାର ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ବୁଧବାର ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୫ ଉଇକେଟରେ ଇଂଲଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପାକିସ୍ତାନ ୨୦୦୯ରେ ଚାମ୍ପିୟନ ଓ ୨୦୦୭ରେ ରନର୍ସଅପ୍ ହୋଇଥିଲା। ୨୦୧୦ ଓ ୨୦୧୨ରେ ଦଳ ସେମିଫାଇନାଲରୁ ବିଦାୟ ନେଇଥିଲା। ୨୦୨୧ରେ ମଧ୍ୟ ଦଳ ସେମିଫାଇନାଲରୁ ବିଦାୟ ନେଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୨୦୧୦ରେ ରନର୍ସଅପ୍


ମ୍ୟାଚ୍ ବିଜୟୀ ଭାଗୀଦାରି ଅବସରରେ ଅଷ୍ଟ୍ରେଲିଆର ମାର୍କୁସ୍ ଷ୍ଟୋଇନିସ ଓ ମାଥ୍ୟୁ ୱାଡେ।

ହୋଇଥିବାବେଳେ ୨୦୦୭ ଓ ୨୦୧୨ରେ ସେମିଫାଇନାଲରୁ ଅଭିଯାନ ଶେଷ କରିଥିଲା। ଏଥର କିନ୍ତୁ ଦଳ ଫାଇନାଲରେ ପ୍ରବେଶ କରି ପ୍ରଥମଥର ପାଇଁ ଟାଇଟଲ ଜିତିବା ଆଶା ସୃଷ୍ଟି କରିଛି। ନ୍ୟୁଜିଲାଣ୍ଡ ମଧ୍ୟ ପୂର୍ବରୁ କେବେ ଚାମ୍ପିୟନ ହୋଇନାହିଁ। ତେଣୁ ଏଥର ଏକ ନୂଆ ଚାମ୍ପିୟନ ହେବା ସ୍ପଷ୍ଟ ହୋଇ ଯାଇଛି। ୧୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ପ୍ରଥମ ଓଭରରେ ଅଧିନାୟକ ଆରୋନ ଫିଞ୍ଚ(୦)ଙ୍କ ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ଡେଭିଓ ୱାର୍ନର ଓ ମିଚେଲ ମାର୍ଶ ଇନିଂସ ସଜାଡ଼ିବାରେ ମନୋନିବେଶ କରିଥିଲେ। ମାତ୍ର ପାକିସ୍ତାନର ଶାଦବ ଖାଁ ନିଜ ସ୍ପିନ ଯାଦୁରେ ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ସେ ମିଚେଲ ମାର୍ଶ (୨୮ ରନ, ୨୨ ବଲ, ୩ ଚୌକା, ୧ ଛକା), ଷ୍ଟିଭେନ ସ୍ମିଥ (୫), ସେଟ୍ ବ୍ୟାଟର ଡେଭିଡ ୱାର୍ନର (୪୯ ରନ, ୩୦ ବଲ, ୩ ଚୌକା, ୩ ଛକା) ଓ ବିପଜ୍ଜନକ ଗ୍ଲେନ ମ୍ୟାକ୍ସୱେଲ (୭)ଙ୍କୁ ଆଉଟ କରି ପାକିସ୍ତାନ ଶିବିରରେ ଉତ୍ସାହ ଭରିଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ମାର୍କୁସ ଷ୍ଟୋଇନିସ ଓ ମାଥ୍ୟୁ ୱାଡେ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଟିଏ ଓଭର ପୂର୍ବରୁ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପାକିସ୍ତାନ ପାଇଁ ଏହା କିଛି ଫରକ ପକାଇ ନ ଥିଲା। ରିଜୱାନ ଓ ଅଧିନାୟକ ବାବର ଆଜମ ଧୂଆଁଧାର ବ୍ୟାଟିଂ କରି ଓପନିଂ ଯୋଡ଼ିରେ ୬୦ ବଲ୍‌ରୁ ୭୧ ରନ ସଂଗ୍ରହ କରିବାରୁ ପାକିସ୍ତାନର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ ହୋଇଥିଲା। ୧୦ମ ଓଭରର ଅନ୍ତିମ ବଲ୍‌ରେ ବାବରଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ଆଡାମ ଜାମ୍ପା। ୩୪ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହାୟତାରେ ବାବର ୩୯ ରନ କରିଥିଲେ। ରିଜୱାନଙ୍କ ସହ ଫଖର ଜମାନ କ୍ରିଜରେ ଯୋଗ ଦେବାପରେ ରନହାର ଦ୍ରୁତ ହାରରେ ବୃଦ୍ଧି ଘଟିଥିଲା। ଦ୍ୱିତୀୟ ଉଇକେଟରେ ୪୬ ବଲ୍‌ରୁ ୭୨ ରନ ଯୋଗ ହେବାପରେ ରିଜୱାନଙ୍କୁ ଷ୍ଟିଭେନ ସ୍ମିଥ୍‌ଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ଫେରାଇଥିଲେ ମିଚେଲ ଷ୍ଟାର୍କ। ୫୨ଟି ବଲ୍ ଖେଳି ରିଜୱାନ ୩ ଚୌକା ଓ ୪ ଛକା ସହ ସର୍ବାଧିକ ୬୭ ରନ ସ୍କୋର କରିଥିଲେ। ଅସିଫ ଅଲୀ ଖାତା ଖୋଲିବା ପୂର୍ବରୁ ଏବଂ ସୋଏବ ମଲିକ ୧ ରନରେ ଆଉଟ ହୋଇଥିଲେ ହେଁ ଫଖର ଜମାନ ୩୨ ବଲ୍‌ରୁ ୫୫(୩ ଚୌକା, ୪ ଛକା) ରନରେ ଅପରାଜିତ ରହି ପାକିସ୍ତାନକୁ ୧୭୬ ରନରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୨ଟି ଏବଂ ପ୍ୟାଟ୍ କମିନ୍ସ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୭୬/୪(ମହମ୍ମଦ ରିଜୱାନ-୬୭, ଫଖର ଜମାନ-୫୫*, ବାବର ଆଜମ-୩୯, ମିଚେଲ ଷ୍ଟାର୍କ-୨/୩୮, ପ୍ୟାଟ୍ କମିନ୍ସ-୧/୩୦, ଆଡାମ ଜାମ୍ପା-୧/୨୨)। ଅଷ୍ଟ୍ରେଲିଆ ୧୯ ଓଭରରେ ୧୭୭/୫(ଡେଭିଡ ୱାର୍ନର-୪୯, ମାଥ୍ୟୁ ୱାଡେ-୪୧*, ମାର୍କୁସ ଷ୍ଟୋଇନିସ-୪୦*, ମିଚେଲ ମାର୍ଶ-୨୮, ଶାଦବ ଖାଁ-୪/୨୬, ଶାହିନ ଶାହ ଆଫ୍ରିଦୀ-୧/୩୫)।

## ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ଦୌଡ଼ରେ ପ୍ରମୋଦ

**ନୂଆଦିଲ୍ଲୀ,୧୧।୧୧:** ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଆଉ ଏକ ବିଶ୍ୱସ୍ତରୀୟ ସମ୍ମାନ ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ପୁରୁଷ ପାରା ଅଲିମ୍ପିକ ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ପ୍ରମୋଦଙ୍କ ନାମ ସୁପାରିସ କରାଯାଇଛି। ପାରା ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ପିବିଡବ୍ଲ୍ୟୁଏଫ୍) ଗୁରୁବାର ପ୍ରମୋଦଙ୍କ ସମେତ ୬ଜଣ ପୁରୁଷ ଖେଳାଳିଙ୍କ


ପ୍ରମୋଦ ଭଗତ

ନାମ ମଧ୍ୟ ସୁପାରିସ କରିଛି। ବିଶ୍ୱ ଚାମ୍ପିୟନ ପ୍ରମୋଦ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଟୋକିଓ ପାରା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍‌୩ କ୍ଲାସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ନୂଆକରି ପ୍ରଥମଥର ପାଇଁ ଦିଆଯିବାକୁ ଥିବା ପେୟର ଅଫ୍ ଇୟର ପୁରସ୍କାର ଲାଗି ମନୋଜ ସରକାରଙ୍କ ନାମ ମଧ୍ୟ ସୁପାରିସ କରାଯାଇଛି। ମନୋଜ ମଧ୍ୟ ଟୋକିଓ ପାରା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ କ୍ଲାସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରମୋଦଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେ ପୋଲିଓ ରୋଗରେ ଆକ୍ରାନ୍ତ ହୋଇଥିଲେ। ପଡ଼ୋଶୀଙ୍କ ଖେଳ ଦେଖି ସେ ମଧ୍ୟ ବ୍ୟାଡ୍‌ମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ପ୍ରଥମେ ସେ ସାଧାରଣ ପିଲାଙ୍କ ସହ ବ୍ୟାଡ୍‌ମିଣ୍ଟନ ଖେଳିଥିଲେ। ପରେ ୨୦୦୬ରେ ସେ ପ୍ରତିଯୋଗିତାମୂଳକ ପାରା ବ୍ୟାଡ୍‌ମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ଏସ୍‌ଏଲ୍ ୩ରେ ପ୍ରମୋଦ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ରହିଛନ୍ତି। ସେ ମଧ୍ୟ ଏହି ବର୍ଗର ଇଭେଣ୍ଟରେ ଏସିଆନ ଚାମ୍ପିୟନ ରହିଛନ୍ତି। ଏସ୍‌ଏଲ୩ ବର୍ଗର ଖେଳାଳିମାନଙ୍କ ନିମ୍ନରେ ଥିବା ଅଙ୍ଗଗୁଡିକ ଦୁର୍ବଳତା ଶିକାର ହୋଇଥାଏ। କିନ୍ତୁ ସାଧାରଣ ବର୍ଗର ଖେଳାଳିଙ୍କ ପାଇଁ ପୁରୁଷ ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ପୁରସ୍କାର ପାଇଁ କୌଣସି ଭାରତୀୟ ଖେଳାଳିଙ୍କ ନାମ ସୁପାରିସ କରାଯାଇନାହିଁ। ଏହି ପୁରସ୍କାର ପାଇଁ ଡେନ୍‌ମାର୍କର ଭିକ୍ଟର ଏକ୍ସେଲସେନ, ଆଣ୍ଡର୍ସ ଆଣ୍ଟୋନସେନ, ଚାଇନାର ୱାନାଗ ୟି ଲିୟୁ ଓ ଜାପାନର ୟୁଟା ୱାଣ୍ଟାନେବଙ୍କ ନାମ ଏହି ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏକ୍ସେଲସେନ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମହିଳା ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଚାଇନାର ଚେନ ୟୁ ଫେଇ, ସ୍ପେନ୍‌ର କାରୋଲିନା ମାରିନ, ତାଇପେର ଅକେନ ୟାମାଗୁଚିଙ୍କ ନାମ ସୁପାରିସ କରାଯାଇଛି। କୋଭିଡ୍-୧୯ ମହାମାରୀ କାରଣରୁ ପୁରସ୍କାର ଏଲିଜିବିଲିଟି ପିରିୟଡକୁ ୨୦୨୦ ଓ ୨୦୨୧ ସେସନକୁ ଅର୍ଥାତ୍ ୨୦୧୯ ନଭେମ୍ବର ୧ରୁ ୨୦୨୧ ଅକ୍ଟୋବର ୩୧କୁ ବୃଦ୍ଧି କରାଯାଇଛି। ନଭେମ୍ବର- ଡିସେମ୍ବରରେ ଇଣ୍ଡୋନେସିଆରେ ଆୟୋଜନ ହେବାକୁ ଥିବା ଏଚ୍‌ଏସ୍‌ବିସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁରର ବାଲି ଲେଗ୍‌ରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପ୍ରଥମଥର ପାଇଁ ଦୁଇଟି ନୂଆ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଛି। ପ୍ଲେୟର ଅଫ୍ ଦି ଇୟର ଓ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପ୍ରଥମଥର ପାଇଁ ପ୍ରଦାନ କରାଯିବ।

## ଜୟପୁର ଟି୨୦: ଦର୍ଶକ କଟକଣା ରହିବନି

**ନୂଆଦିଲ୍ଲୀ, ୧୧।୧୧ (ପି.ଟି.):** ନଭେମ୍ବର ୧୭ରେ ଜୟପୁରରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଓପନିଂ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଷ୍ଟାଡିୟମରେ ଦର୍ଶକ କଟକଣା ରହିବ ନାହିଁ। ଏପରିକି ଗୋଟିଏ ଡୋଜ୍ କରୋନା ଭ୍ୟାକ୍ସିନ ନେଇଥିବା ଦର୍ଶକଙ୍କୁ ଅନୁମତି ମିଳିବ। ଆଦୌ ଟିକା ନେଇ ନ ଥିବା ବ୍ୟକ୍ତି ମଧ୍ୟ ଷ୍ଟାଡିୟମରେ ମ୍ୟାଚ ଦେଖିପାରିବେ, ହେଲେ ତାଙ୍କୁ ମ୍ୟାଚ ଆରମ୍ଭର ୪୮ ଘଣ୍ଟା ପୂର୍ବରୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବାକୁ ପଡ଼ିବ। ୨୫ ହଜାର ଆସନ କ୍ଷମତା ବିଶିଷ୍ଟ ସାୱାଇ ମାନସିଂ ଷ୍ଟାଡିୟମ ୮ବର୍ଷ ପରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଆୟୋଜକ ରାଜସ୍ଥାନ କ୍ରିକେଟ ଆସୋସିଏଶନର ସମ୍ପାଦକ ମହେନ୍ଦ୍ର ଶର୍ମା କହିଛନ୍ତି କୋଭିଡ୍ ପାଇଁ ରାଜ୍ୟର ବର୍ତ୍ତମାନ ରହିଥିବା ଗାଇଡ୍‌ଲାଇନ୍ ଅନୁସାରେ ଆମେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ ଆୟୋଜନ କରିପାରିବୁ। ଏଥିପାଇଁ ଅତିକମ୍‌ରେ ଜଣେ ଗୋଟିଏ ଡୋଜ୍ ଭ୍ୟାକ୍ସିନ ଅବା ମ୍ୟାଚ ଦିନ ସାଥିରେ ଏକ ନେଗେଟିଭ୍ ରିପୋର୍ଟ ଆଣିବାକୁ ପଡ଼ିବ। ବିନା ମାସ୍କରେ ଷ୍ଟାଡିୟମ ଭିତରକୁ ଦର୍ଶକଙ୍କୁ ଛଡ଼ା ଯିବ ନାହିଁ।

Azadi Ka Amrit Mahotsav

ସମୃଦ୍ଧତା ଦିଗରେ
ଏକ ନୂତନ ପଦକ୍ଷେପ



ଭାରତୀୟ ରିଜର୍ଭ ବ୍ୟାଙ୍କ
ଦ୍ୱାରା ଦୁଇଟି ଅଭିନବ ଏବଂ ଗ୍ରାହକ-କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ

ଆରବିଆଇ ରିଟେଲ ଡାଇରେକ୍ଟ ଯୋଜନା
- ଖୁଚୁରା ନିବେଶକାରୀଙ୍କ ପାଇଁ ସରକାରୀ ପ୍ରତିଭୂତିରେ ନିବେଶ କରିବାର ନୂଆ ସୁଯୋଗ
- ଖୁଚୁରା ନିବେଶକାରୀ ସହଜରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ନିଜର ସରକାରୀ ପ୍ରତିଭୂତି ଖାତା ଅନଲାଇନରେ ନିଃଶୁଳ୍କ ଖୋଲି ପାରିବେ ଏବଂ ମେଣ୍ଟେନ କରିପାରିବେ
- ଖୁଚୁରା ନିବେଶକାରୀଙ୍କ ପାଇଁ ଡିଜିଟାଲ ମଞ୍ଚରେ ସରକାରୀ ପ୍ରତିଭୂତି କ୍ରୟ ଏବଂ ବିକ୍ରୟ କରିବା ଅତ୍ୟନ୍ତ ସରଳ

ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଲୋକପାଳ ଯୋଜନା
- 'ଏକ ରାଷ୍ଟ୍ର-ଏକ ଲୋକପାଳ'- ଏକ ପୋର୍ଟାଲ, ଏକ ଇମେଲ ଏବଂ ଏକ ଠିକଣା ସହିତ
- ଗ୍ରାହକ ମାନଙ୍କର ଅଭିଯୋଗ ଦାଖଲ କରିବା, ଦସ୍ତାବିଜ ଜମା କରିବା, ଷ୍ଟାଟସ ଟ୍ରାକ କରିବା ଏବଂ ଫିଡବ୍ୟାକ ଦେବା ପାଇଁ ଏକକ ପ୍ରକ୍ରିୟାକରଣ କେନ୍ଦ୍ର
- ଆରବିଆଇ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଅଭିଯୋଗ ପାଇଁ ସମନ୍ୱିତ ଯୋଜନା
- ଅଭିଯୋଗ ଦାଖଲ କରିବା ଏବଂ ଅଭିଯୋଗ ସମାଧାନର ସୂଚନା ପାଇବାରେ ସହାୟତା ପାଇଁ ବହୁଭାଷୀ-ସମର୍ଥିତ ଟୋଲ-ଫ୍ରୀ ନମ୍ବର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା ଭର୍ଚୁଆଲ ଲଞ୍ଚ
ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ
ଉପସ୍ଥିତିରେ

12 ନଭେମ୍ବର, 2021 ସକାଳ 11.00 ସମୟରେ

ଲଞ୍ଚ ଇଭେଣ୍ଟ ଦେଖିବା ପାଇଁ ସ୍କାନ କରନ୍ତୁ
କିମ୍ବା ଲଗଇନ କରନ୍ତୁ : https://pmindiawebcast.nic.in

RBI Says | Reserve Bank of India | RBI Says | ReserveBankOfIndia

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୧୨/୨୦୨୧ | Dhenkanal, Friday, November 12/2021 | ପୃଷ୍ଠା-୧




# ବନ୍ଦ ନୁହେଁ, ହରତାଳକୁ ଅନୁମତି

## କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ବିରୋଧରେ ହାଇକୋର୍ଟଙ୍କ ରାୟ



**କଟକ ଅଫିସ,୧୧।୧୧**

କଂଗ୍ରେସ ବନ୍ଦ ନୁହେଁ, କେବଳ ହରତାଳ କରିପାରିବ। ଧର୍ମଘଟ ବେଳେ ଦଳ ପକ୍ଷରୁ ସାଧାରଣ ଜନତାଙ୍କ ଜୀବନରେ ବ୍ୟାଘାତ ସୃଷ୍ଟି କରାଯାଇ ପାରିବ ନାହିଁ। ଆନ୍ଦୋଳନକାରୀ ଜବରଦସ୍ତି ଦୋକାନବଜାର ବନ୍ଦ, ଗାଡ଼ି ଚଳାଚଳରେ ବାଧା ଦେଇପାରିବେ ନାହିଁ। ଏପରି କି ରେଳରୋକୋ ବା ରାସ୍ତା ବନ୍ଦ କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅଖଣ୍ଡ ବନ୍ଦ ବେଆଇନ। ତେଣୁ ଆନ୍ଦୋଳନକାରୀ ଶାନ୍ତିପୂର୍ଣ୍ଣ ହରତାଳ କେବଳ କରିପାରିବେ। ଧର୍ମଘଟ ବେଳେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବ, ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦକୁ ବିରୋଧ କରି ଗୁରୁବାର ଅପରାହ୍ନ ୨ଟାରେ ହାଇକୋର୍ଟରେ କଟକର ଜଣେ ବ୍ୟକ୍ତି ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ☞ପୃଷ୍ଠା-୬

## ଆଜି କଂଗ୍ରେସର ୬ ଘଣ୍ଟିଆ ଧର୍ମଘଟ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଏବଂ ସିବିଆଇ ତଦନ୍ତ ଦାବିରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରିଥାଆନ୍ତା। ହେଲେ ବନ୍ଦ ପାଳନକୁ ନେଇ ଜଣେ ବ୍ୟବସାୟୀ ହାଇକୋର୍ଟରେ ଏକ ପିଆଇଏଲ୍ ଦାଖଲ କରିବା ପରେ ଏହି ପ୍ରସଙ୍ଗରେ କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। କଂଗ୍ରେସ ବନ୍ଦ ନୁହେଁ, ହରତାଳ କରିପାରିବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। କୌଣସି ବ୍ୟବସାୟିକ ଅନୁଷ୍ଠାନ କିମ୍ବା ଗାଡ଼ି ମୋଟରକୁ ବାଧକରି ବନ୍ଦ କରାଯାଇପାରିବ ନାହିଁ ବୋଲି କୋର୍ଟ କହିବାପରେ କଂଗ୍ରେସ ତା'ର ଆଭିମୁଖ୍ୟରେ ପରିବର୍ତ୍ତନ କରିଛି। ଅନ୍ୟପଟେ ସାଧାରଣ ଜନତା ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା ଲାଗି କୋର୍ଟ କହିଛନ୍ତି। ଏହାପରେ ପୋଲିସ ଡିଜି ଅଭୟ ଭିଡିଓ କନ୍‌ଫରେନ୍ସରେ ରାଜ୍ୟରେ ଯେପରି କୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେଥିଲାଗି ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମେ ବନ୍ଦ ପାଳନ କଥା କେବେ କହିନାହୁଁ। ୬ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧର୍ମଘଟ ପାଳନ ବିଷୟରେ କହିଥିଲୁ। ଆମେ ବନ୍ଦ କରିବାକୁ କୌଣସି ଅନୁଷ୍ଠାନକୁ ବାଧ କରିନାହୁଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କଂଗ୍ରେସ ମାନିବ ବୋଲି ସେ କହିଛନ୍ତି। ଏହି ସମୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ବାଦ୍ ଦିଆଯିବ। ତେବେ ହାଇକୋର୍ଟଙ୍କ ରାୟ ☞ପୃଷ୍ଠା-୬

# ଭାରତୀୟ ଦଳରେ ୩ ଓଡ଼ିଆ


ଅଭିଷେକ ଲାକ୍ରା


ସୁନୀଲ ଜୋଜୋ


ସୁଦୀପ ଚିରମାକୋ

## ଜୁନିୟର ହକି ବିଶ୍ୱକପ୍-୨୦୨୧

**ଭୁବନେଶ୍ୱର, ୧୧।୧୧ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ଜୁନିୟର ହକି ବିଶ୍ୱକପ୍ (୨୧ ବର୍ଷରୁ କମ୍) ପାଇଁ ଗୁରୁବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଦଳରେ ୩ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅଭିଷେକ ଲାକ୍ରା, ସୁନୀଲ ଜୋଜୋ ଓ ଫରୱାର୍ଡ ସୁଦୀପ ଚିରମାକୋ। ଏହି ସମସ୍ତ ଖେଳାଳି ସୁନ୍ଦରଗଡ଼ର। ପୂର୍ବରୁ ଘୋଷିତ ସମ୍ଭାବ୍ୟ ୨୪ ଜଣିଆ କୋର୍ ଦଳରେ ୫ ଓଡ଼ିଆ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ଡିଫେଣ୍ଡର ସିରିଲ ଲୁଗୁନ ଓ ଗୋଲକିପର ସାହିଲ କୁମାର ନାୟକଙ୍କୁ ସୁଯୋଗ ମିଳିନାହିଁ। ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତୀୟ ଦଳର ନେତୃତ୍ୱ ନେବେ ବିବେକ ସାଗର ପ୍ରସାଦ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ବିବେକ। ସେହିପରି ବୁଏନ୍ସ ଆରିଜରେ ଅନୁଷ୍ଠିତ ୨୦୧୮ ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିବା ଡିଫେଣ୍ଡର ସଞ୍ଜୟଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ପ୍ରତିଯୋଗିତାରେ ବିଶ୍ୱର ୧୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିବେ। ୨୦୧୬ରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଏଠାରେ ଭାରତ ଟାଇଟଲ ବଜାୟ ରଖିବାକୁ ଲଢ଼େଇ କରିବ। ୨୪ ନଭେମ୍ବରରେ ଫ୍ରାନ୍ସ ବିପକ୍ଷରେ ଖେଳି ☞ପୃଷ୍ଠା-୬

# ସ୍କୁଲରେ ତିଆରି ହୁଏ ଦେଶର ଭବିଷ୍ୟତ

## ୧୦୨୫ ସ୍କୁଲର ରୂପାନ୍ତରଣ ପର୍ବ ଶୁଭାରମ୍ଭ

■ ପ୍ରଥମ ଦିନରେ ୫ ଜିଲାର ୧୪୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ


'୫-ଟି' ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

ଗୁରୁବାରଠାରୁ ସ୍କୁଲ ରୂପାନ୍ତରଣ ପର୍ବ ଆରମ୍ଭ ହୋଇଛି। ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲାର ୧୦୨୫ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି। ୭ ଦିନ ଧରି ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ସୁନ୍ଦରଗଡ଼, କଟକ, ନବରଙ୍ଗପୁର, କନ୍ଧମାଳ ଓ ବାଲେଶ୍ୱର ଆଦି ୫ଟି ଜିଲାର ୧୪୨ଟି ରୂପାନ୍ତରଣ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏଥିରେ ସୁନ୍ଦରଗଡର ୬୭ଟି, କଟକର ୩୦ଟି, ବାଲେଶ୍ୱରର ୨୩ଟି, ନବରଙ୍ଗପୁରର ୨୨ଟି ଓ କନ୍ଧମାଳର ୧୦ଟି ସ୍କୁଲ ରହିଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍କୁଲରେ ତିଆରି ହୁଏ ଦେଶର ଭବିଷ୍ୟତ, ଜାତିର ଭବିଷ୍ୟତ। କଥାରେ ଅଛି, ପିଲାମାନେ ଆମ ଜନସଂଖ୍ୟାର ଏକ ତୃତୀୟାଂଶ ହେଲେ ବି ସେମାନେ ଆମର ପୂରା ଭବିଷ୍ୟତ। ସ୍କୁଲ ସମୟ ପିଲାମାନଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏ ସମୟରେ ପିଲାମାନଙ୍କୁ ସେମାନଙ୍କର ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଦାୟିତ୍ୱ। ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ପାଠ ସହ କ୍ରୀଡ଼ା, ସଙ୍ଗୀତ ସବୁ କ୍ଷେତ୍ରରେ ଓଡ଼ିଶାର ଗୌରବ ବଢ଼ାନ୍ତୁ। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣନ୍ତୁ। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରଣର ଲକ୍ଷ୍ୟ। ଓଡ଼ିଶାର ଶିକ୍ଷା ବିକାଶ କ୍ଷେତ୍ରରେ ☞ପୃଷ୍ଠା-୬

# ଲାଇଫ୍ ସପୋର୍ଟରେ ବିଶ୍ୱତାପନ ଲକ୍ଷ୍ୟ

## କପ୍୨୬ର ଅଗ୍ରଗତିକୁ ନେଇ ଅସନ୍ତୋଷ ବ୍ୟକ୍ତକଲେ ଗୁଟେରେସ୍


ଆଣ୍ଟୋନିଓ ଗୁଟେରେସ୍

**ଗ୍ଲାସ୍‌ଗୋ,୧୧।୧୧**

ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ଲକ୍ଷ୍ୟ ଏବେ ଲାଇଫ୍ ସପୋର୍ଟରେ ବୋଲି ଗୁରୁବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଚାଲିଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ (କପ୍୨୬) ସମ୍ମିଳନୀରେ ଜାତିସଂଘ ପକ୍ଷରୁ ସ୍ଥିର କରାଯାଇଥିବା ୩ ମୁଖ୍ୟ ଲକ୍ଷ୍ୟ ମଧ୍ୟରୁ ଗୋଟିଏକୁ ନେଇ ମଧ୍ୟ ସହମତି ପ୍ରକାଶ ପାଇ ନ ଥିବାରୁ ସେ ଏଭଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏନେଇ ଆଶା ଛାଡ଼ିବା ଅନୁଚିତ ବୋଲି ସେ କହିଛନ୍ତି।

ଆସୋସିଏଟେଡ୍ ପ୍ରେସ୍‌କୁ ଗୁରୁବାର ୨୫ ମିନିଟ ଧରି ସାକ୍ଷାତ୍‌କାର ଦେଇ ଗୁଟେରେସ୍ କହିଛନ୍ତି, ଗ୍ଲାସ୍‌ଗୋରେ ଜାତିସଂଘ ଜଳବାୟୁ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ପହଞ୍ଚିଛି। କପ୍ ୨୬ରେ ଭାଗନେଇଥିବା ରାଷ୍ଟ୍ରଗୁଡ଼ିକ ଏକ ଦୁର୍ବଳ ଡିଲ୍‌କୁ ସମର୍ଥନ କରିବା ପାଇଁ ରାଜି ହୋଇଥିବାବେଳେ ଏଥିରୁ ଅଧିକ କାର୍ଯ୍ୟ କରିବାକୁ ପଡ଼ିବ। ବିଶ୍ୱ ଆଗରେ ଛିଡ଼ା ହୋଇଥିବା ବିଶାଳ ଚ୍ୟାଲେଞ୍ଜର ମୁକାବିଲା ଜରୁରୀ। ବିଶ୍ୱ ତାପମାତ୍ରା ୧.୧ ଡିଗ୍ରୀ ସେଲସିୟସ୍ (୨ ଡିଗ୍ରୀ ଫାରେନ୍‌ହିଟ) ବୃଦ୍ଧିପାଇ ସାରିଛି। ତେଣୁ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍ (୨.୭ ଫାରେନ୍‌ହିଟ)ରେ ସୀମିତ ରଖିବା ଲକ୍ଷ୍ୟ ଏବେ ଲାଇଫ୍ ସପୋର୍ଟ ବା ଜୀବନ ରକ୍ଷାକାରୀ ବ୍ୟବସ୍ଥାରେ ରହିଛି। ବର୍ତ୍ତମାନ ପ୍ରଶମନ, ସମାଯୋଜନ ଓ ଆର୍ଥିକ ଭଳି ସମସ୍ତ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରି ଲକ୍ଷ୍ୟ ବୃଦ୍ଧି ନେଇ ସହମତି ପ୍ରକାଶ ପାଇବା ସମୟ ଉପନୀତ ବୋଲି ଗୁଟେରେସ୍ କହିଛନ୍ତି।

ଆମେରିକା ଓ ଚାଇନା ମଧ୍ୟରେ ବୁଧବାର ସ୍ୱାକ୍ଷରିତ ଏକ ଚୁକ୍ତିନାମା ନେଇ ଘୋଷଣା କରାଯାଇଛି। କପ୍୨୬ ଆଲୋଚନାରେ ଏହା ଆଖିଦୃଶିଆ ପ୍ରଗତି ଆଣିବ ବୋଲି ☞ପୃଷ୍ଠା-୬

## ସମୟ ସରିଆସୁଛି: ପୋପ୍


ପୋପ୍ ଫ୍ରାନ୍ସିସ୍

**ଭାଟିକାନ୍ ସିଟି,୧୧।୧୧**

ଭଗବାନଙ୍କ ସୃଷ୍ଟି ପୃଥିବୀକୁ ରକ୍ଷା କରିବା ପାଇଁ ସମୟ ଶେଷ ହୋଇଆସୁଛି। ତେଣୁ ଗ୍ଲାସ୍‌ଗୋରେ ଚାଲିଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ (କପ୍୨୬) ସମ୍ମିଳନୀକୁ ସଫଳ କରିବା ପାଇଁ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ସ୍କଟ୍‌ଲାଣ୍ଡର କ୍ୟାଥୋଲିକ୍‌ମାନଙ୍କୁ ପରାମର୍ଶ ଦେଇଛନ୍ତି। ପୋପ୍ ଉକ୍ତ ସମ୍ମିଳନୀରେ ଯୋଗଦେଇପାରି ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ଏହା ଯେପରି ସଫଳ ହେବ ସେଥିଲାଗି ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ଏକ ପତ୍ରରେ ଉଲ୍ଲେଖ କରିଛନ୍ତି। ଭାଟିକାନ୍ ପକ୍ଷରୁ ଜାରି କରାଯାଇଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସାମ୍ପ୍ରତିକ ସମୟରେ ବିଶ୍ୱ ସମ୍ମୁଖୀନ ହେଉଥିବା ଏକ ବଡ଼ ସମସ୍ୟାର ସମାଧାନ ପାଇଁ ଗ୍ଲାସ୍‌ଗୋରେ ବିଶ୍ୱନେତାମାନେ ଏକତ୍ରିତ ହୋଇଛନ୍ତି। ଭଗବାନ ଆମକୁ ଏକ ଉଦ୍ୟାନ ଦେଇଛନ୍ତି, ଯେଉଁଠୁ ସମଗ୍ର ମାନବଜାତି ଗୋଟିଏ ପରିବାର ଭାବେ ଅମଳ କରିପାରିବ। ସମୟ ଶେଷ ହୋଇଆସୁଥିବାରୁ ଏହାକୁ ବେକାର ହେବାକୁ ଦିଆ ନ ଯାଉ ବୋଲି ପୋପ୍ ଏହି ଚିଠିରେ ଆହ୍ୱାନ ଦେଇଛନ୍ତି।

## କ୍ଲାଇମେଟ୍ ଫାଇନାନ୍ସ ଚାରିଟି ନୁହେଁ

### ଲକ୍ଷ୍ୟ ହାସଲ ପାଇଁ ଭାରତକୁ ଲୋଡ଼ା ୨.୫ ଟ୍ରିଲିୟନ୍ ଡଲାର

**ନୂଆଦିଲ୍ଲୀ,୧୧।୧୧**

ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଧନୀ ରାଷ୍ଟ୍ରଗୁଡ଼ିକର ଏକ ପ୍ରତିଶ୍ରୁତିବଦ୍ଧତା, ଉତ୍ତରଦାୟିତ୍ୱ, କର୍ତ୍ତବ୍ୟ ଓ ପ୍ରତିଜ୍ଞା ରହିଛି। ବାର୍ଷିକ ୧୦୦ ବିଲିୟନ ଡଲାର ଆର୍ଥିକ ସହାୟତା ପାଇଁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ସେମାନେ ପୂରଣ କରିବା ଉଚିତ। କ୍ଲାଇମେଟ୍ ଫାଇନାନ୍ସ ଏକ ଚାରିଟି ବା ଦାତବ୍ୟ ସହାୟତା ନୁହେଁ ବୋଲି ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି।

ଆସୋସିଏଟେଡ୍ ପ୍ରେସ୍‌କୁ ବୁଧବାର ଏକ ସାକ୍ଷାତ୍‌କାର ଦେଇ ଭୂପେନ୍ଦ୍ର କହିଛନ୍ତି, ଗ୍ଲାସ୍‌ଗୋ ୟୁଏନ୍ କ୍ଲାଇମେଟ୍ ସମିଟ୍‌କୁ ସଫଳ କରିବା ପାଇଁ ଅର୍ଥାଭାବର ସମାଧାନ ଜରୁରୀ। ଏହି ବୃହତ୍ ଉତ୍ତରଦାୟିତ୍ୱ ବିକଶିତ ରାଷ୍ଟ୍ରଗୁଡ଼ିକ ଉପରେ ନ୍ୟସ୍ତ ହୋଇଛି। କାରଣ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଯଦି କୌଣସି ବ୍ୟବଧାନ ରହିଛି ତାହା କ୍ଲାଇମେଟ୍ ଫାଇନ୍ସ ପାଇଁ ପଦକ୍ଷେପ ବୋଲି ଭୂପେନ୍ଦ୍ର ମତବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗ୍ଲାସ୍‌ଗୋରେ ଦୁଇ ସପ୍ତାହବ୍ୟାପୀ ଚାଲିଥିବା ଜଳବାୟୁ ଆଲୋଚନା ନଭେମ୍ବର ୧୨ରେ ଶେଷ ହେବ। ଏଥିରେ ସାମିଲ ହୋଇଥିବା ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ନେଉଛନ୍ତି। ବର୍ତ୍ତମାନ ଧନୀ ☞ପୃଷ୍ଠା-୬



## ତାମିଲନାଡୁରେ ବର୍ଷା ବିପ୍ଳାତ ଜାରି

■ ଗଲାଣି ୧୫ ଜୀବନ: ଚେନ୍ନାଇ ବିମାନବନ୍ଦର ସାମୟିକ ବନ୍ଦ

**ଚେନ୍ନାଇ, ୧୧।୧୧**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ବୁଧବାରଠାରୁ ପୁଣିଥରେ ପ୍ରବଳ ବର୍ଷା ଲାଗିରହିଛି। ଫଳରେ ପୂର୍ବ ୫ ଦିନର ଲଗାଣ ବର୍ଷାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ରାଜ୍ୟବାସୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଖାଲୁଆ ଅଞ୍ଚଳ ସମେତ ଅନେକ ରାସ୍ତାଘାଟ ପାଣିରେ ବୁଡ଼ିଯିବା ସହ ଲୋକଙ୍କ ଘରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ପ୍ରବଳ ବର୍ଷା ଯୋଗୁ ଗୁରୁବାର ମଧ୍ୟାହ୍ନରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚେନ୍ନାଇ ବିମାନବନ୍ଦରରେ ବିମାନ ଆଗମନକୁ ବନ୍ଦ ରଖାଯାଇଛି। ବୁଧବାରଠାରୁ ଉକ୍ତ ବିମାନବନ୍ଦରରୁ କେତେକ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଥିବାବେଳେ ଅନ୍ୟ କେତେକର ଉଡ଼ାଣ ☞ପୃଷ୍ଠା-୬

**ମହାକାଶକୁ ଗଲେ ରାଜା ଚାରୀ**

ନାସା ଏବଂ ଏଲନ ମସ୍କଙ୍କ ଘରୋଇ କମ୍ପାନୀ ସ୍ପେସ୍‌ଏକ୍ସ ପକ୍ଷରୁ ୪ ଜଣ ଫାଲ୍‌କନ୍-୯ ରକେଟ ଯୋଗେ ମହାକାଶକୁ ଯାଇଛନ୍ତି। ସେମାନେ ହେଲେ ଭାରତୀୟ ବଂଶୋଦ୍ଭବ ରାଜା ଚାରୀ(୪୪), ଆମେରିକା ନୌସେନା ଅଧିକାରୀ କାୟଲା ବାରୋନ୍(୩୪), ଜର୍ମାନୀର ମାଥିଆସ୍ ମାଉରର, ଟମ୍ ମାର୍ଶବର୍ନ। ଚାରୀ, ବାରୋନ୍ ଏବଂ ମାଉରର୍ ମହାକାଶରେ ଯଥାକ୍ରମେ ୫୯୯, ୬୦୦ ଏବଂ ୬୦୧ ତମ ଯାତ୍ରୀ ହୋଇଛନ୍ତି।

## ସଂକ୍ଷେପରେ

### ଶାସନରେ ରହିବେ ଜିନ୍‌ପିଙ୍ଗ

**ସେଣ୍ଟ୍ରାଲ କମିଟିରେ ପ୍ରସ୍ତାବ ପାରିତ**



**ବେଜିଂ, ୧୧।୧୧:** ଚାଇନାର କମ୍ୟୁନିଷ୍ଟ ପାର୍ଟିର ଉଚ୍ଚସ୍ତରୀୟ ବୈଠକରେ ଦଳର ଗତ ଶହେ ବର୍ଷର ସଫଳତାକୁ ଆଧାର କରି ଏକ ଐତିହାସିକ ପ୍ରସ୍ତାବ ପାରିତ ହୋଇଛି। ଏଥିସହିତ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ରେକର୍ଡ ତୃତୀୟ ଥର ପାଇଁ ଶାସନରେ ରହିବା ରାସ୍ତା ସଫା ହୋଇଛି। ଗତ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଦଳର ୧୯ତମ କେନ୍ଦ୍ରୀୟ କମିଟିର ଷଷ୍ଠ ସର୍ବଦଳୀୟ ବୈଠକରେ ଜିନ୍‌ପିଙ୍ଗଙ୍କୁ ସବୁଠାରୁ ଶକ୍ତିଶାଳୀ ନେତା ଅଭିହିତ କରାଯାଇଛି। ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଜିନ୍‌ପିଙ୍ଗଙ୍କୁ ୨୦୧୬ରେ ପାର୍ଟିର କେନ୍ଦ୍ରୀୟ ନେତା ମାନ୍ୟତା ଦିଆଯାଇଥିଲା। ଏହି ମାନ୍ୟତା ପାଇବା ପରେ ମାଓଙ୍କ ପରେ ସେ ପ୍ରଥମ ନେତା। ୨୦୧୮ରେ ରାଷ୍ଟ୍ରପତି କାର୍ଯ୍ୟକାଳ ହଟାଯିବା ନେଇ ସମ୍ବିଧାନରେ ହୋଇଥିବା ସଂଶୋଧନ ପରେ ସେ ଆଜୀବନ ଏହି ପଦବୀରେ ରହପାରିବେ।

### ବେଜିଂରେ ମଲ୍, ହାଉସିଂ କମ୍ପାଉଣ୍ଡ ସିଲ୍

**ବେଜିଂ, ୧୧।୧୧:** ଚାଇନା ରାଜଧାନୀ ବେଜିଂର କେନ୍ଦ୍ରୀୟ ଜିଲାଗୁଡ଼ିକରେ କୋଭିଡ୍ ସଂକ୍ରମଣ ବଢ଼ୁଥିବାରୁ ପ୍ରଶାସନ ପକ୍ଷରୁ ଗୋଟିଏ ମଲ୍ ଏବଂ ଅନେକ ରେସିଡେନ୍ସିଆଲ କମ୍ପାଉଣ୍ଡକୁ ସିଲ୍ କରିଦିଆଯାଇଛି। ଚାଇନାରେ କଠୋର ଲକ୍‌ଡାଉନ ସାଙ୍ଗକୁ ସମୂହ କୋଭିଡ୍ ପରୀକ୍ଷା, ଯାତାୟାତ କଟକଣା ଲାଗୁ କରି ସଂକ୍ରମଣକୁ ରୋକାଯାଇପାରିଥିଲା। ଏବେ ପୁଣି ଥରେ କେତେକ ଅଞ୍ଚଳରେ ସଂକ୍ରମଣ ଦେଖାଦେଇଥିବାରୁ ପ୍ରଶାସନକୁ ସତର୍କ କରିଦିଆଯାଇଛି। ଗୁରୁବାର ସକାଳେ ବେଜିଂର କେନ୍ଦ୍ରୀୟ ଜିଲା ଚାଓୟାଙ୍ଗ ଏବଂ ହାଇଡିଆନରେ ୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନେ ଜିଲିନ ପ୍ରଦେଶର ସଂକ୍ରମିତଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ। ଜଣେ ସଂକ୍ରମିତ ଡୋଙ୍ଗ୍‌ଚେଙ୍ଗ୍‌ରେ ଥିବା ରାଫଲ୍ସ ସିଟି ମଲ୍‌କୁ ଯାଇଥିବା ଜଣାପଡ଼ିବା ପରେ ଉକ୍ତ ମଲ୍‌କୁ ବନ୍ଦ କରିଦିଆଯାଇଛି।

### ୨୦୨୦ରେ ଆତ୍ମହତ୍ୟା କରିଛନ୍ତି ୧୨,୫୦୦ ଛାତ୍ରୀଛାତ୍ର

**ବେଙ୍ଗାଲୁରୁ, ୧୧।୧୧:** ମହାମାରୀ ବର୍ଷ ୨୦୨୦ରେ ଭାରତରେ ୧୨,୫୦୦ରୁ ଅଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଅର୍ଥାତ୍ ଦେଶରେ ଦୈନିକ ହାରାହାରି ଛାତ୍ର ଆତ୍ମହତ୍ୟା ସଂଖ୍ୟା ୩୪ରୁ ଅଧିକ। ସଦ୍ୟତମ ଆତ୍ମହତ୍ୟା ତଥ୍ୟ ଅନୁଯାୟୀ ୨୦୧୯ ତୁଳନାରେ ୨୦୨୦ରେ ଆତ୍ମହତ୍ୟା ହାର ୨୧ ପ୍ରତିଶତ ଅଧିକ ରହିଥିଲା। ୧୯୯୫ରୁ ୨୦୨୦ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଧ୍ୟାନ କଲେ ୨୫ ବର୍ଷରେ ୧.୮ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ମହାମାରୀ ଯୋଗୁ ୨୦୨୦ରେ ପରୀକ୍ଷା ଚାପ ନ ଥିଲା। ପିଲାମାନଙ୍କୁ ବିନା ପରୀକ୍ଷାରେ ପାସ୍ କରିଦିଆଯାଇଥିଲା। ଏହା ସତ୍ତ୍ୱେ ସେହିବର୍ଷ ସର୍ବାଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ମୋଟ ୧୨,୫୨୬ ଆତ୍ମହତ୍ୟା ମଧ୍ୟରୁ ୬ଟି ରାଜ୍ୟରେ ୫୩ ପ୍ରତିଶତ ବା ୬,୫୯୮ଟି ଆତ୍ମହତ୍ୟା ଘଟିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଏବଂ କର୍ଣ୍ଣାଟକ।

# କଙ୍ଗନାଙ୍କ ମନ୍ତବ୍ୟରୁ ଝଡ଼

## ୧୯୪୭ରେ ଭିକ୍ଷା ମିଳିଥିଲା, ୨୦୧୪ରେ ସ୍ୱାଧୀନ ହୋଇଛି ଭାରତ



**ନୂଆଦିଲ୍ଲୀ, ୧୧।୧୧**

ବିବାଦୀୟ ମନ୍ତବ୍ୟ ଦେଇ ଅନେକ ସମୟରେ ସମାଲୋଚନାର ଶିକାର ହେଉଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛନ୍ତି। ୧୯୪୭ ମସିହାରେ ଦେଶ ପାଇଥିବା ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନ ଥିଲା, ତାହା ଭିକ୍ଷାରେ ମିଳିଥିଲା ବୋଲି କହିବା ପରେ ତାଙ୍କୁ ସବୁ ମହଲରୁ କଡ଼ା ସମାଲୋଚନା କରାଯାଇଛି। ୨୦୧୪ରେ ଦେଶ ବାସ୍ତବରେ ସ୍ୱାଧୀନତା ପାଇଲା କହି ଭାଜପାର ସରକାର ଗଠନକୁ କେନ୍ଦ୍ର କରି ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ତାଙ୍କୁ ସୋସିଆଲ ମିଡିଆରେ ଅଧିକ ମାତ୍ରାରେ ଟ୍ରୋଲ କରାଯାଉଛି।

ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥାପିକାଙ୍କ ଏକ ପ୍ରଶ୍ନର ଉତ୍ତରରେ କଙ୍ଗନା କହିଥିଲେ, ରାଜନୀତିରେ ଯୋଗଦେବାକୁ ତାଙ୍କର କୌଣସି ଇଚ୍ଛା ନାହିଁ। କିନ୍ତୁ ଜଣେ ଭାରତୀୟ ଏବଂ କଳାକାର ଭାବେ ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ସେ କହିପାରିବେ। ବୀର ସାବରକର ଦେଶଭକ୍ତ ନ ଥିଲେ ବୋଲି କଂଗ୍ରେସ କହିଥିବା ଏକ ଅଭିଯୋଗ ଉପରେ କଙ୍ଗନା କହିଥିଲେ, ଏହା ଏକ ବଡ଼ ପ୍ରସଙ୍ଗ। ଏହା ଉପରେ ସେ ଅନେକ କିଛି ପଢ଼ିଛନ୍ତି ଏବଂ ଏକ ଫିଲ୍ମ ମଧ୍ୟ କରିଛି। ବ୍ରିଟିଶମାନେ ଗଣତାନ୍ତ୍ରିକ ଉପାୟରେ ଭାରତକୁ ନିଜ ଅକ୍ତିଆରକୁ ନେଇ ନ ଥିଲେ। ଆମ ଦେଶରେ ସେମାନେ ଜବରଦସ୍ତି ପଶିଥିଲେ। ୧୮୫୭ରେ ଦେଶର ବିଭିନ୍ନ ସ୍ଥାନରେ ସଂଗ୍ରାମ ହୋଇଥିଲା, ଯାହା କି ସ୍ୱାଧୀନତା ପାଇବା ଉଦ୍ଦେଶ୍ୟରେ ଥିଲା। କିନ୍ତୁ ଏହା ପରେ ସବୁଠାରୁ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଅଧିକ ଦୁର୍ଭାଗ୍ୟପୂର୍ଣ୍ଣ ଥିଲା ଯେ ଇହୁଦୀମାନଙ୍କ ସହ କ'ଣ ଘଟିଲା ତାହା କେଉଁଠି ବି ଲେଖା ନାହିଁ। ଜାଲିଆନୱାଲାବାଗ୍ ହତ୍ୟାକାଣ୍ଡ ହେଉ କିମ୍ବା ପଶ୍ଚିମବଙ୍ଗ ଦୁର୍ଭିକ୍ଷ, ସବୁଠି ଭାରତୀୟଙ୍କ କ୍ଷତି ହୋଇଥିଲା। ସେମାନେ ଆମକୁ ଭୋକିଲା ଛାଡ଼ି ଦେଇଥିଲେ। ଏହି ସଂଗ୍ରାମରେ ଯେପରି ସେମାନଙ୍କ ରକ୍ତ ନ ବୁହେ ସେଥିପାଇଁ ବ୍ରିଟିଶମାନେ ବେଶ୍ ଯତ୍ନବାନ ଥିଲେ। ଏଥିରେ ସହଯୋଗ ପାଇଁ ସେମାନେ କେତେକ ଭାରତୀୟଙ୍କୁ ବାଛିଥିଲେ, ଯେପରି ବ୍ରିଟିଶଙ୍କ ବଦଳରେ ଭାରତୀୟଙ୍କ ରକ୍ତ ବୁହେ। ସେହି ଉଦାରବାଦୀ ଲୋକମାନେ ହେଉଛନ୍ତି କଂଗ୍ରେସ ଦଳର। ଯଦି ସ୍ୱାଧୀନତା ଭିକରେ ମିଳିଛି ତେବେ ତାହା କ'ଣ ସ୍ୱାଧୀନତା ହୋଇପାରିବ। ୧୯୪୭ ମସିହାରେ ମିଳିଥିବା ସ୍ୱାଧୀନତା ଭିକ୍ଷା ଥିଲା। ଅସଲ ସ୍ୱାଧୀନତା ତ ୨୦୧୪ରେ ମିଳିଛି ବୋଲି କଙ୍ଗନା କହିଥିଲେ। ବ୍ରିଟିଶମାନେ ଦେଶରେ ତାଙ୍କ ଜାଗାରେ କଂଗ୍ରେସକୁ ଛାଡ଼ି ଯାଇଛନ୍ତି ବୋଲି ସେ ଏହି ସମିଟ୍‌ରେ କଟାକ୍ଷ କରିଥିଲେ।

କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ଶିବସେନା ସମେତ ବହୁ ରାଜନୈତିକ ଦଳ ନେତୃବୃନ୍ଦ, ଅଭିନେତ୍ରୀ ସ୍ୱରା ଭାସ୍କର, ଇତିହାସକାର ଏସ୍. ଇର୍ଫାନ୍ ହବିବ୍, କ୍ରୀଡ଼ାବିତ୍, ଆଇନଜୀବୀମାନେ କଙ୍ଗନାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରି ସୋସିଆଲ ମିଡିଆରେ ପ୍ରତିକ୍ରିୟା ରଖିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନ



କଙ୍ଗନାଙ୍କ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଏଥିପାଇଁ ଅଭିନେତ୍ରୀ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି। ଏହା ଦେଶପାଇଁ ଜୀବନ ବଳି ଦେଇଥିବା ସ୍ୱାଧୀନତା ସଂଗ୍ରମୀଙ୍କ ପ୍ରତି ଅପମାନ ଏବଂ ଏହାଦ୍ୱାରା ସେମାନଙ୍କ ପରିବାର ଲୋକଙ୍କ ଭାବନାରେ ଆଘାତ ଲାଗିଛି। ପଦ୍ମଶ୍ରୀ ଭଳି ସମ୍ମାନ ପାଇଁ ଯୋଗ୍ୟ ନ ଥିବା ବ୍ୟକ୍ତିଙ୍କୁ ତାହା ପ୍ରଦାନ କରାଗଲେ ଏପରି ଘଟେ ବୋଲି ସେ କହିଛନ୍ତି। ଯଦି କଙ୍ଗନାଙ୍କଠାରୁ ପଦ୍ମଶ୍ରୀ ଫେରାଇ ନ ନିଆଯାଏ ତେବେ ଏଭଳି ଲୋକଙ୍କୁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରୁଥିବା ବୁଝାପଡ଼ିବ ବୋଲି ଗୌରବ କହିଛନ୍ତି।

### ପାଗଳାମି ନା ଦେଶଦ୍ରୋହ



ଦେଶକୁ ସ୍ୱାଧୀନତା ମିଳିବା ପ୍ରସଙ୍ଗରେ କଙ୍ଗନାଙ୍କ ମନ୍ତବ୍ୟକୁ ନେଇ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଭାଜପା ଏମ୍‌ପି ବରୁଣ ଗାନ୍ଧୀ। କଙ୍ଗନାଙ୍କ ଏଭଳି ଚିନ୍ତାଧାରା ପାଗଳାମି ନା ଦେଶଦ୍ରୋହ ବୋଲି ପ୍ରଶ୍ନ କରି ବରୁଣ ଏକ ଟୁଇଟ କରିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ କରିବା, ତାଙ୍କ ହତ୍ୟାକାରୀଙ୍କୁ ସମ୍ମାନ ଦେବା ଏବଂ ଏବେ ମଙ୍ଗଳ ପାଣ୍ଡେ, ରାଣୀ ଲକ୍ଷ୍ମୀବାଈ, ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ଅସମ୍ମାନ କରିଥିବା ବରୁଣ କହିଛନ୍ତି।

### ଏତଲା ଦେଲା ଏଏପି



କଙ୍ଗନାଙ୍କ ମନ୍ତବ୍ୟକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧ କରିବା ସହ ତାଙ୍କ ବିରୋଧରେ ମୁମ୍ବାଇ ପୋଲିସକୁ ଏତଲା ଦିଆଯାଇଛି। ଏଏପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରୀତି ଶର୍ମା ମେନନ ଏଭଳି ମନ୍ତବ୍ୟକୁ 'ଦେଶଦ୍ରୋହୀ ଏବଂ ହିଂସାସୃଷ୍ଟିକାରୀ' ବୋଲି ଅଭିହିତ କରିଛନ୍ତି। କଙ୍ଗନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

### ପଦ୍ମଶ୍ରୀ ଫେରାଇ ନିଆଯାଉ



ସ୍ୱାଧୀନତା ସଂଗ୍ରାମ ଉପରେ କଙ୍ଗନାଙ୍କ ଏଭଳି ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚାର ଅଧ୍ୟକ୍ଷ ଜିତିନ ରାମ ମାଞ୍ଝି। ନିକଟରେ କଙ୍ଗନା ପାଇଥିବା ପଦ୍ମଶ୍ରୀ ପୁରସ୍କାର ତାଙ୍କଠାରୁ ତୁରନ୍ତ ରାଷ୍ଟ୍ରପତି ଫେରାଇ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହା ନ ହେଲେ ଦୁନିଆ ଭାବିନେବ ଯେ ଗାନ୍ଧୀ, ନେହେରୁ, ଭଗତ ସିଂ, ପଟେଲ, କଲାମ, ମୁଖାର୍ଜୀ, ସାବରକର୍ ସମସ୍ତେ ଭିକ୍ଷା ମାଗିଥିବାରୁ ସ୍ୱାଧୀନତା ମିଳିଥିଲା।

## ଏସ୍.ଏନ୍. ପ୍ରଧାନ ହେଲେ ପୂର୍ଣ୍ଣକାଳୀନ ଏନ୍‌ସିବି ଡିଜି



**ନୂଆଦିଲ୍ଲୀ, ୧୧।୧୧**

ଓଡ଼ିଶା ଜନ୍ମିତ ବରିଷ୍ଠ ଆଇପିଏସ୍ ଅଫିସର ସତ୍ୟନାରାୟଣ ପ୍ରଧାନ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ଣ୍ଣକାଳୀନ ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ ହୋଇଛନ୍ତି। ସେ ଏହି ପଦରେ ୨୦୨୪ ଅଗଷ୍ଟ ୩୧ ଅବସର ନେବା ସମୟ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ରହିବେ।୧୯୮୮ ବ୍ୟାଚ୍‌ର ଝାଡଖଣ୍ଡ କ୍ୟାଡର ଆଇପିଏସ୍ ଅଫିସର ପ୍ରଧାନ ଏବେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଡିଜି ଦାୟିତ୍ୱ ସମେତ ଏନ୍‌ସିବି ମୁଖ୍ୟ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ରାକେଶ ଅସ୍ଥାନା ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତ ହେବା ପରେ ଜୁଲାଇ ୨୯ରେ ପ୍ରଧାନଙ୍କୁ ଏନ୍‌ସିବି ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ୧୯୮୮ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ଅତୁଲ କରୱାଲଙ୍କୁ ମଙ୍ଗଳବାର ଏନ୍‌ଡିଆରଏଫ୍ ଡିଜି ଭାବେ ନିଯୁକ୍ତି ଦିଆଯାଇଥିଲା। ବୁଧବାର ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବୈଠକ ବସି ପ୍ରଧାନଙ୍କୁ ପୂର୍ଣ୍ଣକାଳୀନ ଏନ୍‌ସିବି ଡିଜି ଭାବେ ନିଯୁକ୍ତି ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ତାଙ୍କୁ ଏନ୍‌ଡିଆର୍‌ଏଫ୍ ମହାନିର୍ଦ୍ଦେଶକ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁରୋଧ କରିଥିଲା।

# ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହନ୍ତୁ ରାଜ୍ୟପାଳ




ରାଜ୍ୟପାଳ ସମ୍ମିଳନୀରେ ବାମରୁ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**୫୧ତମ ରାଜ୍ୟପାଳ ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ**

**ନୂଆଦିଲ୍ଲୀ, ୧୧।୧୧(ପି.ଟି.)**

ରାଜ୍ୟପାଳମାନେ ସରକାର ଏବଂ ଜନସାଧାରଣଙ୍କ ପାଇଁ ବନ୍ଧୁ, ଦାର୍ଶନିକ ଓ ପଥ ପ୍ରଦର୍ଶକ ଭଳି ବୋଲି ସମ୍ବିଧାନ ପ୍ରଣେତାମାନେ ପରିକଳ୍ପନା କରିଥିଲେ। ତେଣୁ ସେମାନେ ରାଜ୍ୟଗୁଡ଼ିକ ପ୍ରତି ଯଥାସମ୍ଭବ ଅଧିକ ସମୟ ଦେବା ସହ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ରହିବା ଆବଶ୍ୟକ। ଗୁରୁବାର ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ଦିବସବ୍ୟାପୀ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା କହିଛନ୍ତି। ରାଜ୍ୟପାଳମାନେ ରାଜ୍ୟର ଜନସାଧାରଣଙ୍କ ସେବା ଓ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ବଦ୍ଧପରିକର। ଏହା ସେମାନଙ୍କୁ ମନେ ରଖିବାକୁ ହେବ। ଜାତୀୟ ଲକ୍ଷ୍ୟ ହାସଲ ଲାଗି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସେମାନଙ୍କ ଯୋଗଦାନ ବଢ଼ାଇବାରେ ରାଜ୍ୟପାଳମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ସେମାନଙ୍କୁ ରାଜ୍ୟ ତଥା ଜନସାଧାରଣଙ୍କ ସହ ସମ୍ପର୍କ ରଖିବାରେ ଅଧିକ ସମୟ ଦେବାକୁ ପଡ଼ିବ। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମସ୍ତ ଜିଲା ଓ ଗ୍ରାମାଞ୍ଚଳକୁ ଗସ୍ତ କରିବାକୁ ହେବ ବୋଲି ରାଷ୍ଟ୍ରପତି କହିଥିଲେ। ୫୧ତମ ରାଜ୍ୟପାଳ ସମ୍ମିଳନୀରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟମାନେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ କୋଭିଡ୍ ମହାମାରୀର ସଫଳ ମୁକାବିଲାକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିବା ସହ ସେଥିରୁ ରାଜ୍ୟପାଳମାନଙ୍କ ସକ୍ରିୟ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ୧୦୮ କୋଟି ଟିକାକରଣ ସହ ଦେଶବାସୀଙ୍କୁ ମହାମାରୀରୁ ସୁରକ୍ଷା ଦେବା ପାଇଁ ଆରମ୍ଭ କରିଥିବା ମିଶନର ନିକଟବର୍ତ୍ତୀ ହେଉଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ।

# ଚାଇନାର ବେଆଇନ ଦଖଲକୁ ଗ୍ରହଣ କରାଯିବନି

**ନୂଆଦିଲ୍ଲୀ, ୧୧।୧୧**

**ପେଣ୍ଟାଗନ ରିପୋର୍ଟ ଉପରେ ଭାରତର ପ୍ରତିକ୍ରିୟା**

ଅରୁଣାଚଳପ୍ରଦେଶର ବିବାଦୀୟ ଅଞ୍ଚଳରେ ଚାଇନା ବିଶାଳ ଗ୍ରାମ ନିର୍ମାଣ ଚଳାଇଥିବା ନେଇ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ କିଛିଦିନ ପୂର୍ବରୁ ରିପୋର୍ଟ ପ୍ରକାଶ କରିଥିଲା। ଏହା ଉପରେ ଭାରତ ପ୍ରତିକ୍ରିୟା ରଖିଛି। ଚାଇନା ଦ୍ୱାରା ଭାରତୀୟ ପାର୍ଶ୍ୱରେ କୌଣସି ବେଆଇନ ଦଖଲ କିମ୍ବା ବେଜିଂର ଅଯଥା ଦାବିକୁ ଗ୍ରହଣ କରାଯିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି ଗୁରୁବାର କହିଛନ୍ତି। ଆମେରିକା କଂଗ୍ରେସରେ ପେଣ୍ଟାଗନ ଦାଖଲ କରିଥିବା ରିପୋର୍ଟରେ ଭାରତ-ଚାଇନା ସୀମାର ପୂର୍ବାଞ୍ଚଳ ସେକ୍ଟରରେ ବେଜିଂ ନିର୍ମାଣ କାର୍ଯ୍ୟ ଚଳାଇଥିବା କଥା ଉଲ୍ଲେଖ କରିଥିଲା। ତିବ୍ବତ ସ୍ୱୟଂଶାସିତ ଅଞ୍ଚ ଏବଂ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ପୂର୍ବାଞ୍ଚଳ ସେକ୍ଟରରେ ଥବା ଅରୁଣାଚଳର ବିବାଦୀୟ ଅଞ୍ଚଳରେ ବେଜିଂ ୧୦୦ ଘର ବିଶିଷ୍ଟ ଗ୍ରାମ ନିର୍ମାଣ କରିଥିବା କୁହାଯାଇଥିଲା। ସୀମାରେ ହେଉଥିବା ଅଗ୍ରଗତି ସମ୍ପର୍କରେ ନୂଆଦିଲ୍ଲୀ କଡ଼ା ନଜର ରଖିଛି। ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିର ସୁରକ୍ଷା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବାଗ୍‌ଚି କହିଛନ୍ତି। ଚାଇନା ସୀମାରେ ଭାରତ ମଧ୍ୟ ରାସ୍ତାଘାଟ, ପୋଲ ଆଦି ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଥିବା ସେ ସୂଚନା ଦେଇଛନ୍ତି।



ଅରିନ୍ଦମ ବାଗ୍‌ଚି

# ଅଜ୍ଞାତ ସୂତ୍ରରୁ ଆଞ୍ଚଳିକ ଦଳଙ୍କୁ ମିଳିଛି ୪୪୫.୭୭ କୋଟି

**ନୂଆଦିଲ୍ଲୀ, ୧୧।୧୧(ପି.ଟି.)**

ADR Association for Democratic Reforms

୨୦୧୯-୨୦ ଆର୍ଥିକ ବର୍ଷରେ ଆଞ୍ଚଳିକ ଦଳଗୁଡ଼ିକ ଅଜ୍ଞାତ ସୂତ୍ରରୁ ମୋଟ ୪୪୫.୭୭ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କ ମୋଟ ଆୟର ୫୫.୫୦ ପ୍ରତିଶତ। ନିର୍ବାଚନ ଅଧିକାର ସଂଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ପ୍ରକାଶିତ ନୂଆ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଉକ୍ତ ଚାନ୍ଦାର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ବା ୪୨୬.୨୩୩ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ଆସିଥିବାବେଳେ ସ୍ୱେଚ୍ଛାକୃତ ୪.୯୭୬ କୋଟି ସ୍ୱେଚ୍ଛାକୃତ ଦାନରୁ ସଂଗ୍ରହ କରାଯାଇଛି। ଏହିସବୁ ଆୟ ମୁଖ୍ୟତଃ ଅଜଣା ସୂତ୍ରରୁ ଆସିଥିବା ରାଜନୈତିକ ଦଳଗୁଡ଼ିକର ଆୟକର ରିଟର୍ନ ବିବରଣୀ ଏବଂ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଚାନ୍ଦା ସମ୍ପର୍କିତ ତଥ୍ୟରୁ ଜଣାପଡ଼ିଛି। ନିୟମ ଅନୁଯାୟୀ ଚାନ୍ଦା ପରିମାଣ ୨୦ ହଜାର ଟଙ୍କାଠାରୁ କମ୍ ହୋଇଥିଲେ, ରାଜନୈତିକ ଦଳ ସମ୍ପୃକ୍ତ ଦାତାଙ୍କ ନାଁ ପ୍ରକାଶ କରିବା ଆବଶ୍ୟକ ନାହିଁ। ସେହି କାରଣରୁ ଚାନ୍ଦାର ଏକ ବଡ଼ ଅଂଶ କେଉଁ ସୂତ୍ରରୁ ମିଳିଛି, ତାହା ଜଣାପଡୁନାହିଁ। ୱେବ୍‌ସାଇଟରେ ଏଏପି, ଆଇୟୁଏମ୍‌ଏଲ୍ ଏବଂ ଏଲ୍‌ଜେପିର ଚାନ୍ଦା ସମ୍ପର୍କିତ ରିପୋର୍ଟ ଉପଲବ୍ଧ ହେଉଥିଲେ ହେଁ ବାର୍ଷିକ ଅଡିଟ୍ ରିପୋର୍ଟର ଘୋଷଣା ଏବଂ ଚାନ୍ଦା ରିପୋର୍ଟ ମଧ୍ୟରେ ପାର୍ଥକ୍ୟ ରହୁଥିବା ଏଡିଆର୍ କହିଛି। ଅଜଣା ସୂତ୍ରରୁ ଟିଆର୍‌ଏସ୍ ସର୍ବାଧିକ ୮୯.୧୫୮ କୋଟି ଟଙ୍କା ଆୟ କରିଥିବାବେଳେ ଟିଡିପି ୮୧.୬୯୪ କୋଟି, ୱାଇଏସ୍‌ଆର୍ କଂଗ୍ରେସ ୭୪.୭୫ କୋଟି, ବିଜେଡି ୫୦.୫୮୬ କୋଟି ଏବଂ ଡିଏମ୍‌କେ ୪୫.୫୦ କୋଟି ଆୟ କରିଥିବା ଘୋଷଣା କରିଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ରାଜନୈତିକ ଦଳ ଜ୍ଞାତ ଦାତାଙ୍କଠାରୁ ୧୮୪.୬୨୩ କୋଟି ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କ ମୋଟ ଆୟର ୨୨.୯୮ ପ୍ରତିଶତ। ଏହି ଅର୍ଥ ପ୍ରଦାନ କରିଥିବା ଦାତାମାନଙ୍କ ନାମ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇଥିବା ଚାନ୍ଦା ତାଲିକାରେ ଉଲ୍ଲେଖ ରହିଛି। ଏହାବାଦ୍ ସଦସ୍ୟ ଦେୟ, ବ୍ୟାଙ୍କ ସୁଧ, ପ୍ରକାଶନ ବିକ୍ରି ଓ ଦଳୀୟ ଶୁଳ୍କ ଇତ୍ୟାଦି ଜ୍ଞାତ ଉତ୍ସରୁ ରାଜନୈତିକ ଦଳ ୧୭୨.୮୪୩ କୋଟି ଟଙ୍କା ଆୟ କରିଛନ୍ତି, ଯାହା ମୋଟ ଆୟର ୨୧.୫୨ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

# ବିଶ୍ୱରେ ୮.୪ କୋଟି ବିସ୍ଥାପିତ

**ବର୍ଲିନ, ୧୧।୧୧**

- ୟୁଏନ୍‌ଏଚ୍‌ସିଆର୍ ରିପୋର୍ଟ
- ହିଂସା ରୋକିବାରେ ଅନ୍ତର୍ଜାତୀୟ ସମୁଦାୟ ବିଫଳ



ନିଜ ଘର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥିବା ଲୋକଙ୍କ ସଂଖ୍ୟା ସମଗ୍ର ବିଶ୍ୱରେ ୮.୪ କୋଟିରୁ ଉର୍ଦ୍ଧ୍ୱ ରହିଛି। ବିଶେଷ କରି ଆଫ୍ରିକା ମହାଦେଶରେ ହିଂସା ଏବଂ ସଂଘର୍ଷ ଯୋଗୁ ଏହି ସଂଖ୍ୟା ବୃଦ୍ଧି ପାଇଥିବା ଜାତିସଂଘ ଶରଣାର୍ଥୀ ଏଜେନ୍ସି ପକ୍ଷରୁ ଗୁରୁବାର କୁହାଯାଇଛି। ୨୦୨୦ ଶେଷ ସୁଦ୍ଧା ବିସ୍ଥାପିତଙ୍କ ସଂଖ୍ୟା ୮.୨ କୋଟିରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ଦେଶରେ ହିଁ ବିସ୍ଥାପିତ ହୋଇଛନ୍ତି ବୋଲି ୟୁନାଇଟେଡ୍ ନେଶନ ହାଇ କମିଶନର ଫର୍ ରେଫ୍ୟୁଜି (ୟୁଏନ୍‌ଏଚ୍‌ସିଆର୍)ର ମୁଖ୍ୟ ଫିଲିପୋ ଗ୍ରାଣ୍ଡି ଏକ ବିବୃତିରେ କହିଛନ୍ତି। ହିଂସା, ନିର୍ଯାତନା, ମାନବାଧିକାର ଉଲ୍ଲଂଘନ ଆଦିରେ ରୋକ ଲଗାଇବାରେ ଅନ୍ତର୍ଜାତୀୟ ସମୁଦାୟର ବିଫଳତା ଯୋଗୁ ବିସ୍ଥାପିତ ଏବଂ ଶରଣାର୍ଥୀଙ୍କ ସଂଖ୍ୟା ବଢୁଛି ବୋଲି ସେ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଜଳବାୟୁ ପରିବର୍ତ୍ତନ ମଧ୍ୟ ଲୋକଙ୍କୁ ଘର ଛାଡ଼ିବାକୁ ବାଧ୍ୟ କରିଛି।

ୟୁଏନ୍‌ଏଚ୍‌ସିଆର୍ ରିପୋର୍ଟ ଅନୁସାରେ, ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ଏହା ୨ କୋଟି ୮୦ ଲକ୍ଷ ଲୋକଙ୍କୁ ଶରଣାର୍ଥୀ ତାଲିକାଭୁକ୍ତ କରିଛି, ଯାହାକି ଗତବର୍ଷଠାରୁ ୧ ଲକ୍ଷ ୭୨ ହଜାର ଅଧିକ। ଆହୁରି ୪୪ ଲକ୍ଷ ଲୋକ ଏବେ ଶରଣ ଆଶାରେ। ୨୦୨୧ ପ୍ରଥମାର୍ଦ୍ଧରେ ପ୍ରାୟ ୧୧ ଲକ୍ଷ ଲୋକ ସେମାନଙ୍କ ଘରକୁ ଫେରିଛନ୍ତି। ଗତ ଜାନୁୟାରୀରୁ ଜୁନ୍ ମଧ୍ୟରେ ୩୩ଟି ଦେଶରେ ରେକର୍ଡ ସଂଖ୍ୟାରେ ୪୩ ଲକ୍ଷ ସେମାନଙ୍କ ଘର ଛାଡ଼ିଛନ୍ତି। କଙ୍ଗୋ, ଇଥିଓପିଆ, ଆଫଗାନିସ୍ତାନ, ମୋଜାମ୍ବିକ, ମ୍ୟାନମାର, ଦକ୍ଷିଣ ସୁଦାନ ସମେତ ପଶ୍ଚିମ ଆଫ୍ରିକାର ଅନେକ ଦେଶରେ ହିଂସା ବୃଦ୍ଧି ଯୋଗୁ ଶରଣାର୍ଥୀଙ୍କ ସଂଖ୍ୟା ବ୍ୟାପକ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି।

## ସଂକ୍ଷେପରେ

### ଚୋରା ଗଞ୍ଜେଇ ମାମଲା
## ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

**ବୌଦ୍ଧ,୧୧।୧୧ (ସ୍ୱ.ପ୍ର.):** ବୌଦ୍ଧ ଜିଲା ଦୌରାଜଜ୍ ସୁଶ୍ରୀ ପ୍ରତିମା ପଣ୍ଡା ଗୁରୁବାର ଏକ ଚୋରା ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ବୌଦ୍ଧ ଅବକାରୀ ବିଭାଗ ଏସଆଇ କୃଷ୍ଣଚନ୍ଦ୍ର ପରିଡା ଓ ବିଭାଗୀୟ କର୍ମଚାରୀମାନେ ଗତ ୧୪।୮।୧୯ ତାରିଖରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୁଟୁପାଲି- ସରସରା ମଧରେ ତନଖି କାର୍ଯ୍ୟ କରୁଥିଲେ। ଏହି ସମୟରେ ଏକ ଧଳା ରଙ୍ଗର କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ପରେ ଅବକାରୀ କର୍ମଚାରୀମାନେ ଉକ୍ତ କାରକୁ ବୁଟୁପାଲିଠାରେ ସନ୍ଦେହରେ ଅଟକ ରଖିଥିଲେ। କିନ୍ତୁ କୌଶଳକ୍ରମେ କାର ଚାଳକ କନ୍ଧମାଳ ଜିଲା ଗୋଛାପଡା ଥାନା ମିଡିଆପଙ୍କା ଗ୍ରାମର ସୁଶାନ୍ତ ବାଘ ଫେରାର ହୋଇଯାଇଥିଲେ। ତେବେ କାରରେ ବସିଥିବା ଗୋଛାପଡା ଥାନା ଅଧୀନ କିଲୁପଙ୍ଗା ଗ୍ରାମର ଦିଲୀପ କୁମାର କହଁର (୩୨)ଙ୍କୁ ଅବକାରୀ ବିଭାଗ କର୍ମଚାରୀ ଅଟକ ରଖି ଗାଡିକୁ ତନଖି କରିଥିଲେ। କାର ଭିତରୁ ୩ ଗୋଟି ବସ୍ତାରେ ଥିବା ୮୦ କେଜି ଗଞ୍ଜେଇ ଜବତ କରିଥିଲେ। ଗଞ୍ଜେଇ ଚାଲାଣ ଅଭିଯୋଗରେ ଦିଲୀପ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

## ପୁଅ ଠେଙ୍ଗାମାଡ଼ରେ ଗୁରୁତର ବାପାଙ୍କ ମୃତ୍ୟୁ
### ଗିରଫ ଭୟରେ ଆତ୍ମଗୋପନ

**ପାଟଣା,୧୧।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମିରିଗିଖୋଜି ଗ୍ରାମରେ ପୁଅ ଠେଙ୍ଗା ମାଡରେ ଗୁରୁତର ଥିବା ବୃଦ୍ଧ ବାପାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଆକୁଳି ଚରଣ ପଲେଇ(୮୦)। ପ୍ରକାଶ ଯେ, ଗତ ମଙ୍ଗଳବାର ପୂର୍ବାହ୍ନରେ ଘରୋଇ କଳିରୁ ପୁଅ ବିରେନ ଉତକ୍ଷିପ୍ତ ହୋଇ ଆକୁଳିଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଆକୁଳିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତ୍ୟୁ ହେବାପରେ ବଡ଼ ବୋହୂ ମିନତିଙ୍କ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା (ନଂ.୯୬/୨୧) ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି। ଅନ୍ୟପଟେ ବାପାଙ୍କ ମୃତ୍ୟୁ ପରେ ବିରେନ ଗିରଫ ହେବା ଭୟରେ ବୈତରଣୀ ନଦୀ କୂଳ ଜଙ୍ଗଲ ଭିତରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି।

# ଫସଲ ବୀମା ବିଭ୍ରାଟ ସମାଧାନ କର: ହାଇକୋର୍ଟ

**ସମ୍ବଲପୁର,୧୧।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ୨୦୧୮ ଫସଲ ବୀମା ଟଙ୍କା ପ୍ରଦାନରେ ହୋଇଥିବା ବିଭ୍ରାଟ ସମାଧାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ପକ୍ଷରୁ ହୋଇଥିବା ମାମଲାର ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ଜଷ୍ଟିସ ଏସ୍.କେ. ପାଣିଗ୍ରାହୀ ଗତ ୧୭ତାରିଖରେ ଶୁଣାଣି କରିଥିଲେ। ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନାଙ୍କୁ ୨୦୨୨ ଜାନୁୟାରୀ ୩ ତାରିଖ ସୁଦ୍ଧା ସମାଧାନ କରିବାକୁ କୁହାଯାଇଛି। ପ୍ରଭାବିତ ଚାଷୀ, ବୀମା କମ୍ପାନୀ (ରିଲାଏନ୍ସ) ଓ ଜିଲା ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରି ସମସ୍ୟା ସମାଧାନ କର ବୋଲି ଉଲ୍ଲେଖ ରହିଛି। ଏହା ସହ କ'ଣ ପଦକ୍ଷେପ ଗ୍ରହଣ କରାଗଲା ସେ ନେଇ ହାଇକୋର୍ଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ ୨୦୧୮ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା, ରୋଗପୋକ ଓ ଅଦିନିଆ ବର୍ଷା ଯୋଗୁ ଜିଲାରେ ଧାନ ଫସଲ ନଷ୍ଟ ହୋଇଥିଲା। ଏହାକୁ ନେଇ କୃଷି ବିଭାଗ, ରାଜସ୍ୱ ବିଭାଗ ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଅକଳନ କରାଯାଇଥିଲା। ଜଳସେଚିତ ଅଞ୍ଚଳରେ କମ୍ ପରିମାଣ କ୍ଷତି ହୋଇଥିବା ବେଳେ ଅଣଜଳସେଚିତ ଅଞ୍ଚଳରେ ଅଧିକ ଫସଲ ନଷ୍ଟ ହୋଇଥିଲା। ଏହାକୁ ନେଇ ବୀମା କମ୍ପାନୀ ୧୬୮ କୋଟି ବୀମା ଟଙ୍କା ଦେବ ବୋଲି ଘୋଷଣା କରିଥିଲା। ପରେ ଏକ କମିଟି ରିପୋର୍ଟରେ କମ୍ ପରିମାଣ ଫସଲ ନଷ୍ଟ ହୋଇଛି ବୋଲି ବୀମା ଟଙ୍କା ଦେବାରେ ଅମଙ୍ଗ ହୋଇଥିଲା। ଏଥିପାଇଁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକୋ, କୁଚିଣ୍ଡାରେ ବନ୍ଦ ପାଳନ, ବିଭିନ୍ନ ସରକାରୀ ଅଫିସ ଘେରାଉ ସହ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ପ୍ରାୟ ୧୦୦ ଦିନରୁ ଅଧିକ ସମୟ ଧରି ଆନ୍ଦୋଳନ ଜାରି ରହିଥିଲା। ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ ମିଳିଥିଲା। ଜିଲା ପ୍ରଶାସନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ କୋଭିଡ୍ ସଂକ୍ରମଣ ଆରମ୍ଭ ହୋଇଯାଇଥିଲା। ତେଣୁ ବୀମା କମ୍ପାନୀ ଓ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଶେଷରେ ଚାଷୀ ସଙ୍ଗଠନ ପକ୍ଷରୁ ଚାଷୀ ସୁଶାନ୍ତ କୁମାର ପଟେଲ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାକୁ ହାଇକୋର୍ଟ ଗ୍ରହଣ କରି ମାମଲାର ଶୁଣାଣି କରିଛନ୍ତି। ଏ ସମ୍ପର୍କରେ ଚାଷୀ କୁଶଧ୍ୱଜ ଚୌଧୁରୀ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚାଷୀମାନେ ସ୍ୱାଗତ କରୁଛୁ। ଜାନୁୟାରୀ ସୁଦ୍ଧା ସମାଧାନ ହୋଇଯିବ ବୋଲି ଜିଲାପାଳ ସକ୍ସେନା ସୂଚନା ଦେଇଛନ୍ତ। କୁଚିଣ୍ଡା ଉପଖଣ୍ଡର ପ୍ରାୟ ୪୦ ହଜାର ଚାଷୀ ପ୍ରଭାବିତ ହୋଇଛନ୍ତି। ସେମାନେ ପ୍ରାୟ ୧ ଶହ କୋଟି ଟଙ୍କା ପାଇବେ। ହେଲେ ତ୍ରିପାକ୍ଷିକ ବୈଠକରେ ଜଣେ ମାତ୍ର ଚାଷୀଙ୍କୁ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ତେଣୁ ସମସ୍ୟା ହୋଇପାରେ ବୋଲି କହିଛନ୍ତି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା। (ଫାଇଲ ଫଟୋ)

## ବାପାଙ୍କୁ ତଣ୍ଟିଚିପି ହତ୍ୟା
### ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ ପୁଅ

**ବେଲପଡା,୧୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଘାଗୁର୍ଲି ଗାଁରେ ବୁଧବାର ରାତିରେ ଜଣେ ଯୁବକ ତାଙ୍କ ବାପାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ହେଲେ ବୈକୁଣ୍ଠ ମାଝି(୫୮)। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପୁଅ ମହେଶ୍ୱର ମାଝି(୨୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ବେଲପଡା ଥାନା ଆଇଆଇସି ବୁଲୁ ମୁଣ୍ଡା, ତହସିଲଦାର ପ୍ରଶାନ୍ତି ପଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ନିକଟରେ କରାଯାଇଥିବା ଅଭିଯୋଗ ଅନୁସାରେ ବୁଧବାର ରାତିରେ ମହେଶ୍ୱର ମଦ୍ୟପାନ କରି ଘରକୁ ଆସିଥିଲେ। ବାପା ବୈକୁଣ୍ଠ ମଧ୍ୟ ନିଶା ସେବନ କରି ଘରେ ଥିଲେ । ପରିବାର ଲୋକେ ସମସ୍ତେ ଖାଇ ସାରିଥିଲେ। କୌଣସି କାରଣକୁ ନେଇ ବାପାପୁଅଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ମହେଶ୍ୱର ବାପାଙ୍କ ତଣ୍ଟି ଚିପି ଦେଇଥିଲେ। ପରିବାର ଲୋକେ ମହେଶ୍ୱରଙ୍କ କବ୍‌ଜାରୁ ବୈକୁଣ୍ଠଙ୍କୁ ଉଦ୍ଧାର କରି ବେଲପଡା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୈକୁଣ୍ଠଙ୍କ ୪ ପୁଅ। ବଡପୁଅ ଅନ୍ୟତ୍ର ରହୁଥିବାବେଳେ ଅନ୍ୟ ୩ ପୁଅଙ୍କ ସହ ମାବାପା ଘାଗୁର୍ଲିରେ ରହୁଥିଲେ।

# ଜେଲରେ ଆକାଶଙ୍କୁ ଇଡିର ଜେରା

- ଟାଟାରେ ଚାକିରି ଦେବା ନାମରେ ହୋଇଥିଲା ଠକେଇ
- ୬ ଘଣ୍ଟା ଧରି ୩ ଅଧିକାରୀ କଲେ ଜେରା
- ପୂର୍ବରୁ ଅଭୟକାନ୍ତ ପାଠକଙ୍କୁ ଜେରା କରିଥିଲା ଇଡି


ଝାରପଡ଼ା ଜେଲକୁ ଜେରା ଇଡି ଟିମ୍ ଯାଉଛନ୍ତି।

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ କରି ଜେଲରେ ଥିବା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ଭୁବନେଶ୍ୱର ଝାରପଡ଼ା ଜେଲରେ ଆକାଶଙ୍କୁ ଇଡିର ୩ଜଣିଆ ଟିମ୍ ଦୀର୍ଘ ୬ଘଣ୍ଟା ଧରି ଜେରା କରିଛନ୍ତି। ଅଭୟକାନ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଓ ଟାଟା କମ୍ପାନୀରେ ଆକାଶ ପାଠକ ଚାକିରି ଦେବା ନାଁରେ ଠକେଇ ମାମଲାରେ ହୋଇଥିବା ବେଆଇନ ଅର୍ଥ କାରବାର ସମ୍ପର୍କରେ ଇଡି ତଦନ୍ତ ଜାରି ରଖିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଇଡିର ୩ ଜଣିଆ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆକାଶଙ୍କୁ ଜେରା କରିଥିଲା। ଜେରା ବେଳେ ଆକାଶ କେତେ ଟଙ୍କା କାହା ପାଖରୁ ଚାକିରି ବାବଦରେ ଆଣିଥିଲେ, ତାଙ୍କ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କେତେ ଟଙ୍କା ନେଣଦେଣ କରିଥିଲେ, କେତେ ଟଙ୍କା ବିଦେଶରେ ଯାଇ ଖର୍ଚ୍ଚ କରିଥିଲେ ଏଭଳି ବିଭିନ୍ନ ଦିଗକୁ ନେଇ ତାଙ୍କୁ ଇଡି ଗୁଡ଼ାଇତୁଡ଼ାଇ ପ୍ରଶ୍ନ ପଚାରିଛି। ସେପଟେ ଗତ ଅକ୍ଟୋବର ୫ରେ ଆକାଶଙ୍କ ବାପା ଅଭୟକାନ୍ତଙ୍କୁ ଇଡି କାର୍ଯ୍ୟାଳୟରେ ପ୍ରାୟ ୧୧ ଘଣ୍ଟା ଜେରା କରାଯାଇଥିଲା। ଏହି ଘଟଣାରେ ଆକାଶଙ୍କ ଭାବୀ ଶ୍ୱଶୁର ତଥା ପୂର୍ବତନ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଝିଅଙ୍କୁ ଇଡିରେ ହାଜର ହେବା ପାଇଁ ସମନ ପଠାଇଥିବା ବେଳେ ସେମାନେ ଏଥିପାଇଁ ସମୟ ମାଗିଛନ୍ତି।

ସୂଚନାଯୋଗ୍ୟ, ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲାର ବହୁ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲେ। ଏନେଇ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହି ଠକେଇରେ ଆକାଶଙ୍କ ସହ ପିତା ଅଭୟକାନ୍ତ ଓ ବିଧାୟକ ତଥା ଭାବୀ ଶ୍ୱଶୁର ପ୍ରଦୀପ ପାଣିଗ୍ରାହୀ ମଧ ଜେଲ୍ ଯାଇଥିଲେ। ଏହି ଘଟଣାରେ ବେଆଇନ ଅର୍ଥ କାରବାର ଖିଅ ଖୋଜିବାକୁ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ବିଧାୟକ ଓ ଅଭୟକାନ୍ତଙ୍କୁ ଜାମିନ ମିଳିସାରିଥିବାବେଳେ ଆକାଶ ଜେଲରେ ଅଛନ୍ତି। ଯେହେତୁ ଆକାଶ ପାଠକ ଜେଲରେ ଥିଲେ ଇଡି ତାଙ୍କୁ ଜେରା କରିପାରି ନ ଥିଲା। ଇଡି କୋର୍ଟରୁ ଅନୁମତି ଆଣିବା ପରେ ଜେରା କରିଛି।

# ୧୪୪ ଧାରା ଲାଗୁ ସତ୍ତ୍ୱେ କାଟି ନେଲେ ଧାନ
### ଅଞ୍ଚଳରେ ଉତ୍ତେଜନା ଜାରି

**କେନ୍ଦୁଝର,୧୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ନଳପଙ୍ଗା ଗ୍ରାମରେ କୁଡୁମି ଓ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ବିବାଦ ପୁଣି ଉଗ୍ରରୂପ ଧାରଣ କରିବା ଆଶଙ୍କା ପ୍ରକାଶ ପାଇଛି। କୁଡୁମି ସମ୍ପ୍ରଦାୟର ପଚ୍ଚା ଜମିରେ ୧୪୪ ଧାରା ଲାଗୁ ସତ୍ତ୍ୱେ ଜୁଆଙ୍ଗ ଲୋକେ ଧାନ କାଟି ନେଇଥିବା ପଣ୍ଡାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

ପ୍ରକାଶ ଯେ, ଗତ ଅକ୍ଟୋବର ୭ରେ ଉକ୍ତ ଜମିରେ ୧୪୪ ଧାରା ଲାଗୁ କରାଯାଇ ଉଭୟ ପକ୍ଷଙ୍କୁ ଜମିରେ ପ୍ରବେଶ ବାରଣ କରାଯାଇଥିଲା। ଏଣୁ ବେଆଇନ ଭାବେ ଧାନ କାଟିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ସହ କଟାଯାଇଥିବା ଧାନ ଜବତ କରିବାକୁ କୁଡୁମି ସମ୍ପ୍ରଦାୟର ଲୋକେ ଦାବି କରିଛନ୍ତି। ଅତିରକ୍ତ ଜିଲାପାଳ, ଉପଜିଲାପାଳ, ତହସିଲଦାର, ସଦର ଏସ୍‌ଡିପିଓଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରହ୍ଲାଦ ମହାନ୍ତ, ଛୋଟରାୟ ମହାନ୍ତ, ବଳରାମ ମହାନ୍ତ, ଗଣନାଥ ମହାନ୍ତଙ୍କ ସମେତ ବହୁ ବ୍ୟକ୍ତି ଦାବିପତ୍ର ପ୍ରଦାନ କରି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନଥ୍ୟା ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ପ୍ରଶାସନ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଭାଜପା ବିଧାୟକ ମୋହନ ମାଝୀ କହିଛନ୍ତି, ପ୍ରଶାସନ ଏହାର ସମାଧାନ ନ କରି ବିବାଦର ସୂତ୍ରପାତ କରାଉଛି। ସେ ଜମି କାହାର ଜିଲାପ୍ରଶାସନ ସମାଧାନ କରୁ। ଏଣୁ ବିବାଦ ଦେଖାଦେଲେ ପ୍ରଶାସନ ଦାୟୀ ରହିବେ ।




# ଏସ୍‌ଟିଏଫ୍ ଚଢ଼ାଉ ବେଳେ ବାଘଛାଲ ଜବତ, ୪ ଗିରଫ


ଜବତ ବାଘଛାଲ ଏବଂ ଗିରଫ ଦୁଇ ଅଭିଯୁକ୍ତ।

**ଦେବଗଡ଼/ବୌଦ୍ଧ, ୧୧।୧୧(ଡି.ଏନ.ଏ./ସ୍ୱ.ପ୍ର)**

ଦେବଗଡ଼ ଓ ବୌଦ୍ଧ ଜିଲାରେ ବନ ବିଭାଗର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢାଉ କରି ୨ଟି ବାଘଛାଲ ଜବତ କରିଛି। ଏହି ଘଟଣାରେ ମୋଟ୍ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ କୁଶଖୁଲିଆ ଗ୍ରାମର ପ୍ରହ୍ଲାଦ ପରିଡା(୫୫), ରିଆମାଳ ଥାନା ଅନ୍ତର୍ଗତ ସିମିଳିହତା ଗ୍ରାମର ପାଣ୍ଡବ ପ୍ରଧାନ (୫୦), ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଡିମିରିଖୋଲ ଗ୍ରାମର ଅବନୀକାନ୍ତ କହଁର ଏବଂ ମନମୁଣ୍ଡା ଥାନା ତିଲପଙ୍ଗା ଗ୍ରାମର ସାକିନାଥ କହଁର।

ସୂଚନା ଅନୁସାରେ, ଦେବଗଡ ବନଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀପାଲି ଗ୍ରାମରେ ବାଘଛାଲ ବିକ୍ରି ନେଇ ମସୁଧା ଚାଲିଥିବା ବନ ବିଭାଗ ସୂଚନା ପାଇଥିଲା। ଦେବଗଡ ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବୁଧବାର ରାତିରେ ବ୍ରାହ୍ମଣୀପାଲି ଗ୍ରାମରେ ଚଢାଉ କରିଥିଲା। ଏହି ଟିମ୍ ପ୍ରଥମେ ପ୍ରହ୍ଲାଦଙ୍କୁ ଗିରଫ କରିଥିଲା। ପରେ ପ୍ରହ୍ଲାଦଙ୍କ ସୂଚନା ଆଧାରରେ ଉକ୍ତ କଲରାପତରିଆ ବାଘ ମାରିଥିବା ଅଭିଯୋଗରେ ପାଣ୍ଡବଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ଜବତ ଛାଲ ଗୋଟିଏ ପ୍ରାପ୍ତ ବୟସ୍କ କଲରାପତରିଆ ବାଘର ବୋଲି ଦେବଗଡ ରେଞ୍ଜ ଅଫିସର ଦେବଦତ୍ତ ନନ୍ଦ ସୂଚନା ଦେଇଛନ୍ତି।

ସେହିପରି ବାଉଁଶୁଣୀ ଥାନା ଅନ୍ତର୍ଗତ ବାଉଁଶୁଣୀ ବ୍ରିଜ ଛକଠାରେ ଏସ୍‌ଟିଏଫ୍ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ବାଘ ଛାଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ଗିରଫ ଅଭିଯୁକ୍ତ ଅବନୀକାନ୍ତ ଓ ସାକିନାଥଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ବାଘଛାଲକୁ ଜଙ୍ଗଲ ବିଭାଗକୁ ପରବର୍ତ୍ତୀ ତଦନ୍ତ ଓ ରାସାୟନିକପରୀକ୍ଷା ପାଇଁହସ୍ତାନ୍ତର କରାଯାଇଛି।

## ବର୍ଷେ ପରେ ଧରାପଡ଼ିଲେ ବାଘଛାଲ ବେପାରୀ

**ବିଶୋଇ,୧୧।୧୧(ଡି.ଏନ.ଏ.)**

ବନ ବିଭାଗ ଆଖିରେ ଧୂଳି ଦେଇ ବର୍ଷେ ହେଲା ଫେରାର ଥିବା ଜଣେ ବାଘଛାଲ ବେପାରୀଙ୍କୁ ମୟୂରଭଞ୍ଜ ଜିଲା ବିଶୋଇ ଥାନା ପୋଲିସ ଗୁରୁବାର ଧରିଛି। ଗତବର୍ଷ ବିଶୋଇ ଥାନା ଅନ୍ତର୍ଗତ ମଣଦା ବନାଞ୍ଚଳ ସ୍ଥିତ ଖଜୁରୀ କଟାସ ଗ୍ରାମରେ ଏକ ବାଘଛାଲ ବିକ୍ରି ପାଇଁ ମୁଲଚାଲ ଚାଲିଥିବା ବେଳେ ବନବିଭାଗ ଚଢ଼ାଉ କରି ଘଟଣାସ୍ଥଳରୁ ୪ଜଣଙ୍କୁ କାବୁ କରିଥିଲା। ପରେ ଯଶୀପୁର ଥାନା ବାସିଆ ଅଞ୍ଚଳର ଲବୟ ପୂର୍ତ୍ତିଙ୍କୁ ଗିରଫ କରାଯାଇଥିଲା। ତେବେ ଡାକ୍ତରୀ ମାଇନା ନିମନ୍ତେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ସମୟରେ ବନବିଭାଗ ଆଖିରେ ଧୂଳି ଦେଇ ଲବୟ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ବନବିଭାଗର ଅଭିଯୋଗ କ୍ରମେ ବିଶୋଇ ଥାନାରେ ଏକ ମାମଲା (ନଂ.୧୦୨/୨୦) ରୁଜୁ ହୋଇଥିଲା। ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ତତ୍ତ୍ୱାବଧାନ ଓ ମଣଦା ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଫେରାର ଲବୟଙ୍କ ଉପରେ ନଜର ରଖାଯାଇଥିଲା। ବୁଧବାର ସେ ମଣଦା ସାପ୍ତାହିକ ହାଟକୁ ବୁଲିବାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ୩ ଅଭିଯୁକ୍ତ ଗିରଫ

କଣିହାଁ,(ଡି.ଏନ.ଏ.)- ରେଙ୍ଗାଳି ଥାନା ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଓନାମ ଲାକ୍ରା କହିଛନ୍ତି, ୨୦୦୨ ଓ ୧୯୯୫ରେ ହୋଇଥିବା ମାମଲା ନେଇ କୋର୍ଟ ୱାରେଣ୍ଟରେ ବରପଦା ଗ୍ରାମର ମଙ୍ଗୁଲୁ ସାହୁ, ହାଡିବନ୍ଧୁ ସାହୁ ଓ ଅର୍କାଳ ଗ୍ରାମର ମେଘନାଦ ସାହୁଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ଶାନ୍ତି ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ଅନୁଗୋଳ ଅଫିସ, ୧୧।୧୧- ୧୨ ତାରିଖରେ କଂଗ୍ରେସ ଦେଇଥିବା ୬ ଘଣ୍ଟିଆ ହରତାଳ ଡାକରାକୁ ନଜରରେ ରଖି ଅନୁଗୋଳ ଜିଲାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏହି ସମୟରେ ଜିଲାର କୌଣସି ସ୍ଥାନରେ ଜବରଦସ୍ତି ଦୋକାନ ବଜାର ବନ୍ଦ କରାଗଲେ କିମ୍ବା ଟ୍ରାନ୍ସପୋର୍ଟ, ରେଳ, ବସ୍ ଓ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ ଭିଡିଓ ବାର୍ତ୍ତାରେ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

### ଚିହ୍ନଟ ହେଲେନି ପଜିଟିଭ୍

ଅନୁଗୋଳ ଅଫିସ, ୧୧।୧୧- ଅନୁଗୋଳ ଜିଲାରୁ ଗୁରୁବାର କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଫଳରେ ମୋଟ ପଜିଟିଭ ସଂଖ୍ୟା ୪୪ ହଜାର ୪୫୭ରେ ସ୍ଥିର ରହିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୧ ଲକ୍ଷ ୪୩ ହଜାର ୮୪୫ ଜଣଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କେନାଲରୁ ଶମ୍ବର ଉଦ୍ଧାର



ମାଧପୁର,୧୧।୧୧- ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ସୋରିଷପଙ୍କ ଗ୍ରାମ ନିକଟ ମନଯୋର କେନାଲରୁ ଗୁରୁବାର ଏକ ଶମ୍ବର ଉଦ୍ଧାର କରାଯାଇଛି। ପାଣି ପିଇବାକୁ ଆସିଥିବା ଶମ୍ବରଟି କେନାଲକୁ ଖସିପଡ଼ିଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଦେଖି ମାଧପୁର ବନବିଭାଗକୁ ଖବର ଦେଇଥିଲେ। ପରେ ବନ କର୍ମଚାରୀମାନେ ପହଞ୍ଚି ଶମ୍ବରକୁ ଉଦ୍ଧାର କରିଥିଲେ। ଅସୁସ୍ଥ ଥିବାରୁ ଏହି ବନ୍ୟପ୍ରାଣୀକୁ ମାଧପୁର କାର୍ଯ୍ୟାଳୟରେ ରଖାଯାଇ ଚିକିତ୍ସା କରାଯାଉଛି। ରେଞ୍ଜର ସନ୍ତୋଷ ଭୋଇଙ୍କ ତତ୍ତ୍ୱାବଧାନରେ ପ୍ରାଣୀଧନ ଚିକିତ୍ସକ ଡାକ୍ତର ବିନୟ କୁମାର ମହାନ୍ତି ଚିକିତ୍ସା କରୁଛନ୍ତି। ଫରେଷ୍ଟର ବାବୁଲି ପଧାନ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରୁଛନ୍ତି।

### ଜୟାନନ୍ଦଙ୍କ ଜୟନ୍ତୀ ପାଳିତ

ମାଧପୁର,୧୧।୧୧- ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜୟାନନ୍ଦ ହୋତାଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧପୁର ସରପଞ୍ଚ ଗଣେଶ୍ୱର ଜେନା ଏବଂ ଅନ୍ୟ ଅତିଥି ଭାବେ ଶିକ୍ଷାବିତ୍ କିଶୋର କର୍ମୀ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସଂଗ୍ରାମୀ ସ୍ମରଣେ ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ହୋତାଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

### ଲକ୍ଷ୍ମୀପୂଜା କମିଟି ବୈଠକ

ବଇଣ୍ଡା,୧୧।୧୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ଲକ୍ଷ୍ମୀପୂଜା କମିଟିର ବୈଠକ ବୁଧବାର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୀବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହେମନ୍ତ ଖୁଣ୍ଟିଆ, ଗତିକୃଷ୍ଣ ସାହୁ, ଶତ୍ରୁଘ୍ନ ସାହୁ, କିଶୋରୀ ଖୁଣ୍ଟିଆ, ବିଶେଶ୍ୱର ରାଉତ, ଅକ୍ଷୟ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ପୂଜାର ଆୟବ୍ୟୟ ହିସାବ କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କମିଟି ସଭାପତି ଭାବେ ସଞ୍ଜୀବ କୁମାର ପ୍ରଧାନ, ଉପସଭାପତି ଭାବେ ଗଣେଶ୍ୱର ବାରିକ, ସମ୍ପାଦକ ଭାବେ ସନ୍ତୋଷ ସାହୁ, ସହ ସମ୍ପାଦକ ରଞ୍ଜନ କୁମାର ପ୍ରଧାନଙ୍କୁ ଚୟନ କରାଯାଇଥିଲା।

### ଜବରଦଖଲ ଉଚ୍ଛେଦ ଦାବି



ଆଠମଲ୍ଲିକ,୧୧।୧୧(ଡି.ଏନ.ଏ.)- ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳରେ ଥିବା ଗୋଚର ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରାଯିବା ନିମନ୍ତେ ଗୁରୁବାର ଭାଜପା ନେତା ଭବାନୀ ପ୍ରସାଦ ଜ୍ୟୋତିଷ ରାୟଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଅଞ୍ଚଳରେ ଥିବା ଶତାଧିକ ଏକର ଗୋଚର ଜମିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲରେ ରଖିଛନ୍ତି। ଫଳରେ ଗୋରୁମାନେ ଖାଦ୍ୟାଭାବର ଶିକାର ହେଉଛନ୍ତି। ତୁରନ୍ତ ତହସିଲ ପକ୍ଷରୁ ଉକ୍ତ ଗୋଚର ଜମିଗୁଡ଼ିକରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରା ନ ଗଲେ ଜନ ଅସନ୍ତୋଷ ତୀବ୍ର ରୂପ ନେବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# କାର୍ଯ୍ୟକ୍ଷମ ହେଉନି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର



■ନୂତନ ଗୃହ ଉଦ୍‌ଘାଟନକୁ ୩ ମାସ ପୂରିଲାଣି

■ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଦୁଗ୍ଧ ଚାଷୀ

ଛେଣ୍ଡିପଦା,୧୧।୧୧(ସ୍ୱ.ପ୍ର.)

ଦୁଗ୍ଧ ଉତ୍ପାଦନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଗ୍ରାମାଞ୍ଚଳର ଦୁଗ୍ଧ ଚାଷୀମାନଙ୍କୁ ଅଧିକରୁ ଅଧିକ ଗୋପାଳନ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ବ୍ୟାଙ୍କ ମାଧ୍ୟମରେ ଆବଶ୍ୟକ ଋଣ ଯୋଗାଇ ଦେଉଛନ୍ତି। ହେଲେ ଚାଷୀମାନେ କିପରି ସହଜରେ ଉତ୍ପାଦିତ ଦୁଗ୍ଧ ବିକ୍ରି କରିପାରିବେ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଉ ନାହିଁ। ଏହି କାରଣରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳର ୨୫ଶହ ଦୁଗ୍ଧ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ଥିବା ଏକମାତ୍ର ଦୁଗ୍ଧ ଶୀତଳୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସମ୍ପୃକ୍ତ ଚାଷୀମାନଙ୍କୁ ଉଚିତ ମୂଲ୍ୟ ମିଳୁନାହିଁ।

ଛେଣ୍ଡିପଦା ବ୍ଲକର ଦୁଗ୍ଧ ଚାଷୀମାନଙ୍କଠାରୁ ଦୈନିକ ଦୁଗ୍ଧ କିଣିବା ପାଇଁ ସଦର ମହକୁମାଠାରେ ଓମଫେଡ ପକ୍ଷରୁ ୧ ହଜାର ଲିଟର କ୍ଷମତା ବିଶିଷ୍ଟ ଶୀତଳୀକରଣ କେନ୍ଦ୍ର ଖୋଲାଯାଇଥିଲା। ଏହି କେନ୍ଦ୍ର ଉପରେ ୧୬ଟି ସମବାୟ ସମିତି ବାମନାଳୀ, ବାଗଡ଼ିଆ, ଖମାରବାଣେଶ୍ୱରୀ, ସାପୋଇନାଳୀ, ଟଙ୍ଗିରୀ, ପୁରୁଣାଗଡ, ଗୋଳାଗାଡିଆ, ଢୁକୁଡା, ହରିଡାଗୁଡ, ବଣିଆନଟି, ଶୁଭମ ଆଦିର ଚାଷୀ ନିର୍ଭର କରୁଥିଲେ। ଚାଷୀମାନେ ଉତ୍ପାଦିତ ୧୨୦୦ ଲିଟରରୁ ଅଧିକ ଦୁଗ୍ଧକୁ ସମବାୟ ସମିତି ମାଧ୍ୟମରେ ଆଣି ଦୈନିକ ଏହି ଶୀତଳୀକରଣ କେନ୍ଦ୍ରରେ ଦେଉଥିଲେ। ଏ ବାବଦର ଅର୍ଥ ରାଶି ପ୍ରତ୍ୟେକ ୧୦ ଦିନରେ ସମିତି ବ୍ୟାଙ୍କ ଖାତାକୁ ଓମଫେଡ ପକ୍ଷରୁ ପଠାଯାଉଥିଲା। କିନ୍ତୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିବା ସହିତ ଗାଈଙ୍କ ପାଇଁ ଔଷଧ ନ ଦେଇ ଚାଷୀଙ୍କ ଖାତାରୁ ଟଙ୍କା କଟାଯିବା ଘଟଣାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ରାଶି ଆଜି ପର୍ଯ୍ୟନ୍ତ ମିଳି ନ ଥିବାବେଳେ ଶୀତଳୀକରଣ କେନ୍ଦ୍ର ମଧ୍ୟ ବର୍ଷେ ତଳୁ ବନ୍ଦ ହୋଇଯାଇଛି। ଏହାର ନବୀକରଣ ପାଇଁ ନିର୍ମାଣ କରାଯାଇଥିବା ନୂତନ ଗୃହ ୩ ମାସ ତଳୁ ଉଦ୍‌ଘାଟିତ ହୋଇସାରିଛି। ହେଲେ ଶୀତଳୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଚାଷୀମାନେ ଦୁଗ୍ଧ ବିକ୍ରି କରିପାରୁ ନାହାନ୍ତି। ଏ ନେଇ ଚାଷୀମାନେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ଭେଟି ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଏହା ଖୋଲାଯିବ ବୋଲି ଜିଲାପାଳ କହିଥିବା ଏମ୍‌ପି ଦୁଗ୍ଧ ଚାଷୀଙ୍କୁ ସୂଚନା ଦେଇଥିଲେ। ମାତ୍ର ଦେଢମାସ ବିତିଯାଇଥିଲେ ମଧ୍ୟ ଶୀତଳୀକରଣ କେନ୍ଦ୍ର କର୍ଯ୍ୟକ୍ଷମ ହୋଇପାରି ନାହିଁ। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଓମ୍‌ଫେଡ୍ ଜିଏମ୍ ଅଜିତ ଖେସଙ୍କୁ ବାରମ୍ବାର ଯୋଗାଯୋଗ (ମୋବାଇଲ୍ ନଂ. ୭୯୭୮୦୧୧୬୦) ସତ୍ତ୍ୱେ ମତାମତ ମିଳିପାରି ନାହିଁ।

### ଉଚିତ ମୂଲ୍ୟ ମିଳୁନି



"ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ବନ୍ଦ ହେବା ପରଠାରୁ ଚାଷୀମାନେ ବହୁ ସମସ୍ୟାରେ ଅଛନ୍ତି। ଘର ଘର ବୁଲି ଦୁଗ୍ଧ ବିକ୍ରି କରୁଥିଲେ ମଧ୍ୟ ଉଚିତ ମୂଲ୍ୟ ମିଳୁନାହିଁ। ଫଳରେ ଗାଈ ପାଇଁ ଦାନା କିଣିବା କଷ୍ଟକର ହୋଇପଡ଼ୁଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ।

-ରମାକାନ୍ତ ସେନାପତି, ଚାଷୀ, ଛେଣ୍ଡିପଦା

### ଧାରଣା ଦେବାକୁ ନିଷ୍ପତ୍ତି



"ପୂର୍ବରୁ ଦୁଗ୍ଧ ବିକି ଘର ଚଳାଉଥିଲୁ। ଏବେ ବଜାରରେ ବିକ୍ରି ହେଉଥିବା ପ୍ୟାକେଟ କ୍ଷୀର ଠାରୁ ବହୁ କମ୍ ଦର ମିଳୁଛି। ବାରମ୍ବାରଅଭିଯୋଗସତ୍ତ୍ୱେପଦକ୍ଷେପନିଆଯାଉନଥିବାରୁଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

-ଶୁଭକାନ୍ତ ବେହେରା, ଦୁଗ୍ଧ ସମବାୟ ସମିତି ସମ୍ପାଦକ

# କୃଷି ଉତ୍ପାଦନ ପ୍ରକଳ୍ପ ଉପରେ ଆଲୋଚନା



ଆଲୋଚନାଚକ୍ରରେ ଉପସ୍ଥିତ ଉତ୍ପାଦକ ଗୋଷ୍ଠୀ ଓ ଅନ୍ୟମାନେ।

ଛେଣ୍ଡିପଦା,୧୧।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଗୁରୁବାର ଜିଲା ଖଣିଜ ପ୍ରତିଷ୍ଠାନର ପ୍ରତ୍ୟେକ୍ଷ ସହଯୋଗରେ ଭାଗ ଚାଷୀ ଆଭିମୁଖ୍ୟକୁ ନେଇ କୃଷି ଉତ୍ପାଦନ ପ୍ରକଳ୍ପର ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଜିଲା ଖଣିଜ ପ୍ରତିଷ୍ଠାନର ପ୍ରିୟଙ୍କା ମହାନ୍ତି, ସ୍ୱଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଚାର୍ଯ୍ୟ କୃଷି ଉତ୍ପାଦନ ପ୍ରକଳ୍ପର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୃଷି ଉତ୍ପାଦକ ପ୍ରକଳ୍ପର ପରିଚାଳିକା ଦୀପ୍ତୀମୟୀ ମିଶ୍ର ଏହି ପ୍ରକଳ୍ପ ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ଅଧିକାରୀ ଅନ୍ୱେଷା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ସମସ୍ତ ସରକାରୀ ଅଧିକାରୀ ଓ ଉତ୍ପାଦକ ଗୋଷ୍ଠୀ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ।

# ନାଲ୍‌କୋ ଘରୋଇକରଣକୁ ବିରୋଧ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ବଣଁରପାଳ,୧୧।୧୧(ଡି.ଏନ.ଏ.)

ନାଲ୍‌କୋ ଏମ୍ପ୍ଲୋଇଜ୍ ସଂଘ ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସାଧାରଣ ସମ୍ପାଦକ ନିର୍ମଳ ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ କିପରି ସଂଘକୁ ସଦୃଢ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ନାଲ୍‌କୋକୁ ଘରୋଇକରଣ କରାଇଦିଆଯିବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପ୍ଲାଣ୍ଟ ଘରୋଇକରଣ ହେଲେ ଅଞ୍ଚଳର ବହୁ କ୍ଷତି ଘଟିବ ଓ ଶ୍ରମିକ କ୍ଷତିଗ୍ରସ୍ତ ହେବେ ବୋଲି କର୍ମକର୍ତ୍ତାମାନେ ମତ ଦେଇଥିଲେ। ସେହିପରି ଶ୍ରମିକମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ସଭାପତି ପ୍ରଫୁଲ୍ଲ ସାହୁ, କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ବିଜନ ଦଳବେହେରା, ମିଲୁ ଧୀର, ଉପସଭାପତି ମନୋଜ ସ୍ୱାଇଁ, ବିକାଶ ପାଲ, ଅଟଳ ବିହାରୀ ଷଡଙ୍ଗୀ, ଅରୂପ ଅମନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଇଣ୍ଡଷ୍ଟ୍ରି କେୟାର କର୍ମଶାଳା ଉଦ୍‌ଯାପିତ

ଅନୁଗୋଳ ଅଫିସ, ୧୧।୧୧

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ନାଲ୍‌କୋ ଅଡିଟୋରିୟମ୍‌ରେ ଆୟୋଜିତ ଦୁଇଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀଙ୍କ ସମେତ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ନିର୍ଦ୍ଦେଶକ ସାଦିକ୍ ଆଲାମ୍, ଇପିକଲ୍ ଓ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଅନୁଗୋଳ ଓ ଢେଙ୍କାନାଳ ଜିଲାର ୨ଶହରୁ ଊର୍ଦ୍ଧ୍ୱ ଶିଳ୍ପ ଉଦ୍ୟୋଗୀ ଅଂଶଗ୍ରହଣ କରି ଶିଳ୍ପ ଏବଂ ଉଦ୍ୟୋଗ ସ୍ଥାପନ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ସହ ପ୍ରତିକାର ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟତଃ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଇଡ୍‌କୋ ପକ୍ଷରୁ ସରକାରୀ ଜାଗା ଯୋଗାଇବା, ଉତ୍ପାଦିତ ସାମଗ୍ରୀର ବିପଣନ, ଆବଶ୍ୟକ କଞ୍ଚାମାଲ, ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ ଓ ଆନୁଷଙ୍ଗିକ ପ୍ରାମଣପତ୍ର ପ୍ରଦାନ, ଋଣ ମଞ୍ଜୁରୀ ସଂକ୍ରାନ୍ତ ସୁବିଧା ଉପଲବ୍ଧ କରାଇବା ପାଇଁ ଆଲୋଚନା ହୋଇଥିଲା। ଅନୁଗୋଳ ଓ ଢେଙ୍କାନାଳ ଜିଲା ଶିଳ୍ପ କେନ୍ଦ୍ରର କର୍ମଚାରୀ ସମୂହ ଏବଂ ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ର, ପି. ପ୍ରଭାକର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସଚିବମାନେ ଆଲୁମିନିୟମ୍ ପାର୍କ ପରିଦର୍ଶନ କରିଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଶିଳ୍ପସଂସ୍ଥା ଅଧିକାରୀମାନେ।

# ଅମୃତ ମହୋତ୍ସବ ପ୍ରସ୍ତୁତି

ଅନୁଗୋଳ ଅଫିସ,୧୧।୧୧

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୨ ଓ ୨୩ ତାରିଖରେ ଅମୃତ ମହୋତ୍ସବ ସହ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହେବ। ଏଥିପାଇଁ ଗୁରୁବାର ଏକ ସାଧାରଣ ଅଧିବେଶନ ଶାନ୍ତି କୁଟୀରରେ ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ରୀଛାତ୍ର ଭାଗନେବେ। ଅମୃତ ମହୋତ୍ସବର ପ୍ରଥମ ଦିନରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଅଧ୍ୟାପକ ପବିତ୍ର ମୋହନ ଦାଶ, ବୈଷ୍ଣବ ଚରଣ ମହାନ୍ତି ଏବଂ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଡ. ସୁଜାତା ଚୌଧୁରୀ, ଅଧ୍ୟାପକ ବିଶ୍ୱରଞ୍ଜନ, ପଦ୍ମ ଚରଣ ନାୟକ, ଗାନ୍ଧୀ ସ୍ମାରକ ନିଧି ଅଧ୍ୟକ୍ଷ ରାମଚନ୍ଦ୍ର ରାହି, ଡ. ଛାୟାକାନ୍ତ ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସେହିପରି ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କୁଳମଣି ନାୟକଙ୍କୁ ଅଭ୍ୟର୍ଥନା କମିଟି ସଭାପତି ମନୋନୀତ କରାଯାଇଛି। ଅନୁଷ୍ଠିତ ସାଧାରଣ ଅଧିବେଶନରେ ଆନନ୍ଦ ଚନ୍ଦ୍ର ମହାପାତ୍ର, ଭାବଗ୍ରାହୀ ନାୟକ, ସାଧୁଚରଣ ପ୍ରଧାନ, ଧନେଶ୍ୱର ନାୟକ, କୈଳାସ ଚନ୍ଦ୍ର ସାହୁ, ଶିବରାମ ମିଶ୍ର, ଡ. ଇନ୍ଦିରା ଦାଶ, ବିଶ୍ୱରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, ଆଦ୍ୟଶ୍ଳୋକ ମିଶ୍ର, ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରାବାସ ଉଚ୍ଛେଦ ହେଲେ ଆନ୍ଦୋଳନ

ବଇଣ୍ଡା,୧୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ସହ ଛାତ୍ରାବାସ ନିର୍ମାଣ ହେଉ ନାହିଁ। ଫଳରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ବହୁବାର ଜିଲା ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସଭାପତି ସନ୍ତୋଷ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଚତମ୍ବା, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ କମିଟି ସଭାପତି ଭଗବାନ ଘିୱାଲା, ବଇଣ୍ଡା ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ରମାକାନ୍ତ ବେହେରା, ଅରବିନ୍ଦ ସାହୁ, ପ୍ରଶ୍ନ କୁମାର ବେହେରା, ସୁଧାକର ଶଙ୍ଖାରି, ଉମେଶ ବେହେରା ପ୍ରମୁଖ ଯୋଗ ଦେଇ ଜିଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ପୁରୁଣା ଛାତ୍ରାବାସ ଭଙ୍ଗାଯାଇ ସେହି ଜମି ଉପରେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ଠିକାସଂସ୍ଥା ଉଦ୍ୟମ କରୁଥିବାରୁ ବିରୋଧ କରାଯାଇଥିଲା।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ନୂତନ ଫାଣ୍ଡି ଗୃହ ଉଦ୍‌ଘାଟିତ

ଆଠମଲ୍ଲିକ/ବଇଣ୍ଡା,୧୧।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଟାପଡୋଲ ଗ୍ରାମରେ ନୂତନ ଫାଣ୍ଡି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଫାଣ୍ଡି ଦୀର୍ଘଦିନରୁ ଗାଁ ଭିତରେ ଏକ ଛୋଟିଆ ସ୍ଥାନରେ ଥିଲା। ଏକ ନୂତନ କୋଠା ନିର୍ମାଣ କରାଯାଇଥିବାରୁ ମୁଖ୍ୟଅତିଥି ଭାବେ ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଠାକୁରଗଡ ଆଇଆଇସି ପୀତାମ୍ବର ମଲିକ, ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ଏସ୍ ବେହେରା ଯୋଗ ଦେଇଥିଲେ।




ଫାଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ଖାଦ୍ୟ ଦୋକାନରେ ଚଢ଼ାଉ

ଅନୁଗୋଳ ଅଫିସ, ୧୧।୧୧

ଅନୁଗୋଳ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ ଦିନ ଧରି ସହର ଓ ଉପକଣ୍ଠରେ ଚଢ଼ାଉ ଜାରି ରହିଛି। ଦୁଇ ଦିନ ବିଭିନ୍ନ ପାନୀୟ ଜଳ ବ୍ୟବସାୟିକ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିବା ବେଳେ ଗୁରୁବାର ଜଳଖିଆ ଦୋକାନ, ଉଠା ଦୋକାନ, ହୋଟେଲ, ଚା ଦୋକାନଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ଅମଲାପଡ଼ା, କଲେଜ ଛକ, ହାଟଛକ ଓ ଖଲାରୀ ଅଞ୍ଚଳର ବିଭିନ୍ନ ଖାଦ୍ୟ ଦୋକାନରେ ଚଢ଼ାଉ ହୋଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। କୌଣସି ଦୋକାନରେ ଖାଦ୍ୟ ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା। ଏ ନେଇ ସମ୍ପୃକ୍ତ ଦୋକାନୀଙ୍କ ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଚଢ଼ାଉରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।



# ଉନ୍ନୟନ କାର୍ଯ୍ୟ ସମୀକ୍ଷା

ବଇଣ୍ଡା,୧୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଉରୁକୁଳା ଓ ଅଙ୍ଗପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ ସମୀକ୍ଷା କରିଛନ୍ତି। ୫-ଟି ବିଭାଗ ଅଧୀନରେ ଉରୁକୁଳା ହାଇସ୍କୁଲର ନିର୍ମାଣ ହେଉଥିବା ନୂତନ ଶ୍ରେଣୀ ଗୃହ କାର୍ଯ୍ୟ ଯାଞ୍ଚ କରିଥିଲେ। ଏପରିକି ଶୀଘ୍ର କାମ ସାରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅଙ୍ଗପଡ଼ା ପଞ୍ଚାୟତରେ ସମସ୍ତ ସରକାରୀ କାର୍ଯ୍ୟ ସହ ପଞ୍ଚାୟତର କାଗଜପତ୍ର ସମୀକ୍ଷା କରିଥିଲେ। ଫୁଲଝରି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଭୂମିହୀନ ପରିବାରକୁ ଦିଆଯାଇଥିବା ସରକାରଙ୍କ ପକ୍ଷରୁ ୪ ଡିସିମିଲ ଜମିକୁ ଶୀଘ୍ର ଚିହ୍ନଟ କରିବା ସହ ଉକ୍ତ ପରିବାରକୁ ଜମି ଯୋଗାଇ ଦେବା ପାଇଁ ଅଙ୍ଗପଡା ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର କନିଷ୍ଠଯନ୍ତ୍ରୀଙ୍କ ସମେତ ପଞ୍ଚାୟତର ଅଧିକାରୀମାନେ ଉପସ୍ଥିତ ଥିଲେ।



କିଶୋରନଗର ବିଡିଓ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# କାରଣ ଦର୍ଶାଅ ନୋଟିସ୍ କରି କର୍ତ୍ତୃପକ୍ଷ ଚୁପ୍

ଅନୁଗୋଳ ଅଫିସ, ୧୧।୧୧

■ମେଡିକାଲ ବନ୍ଦ କ୍ୱାର୍ଟର୍ସରୁ ଏକ୍ସପାଏରୀ ଔଷଧ ବାହାରିବା ଘଟଣା

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ବନ୍ଦ କ୍ୱାର୍ଟର୍ସରୁ ଗତ ସେପ୍ଟେମ୍ବରରେ ବିପୁଳ ପରିମାଣର ଏକ୍ସପାଏରୀ ଔଷଧ ବାହାରିବା ଘଟଣାରେ ଏଯାଏ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତଦନ୍ତ ରିପୋର୍ଟ ପାଇବା ପରେ ଦୋଷୀ କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ନେଇ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ମାଗିଥିଲେ। ହେଲେ ଦେଢ଼ମାସ ହେଲା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ କର୍ତ୍ତୃପକ୍ଷ ଚୁପ୍ ବସିଯାଇଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ମେଡିକାଲ ନବକଳେବର ପାଇଁ କ୍ୱାର୍ଟର୍ସ ଭଙ୍ଗାଯିବା ବେଳେ ଏକ ବନ୍ଦ ଘର ମଧ୍ୟରୁ ପୁଳା ପୁଳା ଏକ୍ସପାଏରୀ ଔଷଧ ବାହାରିଥିଲା। ଘଟଣା ଚପାଇ ଦେବାକୁ ରାତି ଅଧିଆ ତାହାକୁ ଅନ୍ୟତ୍ର ଫିଙ୍ଗାଯିବା ବ୍ୟବସ୍ଥା ହୋଇଥିଲା। ତେବେ ଏହା ପ୍ରଘଟ ହେବା ପରେ ଜିଲାପାଳ ଘଟଣାର ତଦନ୍ତ କରିବାକୁ ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟରେ ମେଡିକାଲ କର୍ତ୍ତୃପକ୍ଷ କ୍ୱାର୍ଟର୍ସ ଆବଣ୍ଟନରେ ଦୁର୍ନୀତି ସହ ପୁରୁଣା ଫାର୍ମାସିଷ୍ଟ ଓ ନୂଆ ଫାର୍ମାସିଷ୍ଟଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଥିଲେ। ତେବେ ଦୋଷୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜାଣିବାକୁ ଜିଲାପାଳ ସେପ୍ଟେମ୍ବର ୨୮ ତାରିଖରେ ସ୍ୱାସ୍ଥ୍ୟ ପ୍ରଶାସନକୁ ଚିଠି କରିଥିଲେ। କିନ୍ତୁ ଏଯାଏ ଜିଲାପାଳଙ୍କ ଚିଠିର ଉତ୍ତର ଦିଆଯାଇ ନାହିଁ। ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ରିପୋର୍ଟ ପ୍ରଦାନ କରିନାହାନ୍ତି। ସେମାନଙ୍କୁ ରିପୋର୍ଟ ମଗାଯିବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ମଗାଯାଇଛି। ତାହା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



**ପୋଲିସ ବାଇକ୍ ପୋଡ଼ି ମାମଲା: ଅଭିଯୁକ୍ତ ଗିରଫ**

**ଗଁଦିଆ:** ଗଁଦିଆ ବ୍ଲକ ପିଙ୍ଗୁଆ ବଜାରରେ ଗତ ଅକ୍ଟୋବର ୩୦ରେ ବେଆଇନ ବାଣ ବିକ୍ରିକୁ ନେଇ ପୋଲିସ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କେତେଜଣ ଯୁବକ ନିହଲପ୍ରସାଦ ଥାନାର ଜଣେ କନଷ୍ଟେବଲଙ୍କ ବାଇକ୍ ପୋଡ଼ି ଦେଇଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ହରେକୃଷ୍ଣ ସାହୁ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### କୃତୀ ପ୍ରତିଯୋଗୀ ପୁରସ୍କୃତ




**ଢେଙ୍କାନାଳ ଅଫିସ, ୧୧।୧୧:** ସଞ୍ଚୟ ପକ୍ଷ ପାଳନ ଅବସରରେ ବୁଧବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବିଭାଗରେ ଶିଳାଦତ୍ୟ ପତି ପ୍ରଥମ, ପିନାକି ପ୍ରୀତମ ଛୋଟରାୟ ଦ୍ୱିତୀୟ, ଆଶୁତୋଷ ତ୍ରିପାଠୀ ତୃତୀୟ, ବରିଷ୍ଠ ବିଭାଗରେ ପ୍ରୀତିଛନ୍ଦା ପୃଷ୍ଟି ପ୍ରଥମ, ଶୁଭସ୍ମିତା ସାହୁ ଦ୍ୱିତୀୟ, ପ୍ରୀତିମୁକ୍ତ ରଥ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ପୁରସ୍କୃତ କରିଥିଲେ। ଡେପୁଟି କଲେକ୍ଟର ତଥା ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ଢେଙ୍କାନାଳ ଫୁଟବଲ ଏକାଡେମୀ ବିଜୟୀ

ଢେଙ୍କାନାଳ ଅଫିସ, ୧୧।୧୧

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଏସ୍‌ଏମ୍‌ଏସ୍ ୟୁଥ କ୍ଲବ ମୁଣ୍ଡାସାହିକୁ ୨-୧ ଗୋଲ୍‌ରେ ହରାଇ ଢେଙ୍କାନାଳ ଫୁଟବଲ ଏକାଡେମୀ ବିଜୟୀ ହୋଇଛି। ସନ୍ତୋଷ କାନୁନ୍‌ଗୋ, ଅନିଲ ନନ୍ଦ, ପର୍ଶୁରାମ ମିଶ୍ର, ଦେବରାଜ ସ୍ୱାଇଁ, ଅଭିଜିତ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଶତ୍ରୁଘ୍ନ ମାଟି, ସରୋଜ ପାଢ଼ୀ ଧାରା ବିବରଣୀ ଦେଇଥିଲେ। ଜିଲା ଚିକିତ୍ସାଳୟ ଶଲ୍ୟ ବିଶେଷଜ୍ଞ ଡ. ଏସ୍.ଏନ୍. ମହାପାତ୍ର, ବରିଷ୍ଠ କ୍ରୀଡାବିତ୍ ଅକ୍ଷୟ କୁମାର ଜେନା ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧.୩୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

ଢେଙ୍କାନାଳ ଅଫିସ, ୧୧।୧୧




ବୈଠକରେ ଏମ୍‌ପି, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ପରିଷଦ ସଭାଗୃହରେ ଗୁରୁବାର ଅପରାହ୍ନରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଏମ୍‌ପି ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୧୧ ଲକ୍ଷ ୩୦ହଜାର ୮୮୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ସୁବ୍ୟବସ୍ଥା କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀ ଏବଂ ମିଲରଙ୍କୁ ପରାମର୍ଶ ଦେଇଛନ୍ତି।

ନଭେମ୍ବର ୧ରୁ ମାର୍ଚ୍ଚ ୩୧ ଯାଏ ଧାନ କ୍ରୟ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲାର ୭୯ କେନ୍ଦ୍ରରେ ୪୯ ହଜାର ୩୫୮ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ଧାନ ବିକ୍ରି ଅର୍ଥ ରାଜ୍ୟ ସମବାୟ ବ୍ୟାଙ୍କ ଜରିଆରେ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନରେ ପ୍ରଦାନ କରାଯିବ। ସକାଳ ୮ଟାରୁ ଧାନ ମଣ୍ଡି ଖୋଲିବ। ପଞ୍ଜୀକୃତ ଚାଷୀଙ୍କୁ ଆଗୁଆ ଟୋକନ ପ୍ରଦାନ କରାଯିବା ସହିତ ସେମାନଙ୍କ ମୋବାଇଲ୍‌କୁ ମେସେଜ୍ ପଠାଯିବ। ଟୋକନ ଅବଧିର ୩୦ଦିନ ମଧ୍ୟରେ ଚାଷୀ ଧାନ ବିକ୍ରି କରିପାରିବେ। ସାଧାରଣ ଧାନ କୁଇଣ୍ଟାଲ ପିଛା ୧,୯୪୦ ଟଙ୍କା ଏବଂ 'ଏ' ଗ୍ରେଡ୍ ପାଇଁ ୧,୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାର ସମସ୍ତ ୮ ବ୍ଲକରେ ୮ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ସହଯୋଗ କରିବେ। ଆରଏମ୍‌ସି ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ମଣ୍ଡିରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରାଯିବ। ଧାନ କ୍ରୟ କେନ୍ଦ୍ରର ଅଧିକାରୀ ଏବଂ ମିଲରମାନେ ଚାଷୀଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ କରିବା ଲାଗି ଜିଲାପାଳ ସରୋଜ କୁମାର ସେଠୀ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜ୍ୟୋତିଶଙ୍କର ସାହୁ, ଉଦୟ କୁମାର ମହାପାତ୍ର, ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
- ୭୯ କେନ୍ଦ୍ରରେ ୪୯,୩୫୮ ଚାଷୀ ପଞ୍ଜୀକୃତ
- ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଲେ ଏମ୍‌ପି

# ଶୃଙ୍ଖଳା ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଅଫିସ, ୧୧।୧୧

ମମିତା ମେହେର ହତ୍ୟାକାଣ୍ଡ ମାମଲାର ନିରପେକ୍ଷ ତଦନ୍ତ ଏବଂ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି। ଏହି ସମୟରେ ଯେପରି ଆଇନଶୃଙ୍ଖଳା ଭଙ୍ଗ ନ ହୁଏ ଏବଂ ସାଧାରଣ ଜନତା ହଇରାଣ ନ ହୁଅନ୍ତି ସେଥିଲାଗି ଧାନ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ରାତି ୭ଟା ୪୫ରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ଶିବା ସୁବ୍ରମଣି ଏ ନେଇ ସୂଚନା ଦେଇଛନ୍ତି। ଆନ୍ଦୋଳନକାରୀ ରେଳରୋକୋ, ଯାନବାହନ ଚଳାଚଳ ବନ୍ଦ କରିପାରିବେ ନାହିଁ। ଦୋକାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ କିମ୍ବା କୌଣସି ସଂସ୍ଥାକୁ ଅଚଳ କରିପାରିବେ ନାହିଁ। କୌଣସି କାର୍ଯ୍ୟରେ ଯିବାକୁ କାହାକୁ ରୋକିପାରିବେ ନାହିଁ। ଏହାର ଉଲ୍ଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଯେ କୌଣସି ସଙ୍ଗଠନ ପକ୍ଷରୁ ବନ୍ଦ ଡାକରା ବେଳେ ଏହି ନିୟମ ଲାଗୁ ହେବ ବୋଲି ଏସ୍‌ପି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଉଛନ୍ତି।

# ଜୟନ୍ତ ସଭାପତି, ରୁଦ୍ରନାରାୟଣ ସମ୍ପାଦକ

## ବସ୍ତ୍ରଷ୍ଟାଣ୍ଡ ପୂଜା କମିଟି ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଅଫିସ, ୧୧।୧୧

ଢେଙ୍କାନାଳ ଅମଲାପଡ଼ା ବସ୍ତ୍ରଷ୍ଟାଣ୍ଡସ୍ଥିତ ଶ୍ରୀମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ସାଧାରଣ ବାର୍ଷିକ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଜୟନ୍ତ କୁମାର ମିଶ୍ର, ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ପ୍ରଶାନ୍ତ କୁମାର କର, ବରଦା ପ୍ରସାଦ ନନ୍ଦ, ସହ ସମ୍ପାଦକ ସୁଶାନ୍ତ କୁମାର କର, ତୁଷାର ମାନସିଂ, କୋଷାଧ୍ୟକ୍ଷ ସ୍ନେହାଶିଷ ମାନସିଂ, ସହ କୋଷାଧ୍ୟକ୍ଷ ଭାବେ





ସଞ୍ଜୀବ କୁମାର ତ୍ରିପାଠୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଆସନ୍ତା ବର୍ଷ ପୂଜା ସମ୍ପର୍କରେ ଆଲୋଚନା କରାଯିବା ସହିତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।

# ରେଖା ହତ୍ୟାକାଣ୍ଡ: ସ୍ୱାମୀ ଗିରଫ

ଢେଙ୍କାନାଳ ଅଫିସ, ୧୧।୧୧

ଢେଙ୍କାନାଳ ସଦର ଥାନା ଚାଉଳିଆ ଗ୍ରାମର ରେଖା ଷେଣ୍ଡ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପ୍ରଧାନଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ଗ୍ରାମ ନିକଟ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ. ୫୮୫/୨୧ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଦାମ୍ପତ୍ୟ କଳହକୁ କେନ୍ଦ୍ର କରି ଗତ ବୁଧବାର ଅପରାହ୍ନରେ ରେଖାଙ୍କୁ ପ୍ରଦୀପ କାଠଫାଳିଆରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

# ଜାଗା ମିଶନରେ ଅନିୟମିତତା

ଢେଙ୍କାନାଳ ଅଫିସ, ୧୧।୧୧

ଢେଙ୍କାନାଳ ପୌରାଞ୍ଚଳରେ ପ୍ରକୃତ ହିତାଧିକାରୀଙ୍କୁ ଜାଗା ମିଶନ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। ସ୍ୱଚ୍ଛଳ ବ୍ୟକ୍ତିମାନେ ଏହାର ଫାଇଦା ନେଉଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି କାଠଗଡ଼ା ଅଞ୍ଚଳର ଆଇନଜୀବୀ ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର। ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରି ସେ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନକଲ ସହରାଞ୍ଚଳ ବିକାଶ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଏମ୍‌ପି, ସହରାଞ୍ଚଳ ବିକାଶ ବିଭାଗ ସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏବଂ ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସହରାଞ୍ଚଳର ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ଲାଗି ରାଜ୍ୟ ସରକାରଙ୍କ ଜାଗା ମିଶନ ଏବଂ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ପୌରାଞ୍ଚଳର ଭୂମିହୀନଙ୍କୁ ୪୫ ବର୍ଗମିଟର ଜମିପଟ୍ଟା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ଲକ୍ଷ ଟଙ୍କାର ଅନୁଦାନ ମିଳୁଛି। ସହରାଞ୍ଚଳ ବସ୍ତି ବାସିନ୍ଦା ଜମି ଅଧିକାର ଆଇନ-୨୦୧୭ ଅନୁଯାୟୀ ଜଣେ ହିତାଧିକାରୀ ପୌରାଞ୍ଚଳରେ ସର୍ବାଧିକ ୪୫ ବର୍ଗମିଟର ଜମିର ପଟ୍ଟା ପାଇପାରିବ। ୪୫ ବର୍ଗମିଟରଠାରୁ ଅଧିକ ଜମି ଦଖଲକାରୀ ଅତିରିକ୍ତ ଜାଗା ସରକାରଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଫେରାଇବା ବାଧ୍ୟତାମୂଳକ। ଏହାପରେ ଜମିପଟ୍ଟା ମିଳିବାର ବ୍ୟବସ୍ଥା ରହିଛି। ହେଲେ ଢେଙ୍କାନାଳ ସହରରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଛି। ୪୫ ବର୍ଗମିଟରରୁ ଅଧିକ ଜମିରେ କୋଠା ଘର କରି ରହୁଥିବା ବ୍ୟକ୍ତିଙ୍କୁ ଜାଗା ମିଶନରେ ସାମିଲ କରାଯାଇଛି। କାଠଗଡ଼ା, ଶ୍ୟାମାଚରଣପୁର, ବନମାଳୀପ୍ରସାଦ, କଣ୍ଟାନାଳୀ, ଭଗବାନପୁର, ସିମିଳିଆ, ଦେଉଳସାହି, ମହିଷାପାଟ ଅଞ୍ଚଳରେ ଦୀର୍ଘଦିନରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ବର୍ଗର ପରିବାରକୁ ଜମିପଟ୍ଟା ମିଳି ନ ଥିବା ପୂର୍ବତନ ନଗରପାଳ ମିଶ୍ର କହିଛନ୍ତି।

ଅନ୍ୟପଟେ ଅଭିଯୋଗକୁ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଖଣ୍ଡନ କରିଛନ୍ତି। ଅନିୟମିତତା ସମ୍ପର୍କରେ ଲିଖିତ ଭାବେ ଜଣାଇଲେ ପ୍ରକୃତ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

- ସ୍ୱଚ୍ଛଳ ବର୍ଗକୁ ଅନୁକମ୍ପା ପ୍ରଦର୍ଶନ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି କଲେ ପୂର୍ବତନ ନଗରପାଳ

# ପ୍ରଶିକ୍ଷଣ ପାଇଁ ୧୮୯ ଚୟନ




ନିଯୁକ୍ତି ପରାମର୍ଶ ମେଳାରେ ଅଧିକାରୀମାନେ।

**ଭୁବନ, ୧୧।୧୧(ଡି.ଏନ୍.ଏ.)**

## ନିଯୁକ୍ତି ପରାମର୍ଶ ମେଳା

ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ୧୨ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି ନିଯୁକ୍ତି ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେଇଥିଲେ। ୧୮୯ ଜଣ ଶିକ୍ଷିତ ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଶିକ୍ଷଣ ପରେ ଦକ୍ଷତା ଅନୁଯାୟୀ ସମସ୍ତଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମନିଯୋଜନ ଅପେକ୍ଷାରେ ଥିବା ଯୁବତୀଯୁବକଙ୍କ ମନୋବଳ ବଢ଼ାଇଥିଲେ। ଜିଲା ନିୟୋଜନ ବିଭାଗର ପରାମର୍ଶଦାତା ସଙ୍ଗୀତା ଦାସ ଆଲୋଚନାରେ ଭାଗନେଇ ସ୍ନାତକ ପାସଧାରୀ, ବୈଷୟିକ ପାଠ୍ୟକ୍ରମରେ ଶିକ୍ଷା ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ବ୍ଲକ ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସ, ଶ୍ରୀତମ ଦାସ, ବିଦ୍ୟାଧର ମହାପାତ୍ର, ସୁବ୍ରତ ପରିଡ଼ାଙ୍କ ସମେତ ବ୍ଲକ ପ୍ରଶାସନର କର୍ମଚାରୀ, ଜନପ୍ରତିନିଧି ଉପସ୍ଥିତ ଥିଲେ।

### ପୁଣି ବାହାରିଲେ ୫ ସଂକ୍ରମିତ

ଢେଙ୍କାନାଳ ଅଫିସ, ୧୧।୧୧

ଢେଙ୍କାନାଳ ଜିଲାରେ ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି। ବିଶେଷ କରି ହିନ୍ଦୋଳ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳରୁ ପଜିଟିଭ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ଜିଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ହିନ୍ଦୋଳ ଏନ୍‌ଏସିର ୩ ଏବଂ ବ୍ଲକର ୨ ଜଣ ରହିଛନ୍ତି। ଏହାପରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୯୦୩ରେ ପହଞ୍ଚିଛି। ୩୩ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

E.Mail.I.D.- pdws.ganjam@gmail.com

**TENDER NOTICE**

No.A-599:- Sealed tenders in the prescribed form are invited from intending persons for collection of cashew nuts and Thalamus from the Shelter Belt cashew plantations located at Kirtipur/ Markandi-I Sections of Soil Conservation Range Golabandha under the Project Director, Watersheds Ganjam, Berhampur. Preference will be given to the owners / lease holders of cashew processing plants in Odisha. Tender forms along with the Terms and conditions can be obtained from office of the Project Director watersheds Ganjam, Berhampur on payment of Rs. 200/- only by hand or on payment of Rs.250/- only by post. Details list of plantations along with area and period of lease is as follows.

| Sl. No. | Location of cashew plantations | Total area in hectares | Period of tender |
|---|---|---|---|
| 1 | 2 | 3 | 4 |
| 1 | **Kirtipur** | **119.350** | **01.02.22 to 31.05.22** |
| 2 | **Markandi-I** | **108.400** | **01.02.22 to 31.05.22** |
| | **TOTAL** | **227.750** | |

Sealed tenders are to be received in the office of the Project Director, Watersheds, Ganjam, Berhampur up to **05.00 PM of 16.12.2021** and wiil be **opened on 17.12.2021 at 11.00 AM** onwards in presence of the tenderers or their authorized representatives in the office of the Project Director Watersheds -cum- Dy. Director, Soil Conservation Ganjam, Berhampur. If necessary, the tender committe may enter into negotiation with the tenderers on the same day or next day. The price should be quoted separately for each individual plantation exclusive of GST and other charges as applicable. The tender applications should accompany earnest money **@10%** of the quoted price in shape of **Bank draft / Bankers Cheque in favour of Project Director, Watersheds, Ganjam, Berhampur** be drawn at **S.B.I. Main Branch, Berhampur** along with the tender forms, failing which it will not be considered as valid tender. Earnest money in shape of hard cash or personal cheque is not allowed. Incomplete tender papers or any conditional tender papers will not be accepted. The authority reserves the rights to reject any or all the tenders or to accept a portion thereof. Interested parties may inspect the plantation with due permission of competent authority in the office hours during any working days before taking part in the tender. The tender papers should be sent through **"REGISTERED POST"** or **"SPEED POST" ONLY** in a **SEALED COVER** duly captioned "**TENDER PAPERS FOR AUCTION SALE OF CASHEW PLANTATION ............... ..................... VILLAGE LOCATED IN SOIL CONSERVATION RANGE GOLABANDHA**". No hand delivery will be accepted.

**Sd./- Project Director, Watersheds Ganjam, Berhampur**

OIPR-32249/11/0002/2122

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF RURAL WORKS, BHUBANESWAR**
**CORRIGENDUM**
**Notice Inviting Expression of Interest for Engagement of Individuals as "State Quality Monitor". ID No.: EOI-13/SQC Dt.04.10.2021**

No. O-928: Reference to subject "Expression of Interest for engagement of individuals as SQM" vide ID No. EOI-13/SQC Dt.04.10.2021. Last date of submission of application **extended from 10th November 2021 to 10th December 2021**. All other terms and condition shall remain unchanged. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: **sqc.odisha@yahoo.in, Mobile: 9437255400**. Details of the EOI is also available in the website: **www.rd.odisha.gov.on**.

OIPR-25123/11/0015/2122 **Sd./- Chief Engineer, PMGSY**

Phone No. 06821-241026(O)/241079(R) Fax No.- 06821-241026/240056 e-mail: eerwss_bnj@ori.nic.in<eerwssbnj2009@gmail.com
**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**
O-923
**1st Corrigendum to Bid Identification No. S.E._RWS&S_31 of 2021-22**

1. In the above Tender Identification No. SE RWSS BNJ **31 of 21-22** the date of Publishing of work dt.**12.11.2021 at 11.00 AM** to dt.**22.11.2021 up to 5.00 PM** instead of dt.**16.10.2021 to 25.10.2021 at 11.00 AM.**
2. Clarification date- **20.11.2021 upto 5.00 PM** instead of dt.**22.10.2021 upto 5.00 PM**
3. Opening of the bid on **23.11.2021 at 11.00 AM** instead of **26.10.2021 at 11.00 AM.**
**All other terms and conditions remain unaltered.**

**Sd./- Superintending Engineer, RWS&S Division, Bhanjanagar**
OIPR-25021/11/0030/2122

**OFFICE OF THE PANCHAYAT SAMITI, GUNUPUR, DISTRICT: RAYAGADA**
**NOTICE INVITING TENDER**
**Tender Call Notice No. 3082** **Dated: 10.11.21**

Sealed item rate tenders in "Double Cover System" are invited from eligible bidder for "Supply & Installation of Outdoor fitness equipment at mini stadium, Gunupur".

| Sl. No. | Particulars | Date & Time |
|---|---|---|
| 1 | Date & time of Bid availability in website | 13.11.2021 from 11.30 A.M. |
| 2 | Date & time for submission of Bid | 13.11.2021 from 11.30 A.M. to 08.12.2021 5.30 P.M. |
| 3 | Date & time for opening of Bid | 09.12.2021 at 11.30 A.M. at Office of Panchayat Samiti, Gunupur |

The bid documents with all information relating to the details of bidding process and term & conditions need be assessed from district website i.e. **http://www.rayagada.nic.in**. The Block Development Officer, Gunupur reserves the right to reject or modify any conditions of the tender and may cancel the tender at any stage without assigning any reason thereof.

**Sd./- Block Development Officer, Gunupur**

**BARGARH SCIENCE CENTER, TUKURLA**
**DISTRICT- BARGARH**
**No.181/ BSC/ Date 11.11.2021**
**TENDER CALL NOTICE**

Sealed tenders are invited for selection of Service Provider to provide manpower for different posts in Bargarh Science Center, Tukurla of Bargarh District for the session 2021-2022. The tender papers shall be received at Bargarh Science Center, Tukurla by Regd. Post / Speed Post only till Dt.02.12.2021 (05.00 P.M.) and will be opened on Dt.03.12.2021 at (02.00 P.M.). The details term and conditions are floated in the district website www.bargarh.nic.in. Please refer the website and download the same.

By the order of ADM, Bargarh
**Sd./- DEO-cum-Secretary**
**Bargarh Science Centre, Tukurla**
**District Bargarh**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**ADVERTISEMENT FOR ENGAGEMENT OF RETIRED OAS OFFICER IN OMC LTD ON FULL TIME CONTRACT BASIS**

**No. 60/OMC** **Date: 10.11.2021**

No. CAD-1802:- Odisha Mining Corporation (OMC) Ltd. invites application from retired OAS Officers for engagement on full time contract basis to be headquartered at Barbil, Keonjhar Distt. with monthly consolidated remuneration initially for a period of one year subject to further extension basing on satisfactory performance/requirement.

| No of Post | Age as on 31.10.2021 | Eligibility Criteria | Remuneration |
|---|---|---|---|
| 1 (One) | Not above 63 Years | The retired OAS officer of Gr. A (JB) rank having experience in Tahasil / Land Acquisition/ Settlement and Consolidation/R & R matters. | Negotiable |

Interested eligible candidates may visit the OMC website http://omcltd.in for detailed terms & conditions of engagement and download the application format and submit application in prescribed form dully filled in and accompanied by copies of self attested certificates, testimonials, experience details and last salary slip / Pension Papers, one page note justifying his suitability for the job etc. in hard copy on or before **02.12.2021** by Registered Post / Speed Post positively to the **General Manager (P&A),** Odisha Mining Corporation Ltd., Post Box No-34, OMC House, Bhubaneswar – 751001. Incomplete applications or received after **02.12.2021** due to postal delay shall not be entertained.

The Management reserves the right to cancel, amend or alter the above advertisement without assigning any reason thereof.

OIPR-30005/11/0127/2122 **General Manager (P&A)**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**
**e-mail ID: eerbkbj@rediffmail.com, Tel/Fax No.- 06657-220216**
**Bid Identification No. 04/KBJ/2021-2022**

No. B-583: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in **Single Cover System** to be received in online mode only for building works.

1. No. of work : 07 Nos. (Single Cover)
2. Nature of work : Building work
3. Class of Contractor : B & A
4. Approximate value of work : Between Rs.43.59 to Rs.43.97 lakh
5. Tender Cost : Rs.6,000/-
6. Date and time of availability of Bid documents in online : From 11.00 hours of Dt.16.11.2021 to 17.00 hours of Dt.29.11.2021
7. Date of Opening of Technical Bid (Cover-I) in Online : 11.30 hours on Dt.30.11.2021
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. Any corrigendum/addendum will be displayed in the above e-procurement portal.

**Sd./- Superintending Engineer**
**Kantabanji (R&B) Division**
**OIPR-34099/11/0008/2122**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDH, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**

**File No. B-I-(HE) - 25/2019** **Lr. No. 41888** **Dt.9th Nov. 2021**

**No. B-590** **Invitation for Bids**
**Bid Identification No. C.E. (B) - 18/2021-22**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar on behalf of Governor of Odisha, invites percentage rate bids in Double Cover System in ONLINE MODE only, for the work "Construction of Auditorium Complex at Rajendra (Autonomous) College, Balangir" amounting to Rs.13,00,00,000/- (Approximate) as detailed below. | | |
| 2. | Nature of Work | : | Building work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Special / Super Class |
| 6. | Availability of Bid documents in the website | : | From Dt.18.11.2021 to 17.00 hours of Dt.07.12.2021 |
| 7. | Date of opening of Bid | : | Dt.08.12.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Chief Engineer (Buildings), Odisha, Bhubaneswar**
**OIPR-34117/11/0056/2122**

See Career Appointment on every Wednesday & Saturday



ଅଶୋକ ମହାନ୍ତି

**ବିଶ୍ୱସ୍ତରୀୟ ସର୍ବୋଚ୍ଚ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବା ୧୩ରୁ ୧୮ ବର୍ଷ ମଧ୍ୟରେ ୩୫ ଜଣ 'ଟିନ୍ ଏଜ୍ ସେନ୍‌ସେଶନ'ଙ୍କୁ ନେଇ ପ୍ରସ୍ତୁତ ଏହି ସଂକଳନର ପ୍ରଥମ ଭାଗରେ ସନ୍ତରଣ ଓ ଡାଇଭିଂର ୧୨ ଏବଂ ଜିମ୍ନାଷ୍ଟିକ୍ସର ୬ ଆଥ୍‌ଲେଟଙ୍କ ସମ୍ପର୍କରେ ଲେଖା ପ୍ରକାଶ ପାଇ ସାରିଛି। ଏହି ଅନନ୍ୟ ସାଧାରଣ ତାଲିକାର ଦ୍ୱିତୀୟ ଭାଗରେ ଅତ୍ୟନ୍ତ ଲୋକପ୍ରିୟ କ୍ରୀଡ଼ାଗୁଡ଼ିକରେ ପ୍ରସିଦ୍ଧି ଲାଭ କରିଥିବା ୬ ଟେନିସ୍, ୪ କ୍ରିକେଟ, ୫ ଫୁଟବଲ ଏବଂ ଜଣେ ଲେଖାଏ ୧ ଟ୍ରାକ୍ ଆଣ୍ଡ ଫିଲ୍ଡ ଓ ବ୍ୟାଡମିଣ୍ଟନ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

# ଟିନ୍ ଏଜ୍ ସେନ୍‌ସେଶନ୍ସ

(ଭାଗ-୨)

**ଟେନିସ**

**(୧) ଏମା ରାଡୁକାନୁ** (ଗ୍ରେଟ୍ ବ୍ରିଟେନ): ଜନ୍ମ-୧୩ ସେପ୍ଟେମ୍ବର ୨୦୦୨। ସତର ବର୍ଷିୟା ବ୍ରିଟିଶ ଖେଳାଳି ଏମା ରାଡୁକାନୁ ୨୦୨୦ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟ୍ରଫି ହାସଲ କରିଥିଲେ। ୩ ରାଉଣ୍ଡ କ୍ୱାଲିଫାଇଙ୍ଗ ଜିତିବା ପରେ ମୁଖ୍ୟ ଟୁର୍ନାମେଣ୍ଟରେ କୌଣସି ସେଟ୍ ନ ହାରି କ୍ରମାଗତ ୭ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ।

**(୨) ଟ୍ରାସି ଅଷ୍ଟିନ** (ଆମେରିକା) ଜନ୍ମ-୧୨ ଡିସେମ୍ବର ୧୯୬୨। ୧୬ ବର୍ଷ ବୟସରେ ଟ୍ରାସି ୧୯୭୯ ୟୁଏସ ଓପନ ଚାମ୍ପିୟନ ହୋଇଥିଲେ।

**(୩) ଷ୍ଟେଫି ଗ୍ରାଫ** (ଜର୍ମାନୀ): ଜନ୍ମ-୧୪ ଜୁନ୍ ୧୯୬୯। ୧୮ ବର୍ଷ ବୟସରେ ୧୯୮୭ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଥିଲେ। ୧୯୮୮ରେ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ସହିତ ସିଓଲ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ''ଗୋଲ୍‌ଡେନ୍ ସ୍ଲାମ୍'' ହାସଲ କରି ବିଶ୍ୱର ଏକମାତ୍ର ଟେନିସ୍ ଖେଳାଳି ହେବାର କୀର୍ତ୍ତିମାନ କରିଛନ୍ତି।

**(୪) ମୋନିକା ସେଲେସ୍** (ଆମେରିକା): ଜନ୍ମ, ୨ ଡିସେମ୍ବର ୧୯୭୩। ୧୭ ବର୍ଷ ବୟସରେ ୧୯୯୦ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମରେ ଚାମ୍ପିୟନ ହୋଇଥିଲେ ଏବଂ ପରବର୍ଷ ୧୯୯୧ରେ ଫ୍ରେଞ୍ଚ ଓପନ ସହିତ ଅଷ୍ଟ୍ରେଲିଆନ୍ ଓପନ ଓ ୟୁଏସ ଓପନରେ ମଧ୍ୟ ଚାମ୍ପିୟନ ହୋଇଥିଲେ।

**(୫) ମାରିଆ ସାରାପୋଭା** (ରୁଷିଆ): ଜନ୍ମ ୧୯ ଏପ୍ରିଲ ୧୯୮୭। ୧୭ ବର୍ଷ ବୟସରେ ୨୦୦୪ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ।

**(୬) ବୋରିସ୍ ବେକର** (ଜର୍ମାନୀ): ଜନ୍ମ-୨୨ ନଭେମ୍ବର ୧୯୬୭। ୧୭ ବର୍ଷ ବୟସରେ ୧୯୮୫ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ। ପରବର୍ତ୍ତୀ ସମୟରେ ୩ଥର ୱିମ୍ବଲଡନ, ୨ଥର ଅଷ୍ଟ୍ରେଲିଆନ୍ ଓପନ ଏବଂ ଥରେ ୟୁଏସ ଓପନ ଚାମ୍ପିୟନ ହେବାର ଗୌରବ ଲାଭ କରିଥିଲେ।

**କ୍ରିକେଟ**

**(୧) ହାସନ ରାଜା (ପାକିସ୍ତାନ):** ଜନ୍ମ-୧୧ ମାର୍ଚ୍ଚ ୧୯୮୨। ମାତ୍ର ୧୪ ବର୍ଷ ୨୨୭ଦିନରେ ୧୯୯୬ରେ ଜିମ୍ବାୱେ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳି ବିଶ୍ୱର ସର୍ବକନିଷ୍ଠ ଟେଷ୍ଟ କ୍ରିକେଟର ହେବାର କୃତିତ୍ୱ ହାସଲ କରିଥିଲେ।

**(୨) ଆକ୍ୱିବ ଜାଭେଦ(ପାକିସ୍ତାନ): ଜନ୍ମ ୫ ଅଗଷ୍ଟ ୧୯୭୨। ବୟସ ୧୬ ବର୍ଷ ୧୮୯ଦିନ ହୋଇଥିଲାବେଳେ ୧୯୮୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିଥିଲେ।**

**(୩) ମୁସ୍ତାକ ମହମ୍ମଦ(ପାକିସ୍ତାନ): ଜନ୍ମ ୨୨ ନଭେମ୍ବର ୧୯୪୩।** ମାତ୍ର ୧୫ ବର୍ଷ ୧୨୪ ଦିନରେ ମୁସ୍ତାକ ୧୯୫୯ରେ ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ପ୍ରଥମ ଟେଷ୍ଟ ଖେଳିଥିଲେ।

**(୪) ସଚିନ ତେନ୍ଦୁଲକର ( ଭାରତ): ଜନ୍ମ ୨୪ ଏପ୍ରିଲ ୧୯୭୩।** ଡନ୍ ବ୍ରାଡମ୍ୟାନଙ୍କ ପରେ ବିଶ୍ୱର ଶ୍ରେଷ୍ଠତମ କ୍ରିକେଟରର ମାନ୍ୟତା ପାଇଥିବା ସଚିନଙ୍କ ବୟସ ୧୬ ବର୍ଷ ୨୦୫ ଦିନ ହୋଇଥିଲାବେଳେ ୧୯୮୯ରେ ପାକିସ୍ତାନ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

**ଫୁଟବଲ :** ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ ବା ସକରରେ ଯେଉଁ ସୀମିତ କେତେଜଣ ଖେଳାଳି ଟିନ୍ ଏଜ୍‌ରେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ପରବର୍ତ୍ତୀ ସମୟରେ ପ୍ରସିଦ୍ଧି ଲାଭ କରିଥିଲେ ସେମାନଙ୍କ ମଧ୍ୟରେ ଆଗରେ ଅଛନ୍ତି ଫିଫା ଦ୍ୱାରା ''ବିଂଶ ଶତାବ୍ଦୀର ଶ୍ରେଷ୍ଠ ଫୁଟବଲର'' ମାନ୍ୟତା ପାଇଥିବା ବ୍ରାଜିଲିଆନ୍ କିମ୍ବଦନ୍ତୀ ପେଲେ।

**(୧) ଏଡସନ ଆରେଣ୍ଟସ୍ ଡୁ ନାସିମେଣ୍ଟୋ ବା ପେଲେ** (ବ୍ରାଜିଲ୍): ଜନ୍ମ- ୨୩ ଅକ୍ଟୋବର ୧୯୪୦। ୧୬ ବର୍ଷ ବୟସରେ ବ୍ରାଜିଲ୍ ଜାତୀୟ ଦଳକୁ ପ୍ରତିନିଧିତ୍ୱ କରି ପେଲେ ୧୯୫୨ରେ ଆର୍ଜେଣ୍ଟିନା ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ଏବଂ ୧୯୫୮ରେ ବିଶ୍ୱକପ୍ ବିଜୟୀ ବ୍ରାଜିଲ୍ ଦଳର ପ୍ରମୁଖ ସଦସ୍ୟ ଥିଲେ।

**(୨) ଡିଏଗୋ ମାରାଡୋନା** ( ଆର୍ଜେଣ୍ଟିନା): ଜନ୍ମ- ୩୦ ଅକ୍ଟୋବର ୧୯୬୦। ପ୍ରଶଂସକଙ୍କ ଜନମତ ଦ୍ୱାରା ମାରାଡୋନା ମଧ୍ୟ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୧୬ ବର୍ଷ ବୟସରେ ୧୯୭୨ରେ ହଙ୍ଗେରି ବିପକ୍ଷରେ ସେ ତାଙ୍କର ଅନ୍ତର୍ଜାତୀୟ ଜୀବନ ଆରମ୍ଭ କରିଥିଲେ।

**(୩) ଲିଓନେଲ ମେସି** (ଆର୍ଜେଣ୍ଟିନା): ଜନ୍ମ- ୨୪ ଜୁନ୍ ୧୯୮୭। ମର୍ଯ୍ୟାଦାସମ୍ପନ୍ନ ଶ୍ରେଷ୍ଠ ଫୁଟବଲ ପୁରସ୍କାର ''ବାଲନଡିଓର'' ସର୍ବାଧିକ ୬ ଥର ବିଜେତା ମେସି ଆଧୁନିକ ଫୁଟବଲର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବେ ପରିଚିତ। ତାଙ୍କର ୧୭ତମ ଜନ୍ମ ଦିବସରେ ୫ଦିନ ପରେ ମେସି ୨୯ ଜୁନ୍ ୨୦୦୫ରେ ପାରାଗୁଏ ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ତାଙ୍କର ଯଶସ୍ୱୀ ଜୀବନ ଆରମ୍ଭ କରିଥିଲେ।

**(୪) କ୍ରିଷ୍ଟିଆନୋ ରୋନାଲ୍‌ଡୋ** (ପର୍ତ୍ତୁଗାଲ): ଜନ୍ମ ୫ ଫେବୃୟାରୀ ୧୯୮୫। ବିଗତ ଦୁଇ ଦଶନ୍ଧି ଧରି ଲିଓନେଲ ମେସି ଏବଂ କ୍ରିଷ୍ଟିଆନୋ ରୋନାଲ୍‌ଡୋ ବିଶ୍ୱ ଫୁଟବଲରେ ସେମାନଙ୍କର ପ୍ରାଧାନ୍ୟ ଜାରି ରଖିଛନ୍ତି। କ୍ରିଷ୍ଟିଆନୋ ୧୮ ବର୍ଷ ବୟସରେ ୨ ଅଗଷ୍ଟ, ୨୦୦୩ରେ ପର୍ତ୍ତୁଗାଲର ଜାତୀୟ ଦଳର ସଦସ୍ୟ ଭାବେ କାଜିକିସ୍ତାନ ବିପକ୍ଷରେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

**(୫) ରୋନାଲ୍‌ଡୋ (ବ୍ରାଜିଲ):** ଜନ୍ମ ୨୨ ସେପ୍ଟେମ୍ବର ୧୯୭୬। ୧୭ ବର୍ଷ ବୟସରେ ରୋନାଲ୍‌ଡୋ ବ୍ରାଜିଲ୍ ଜାତୀୟ ଦଳର ସଦସ୍ୟ ଭାବେ ଆର୍ଜେଣ୍ଟିନା ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ପରବର୍ତ୍ତୀ ସମୟରେ ୧୯୯୪ ଏବଂ ୨୦୦୨ରେ ବିଶ୍ୱକପ୍ ବିଜୟୀ ବ୍ରାଜିଲ ଦଳର ସଦସ୍ୟ ଥିଲେ।

**ଟ୍ରାକ୍ ଆଣ୍ଡ ଫିଲ୍ଡ**

**(୧) ବବ୍ ମାଥିଏସ୍** (ଆମେରିକା): ଜନ୍ମ- ୧୭ ନଭେମ୍ବର ୧୯୩୦ ଦୌଡ଼କୁଦ ପ୍ରତିଯୋଗିତାରେ ଡେକାଥଲନ୍ (Decatholon) ଇଭେଣ୍ଟକୁ ସବୁଠାରୁ କଷ୍ଟସାଧ୍ୟ ଇଭେଣ୍ଟ ଭାବେ ବିବେଚିତ କରାଯାଇଥାଏ ଏବଂ ଏଇ ଇଭେଣ୍ଟରେ ବିଜୟୀ ଆଥଲେଟ୍‌ଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ମିଳିଥାଏ। ମାତ୍ର ୧୭ ବର୍ଷ ବୟସରେ ଜବ୍ ମାଥିଏସ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଡେକାଥଲନ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୫୨ ଅଲିମ୍ପିକ୍ସ ମଧ୍ୟ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ମାଥିଏସ୍ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଚାମ୍ପିୟନ ଆଥଲେଟ୍ ହେବା ସହିତ ସେ ଆମେରିକାର ମାରିନ୍ କର୍ପସର ଅଧିକାରୀ, ଆମେରିକା କଂଗ୍ରେସର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭର ସଦସ୍ୟ ଏବଂ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଭାବେ ସୁନାମ ଅର୍ଜନ କରିଥିଲେ। ସେପ୍ଟେମ୍ବର ୨୦୦୬ରେ ତାଙ୍କର ଦେହାନ୍ତ ହୋଇଥିଲା।

**ବ୍ୟାଡ୍‌ମିଣ୍ଟନ**

**(୧) ରୁଡି ହର୍ଟୋନ**(ଇଣ୍ଡୋନେସିଆ) ଜନ୍ମ-୧୮ ଅଗଷ୍ଟ, ୧୯୪୯। ବିଶ୍ୱର ସର୍ବକାଳୀନ ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ମାନ୍ୟତା ପାଇଥିବା ରୁଡ୍ ହର୍ଟୋନ ୧୭ ବର୍ଷ ବୟସରେ ଥମାସ୍ କପ୍‌ରେ ପଦାର୍ପଣ କରିଥିଲେ। ୧୮ ବର୍ଷ ବୟସରେ ୧୯୬୮ ଅଲ୍ ଇଂଲଣ୍ଡ ଚାମ୍ପିୟନ୍‌ଶିପ୍ (ସେ ସମୟରେ ଅନୌପଚାରିକ ଭାବେ ବିଶ୍ୱ ଚାମ୍ପିୟନଶିପ୍ ଭାବେ ପରିଗଣିତ)ରେ ଚାମ୍ପିୟନ ହେବା ସହିତ ପରବର୍ତ୍ତୀ (୧୯୬୮-୧୯୭୪) ସମୟରେ ୮ଥର (୭ଥର ଲଗାତର) ସିଙ୍ଗଲ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରି ଅବିଶ୍ୱସନୀୟ କୀର୍ତ୍ତିମାନ ସ୍ଥାପନ କରିଥିଲେ।



ସଚିନ ତେନ୍ଦୁଲକର



ଏମା ରାଡୁକାନୁ



ଲିଓନେଲ ମେସି

---

# କୋଚ୍ ଅଫ୍ ଦି ଡିକେଡ୍

**ଭାରତୀୟ ବ୍ୟାଡ୍‌ମିଣ୍ଟନରେ ପୁଲେଲା ଗୋପୀଚାନ୍ଦ ଏକ ବଡ଼ ନାମ। ଜଣେ ସଫଳ ଖେଳାଳି ହେବା ସହିତ ସେ ଜଣେ ବିଶ୍ୱସ୍ତରୀୟ କୋଚ୍ ଭାବେ ପରିଚୟ ହାସଲ କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ସାଇନା ନେହ୍ୱାଲ, ପି.ଭି. ସିନ୍ଧୁଙ୍କ ଭଳି ଅଲିମ୍ପିକ ପଦକ ବିଜୟିନୀ ଓ ପାରୁପାଲ୍ଲୀ କାଶ୍ୟପ୍, ବି ସାଇ ପ୍ରଣୀତଙ୍କ ଭଳି ଅଲିମ୍ପିଆନ୍ ମଧ୍ୟ ସୃଷ୍ଟି ହୋଇପାରିଛନ୍ତି। ସ୍ତ୍ରୀ, ପୁଅ ଓ ଝିଅ ସହ ତାଙ୍କର ସମ୍ପୂର୍ଣ୍ଣ ପରିବାର ବ୍ୟାଡମିଣ୍ଟନ ପ୍ରତି ସମର୍ପିତ। ଯଥାର୍ଥରେ ସେ କୋଚ୍ ଅଫ୍ ଦି ଡେକାଡ୍ ଭାବେ ପୁରସ୍କୃତ ହୋଇଛନ୍ତି।**



ରମେଶ ସାହୁ

ପୁଲେଲା ଗୋପୀଚାନ୍ଦ୍। ଭାରତୀୟ ବ୍ୟାଡମିଣ୍ଟନର ମୁଖ୍ୟ ସାରଥି। ତାଙ୍କରି ମାନସ ପୁତ୍ର ହେଉଛି ଓଡ଼ିଶା ଓପନ୍ ସୁପର-୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ଜାନୁୟାରୀ ୨୫ରୁ ୩୦ ଯାଏଁ କଟକର ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯିବ। ଏହାକୁ ମଞ୍ଜୁରୀ ଦେଇଛି ବିଶ୍ୱ ବ୍ୟାଡମିଣ୍ଟନ ମହାସଂଘ। ଅନ୍ୟପକ୍ଷରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ଚାଲିଛି ଗୋପୀଚାନ୍ଦ ଉତ୍କର୍ଷ କେନ୍ଦ୍ର। ଏହି କେନ୍ଦ୍ରରେ ଏହି ଟୁର୍ନାମେଣ୍ଟ ୨୦୨୩ରୁ ଆୟୋଜନ ହେବ।

ଭାରତରେ ବ୍ୟାଡମିଣ୍ଟନ କ୍ରୀଡ଼ାର ଦିଗଦ୍ରଷ୍ଟା ହେଉଛନ୍ତି ପୁଲେଲା ଗୋପୀଚାନ୍ଦ। ବେଶ୍ କିଛି ବର୍ଷ ହେଲାଣି ଦେଶରେ ବ୍ୟାଡମିଣ୍ଟନ ପ୍ରସାରର ମଙ୍ଗ ଧରିଛନ୍ତି। ମୁଖ୍ୟ ପ୍ରଶିକ୍ଷକ ଭାବେ ପ୍ରତିଷ୍ଠିତ ଖେଳାଳିମାନଙ୍କର ଫର୍ମ ବଜାୟ ରଖିବା ଦିଗରେ କାର୍ଯ୍ୟ କରୁଛନ୍ତି। ହାଇଦ୍ରାବାଦରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋପୀଚାନ୍ଦ ଏକାଡେମୀ ଏକ ବିଶ୍ୱ ସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର। ୨୦୦୮ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ଛାତ୍ରାବସ୍ଥାରୁ ଗୋପୀ ଥିଲେ ଜଣେ ଦୃଢ଼ମନା ବ୍ୟାଡମିଣ୍ଟନ ଖେଳାଳି। ଏହି ମାନସିକତା ତାଙ୍କୁ ଜଣେ ଚାମ୍ପିୟନ ଖେଳାଳି ରୂପେ ଗଢି ତୋଳିଥିଲା। ଆଜି ସେ ଜଣେ ସଫଳ ପ୍ରଶିକ୍ଷକ ମଧ୍ୟ। ତାଙ୍କ ନିଷ୍ଠାପରତା ଯୋଗୁ ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁଙ୍କ ପରି ଅଲିମ୍ପିକ ପଦକ ବିଜୟିନୀ ଦେଶ ପାଇପାରିଛି। ପାରୁପାଲ୍ଲୀ କାଶ୍ୟପ୍ ଓ ବି ସାଇ ପ୍ରଣୀତଙ୍କ ଭଳି ଖେଳାଳି ଅଲିମ୍ପିଆନ୍ ମଧ୍ୟ ସୃଷ୍ଟି ହୋଇପାରିଛନ୍ତି। ଗୋପୀ ୨ହଜାର ମସିହା ସିଡନୀ ଅଲିମ୍ପିକ୍ସ ଓ ତାଙ୍କ ପତ୍ନୀ ଭି ଲକ୍ଷ୍ମୀ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗୋପୀ ନବମ ସ୍ଥାନ ପାଇଥିଲେ। ଲକ୍ଷ୍ମୀ ପ୍ରଥମ ରାଉଣ୍ଡରେ ବ୍ରିଟେନର ଆନି ଗିବସନ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଥିଲେ। ଦୁହେଁ ୧୯୯୦ ଦଶକରେ ଭାରତର ନମ୍ବର ଏକ ଖେଳାଳି ଥିଲେ। ଗୋପୀ ୯୬ରୁ ୨ ହଜାର ମସିହା, ଲକ୍ଷ୍ମୀ ୯୨ରୁ ୯୮ ମସିହା ଯାଏ ଜାତୀୟ ଟାଇଟଲଧାରୀ ରହିଥିଲେ। ଛଅ ଫୁଟ୍ ଲମ୍ବ ଗୋପୀଚାନ୍ଦ୍‌ଙ୍କ କ୍ୟାରିୟର ଚମକିଥିଲା ୨୦୦୧ ମସିହାରେ। ତାଙ୍କୁ ସେତେବେଳେ ୨୭ ବର୍ଷ। ୧୨୨ ବର୍ଷର ଖ୍ୟାତିସମ୍ପନ୍ନ ଅଲ ଇଂଲଣ୍ଡ ଓପନ୍ ଟାଇଟଲ ଜିତିବାରେ ସେ ସକ୍ଷମ ହୋଇଥିଲେ। ୧୯୮୧ରେ କର୍ଣ୍ଣାଟକର ପ୍ରକାଶ ପାଦୁକନ ପ୍ରଥମେ ଜିତିଥିଲେ ଏହି ଟାଇଟଲ। ଏବେ ଏହା ଏକ ସୁପର ସିରିଜ୍ ପ୍ରିମିୟର ଟୁର୍ନାମେଣ୍ଟ। ୯୦ ଓ ୯୧ ମସିହାରେ ଗୋପୀ ଭାରତୀୟ ମିଳିତ ବିଶ୍ୱବିଦ୍ୟାଳୟ ଟିମ୍‌ର କପ୍ତାନ ହୋଇଥିଲେ। ସେ ଭାରତୀୟ ଥୋମାସ୍ କପ୍ ଦଳରେ ୧୯୯୧ରେ ସାମିଲ ହୋଇ ମାଲେସିଆ ଯାଇଥିଲେ। ସେ ୩ ଥର ଥୋମାସ୍ କପ୍ ଦଳରେ ରହିବାର କୃତିତ୍ୱ ହାସଲ କରିଛନ୍ତି। ପରବର୍ତ୍ତୀ ସମୟରେ ଏସିଆନ ଚାମ୍ପିୟନଶିପ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ସାର୍କ ଗେମ୍ସ, ଭାରତର ରାଷ୍ଟ୍ରୀୟ କ୍ରୀଡ଼ା ଆଦିରେ ନିଜ କ୍ରୀଡ଼ା ନିପୁଣତା ବଳରେ ପଦକ ବିଜୟୀ ହୋଇଥିଲେ। ଗୋପୀ ୨୦୦୧ ମସିହାରେ ବିଶ୍ୱର ୫ ନମ୍ବର ଖେଳାଳି ଭାବେ ମାନ୍ୟତା ପାଇଥିଲେ। ସେ ଅର୍ଜୁନ ପୁରସ୍କାର, ପଦ୍ମଶ୍ରୀ ଓ ଖେଳରତ୍ନ ପୁରସ୍କାର ଏବଂ ଜଣେ ସାର୍ଥକ ପ୍ରିଶିକ୍ଷକ ରୂପେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଓ ପଦ୍ମଭୂଷଣ ଉପାଧି ହାସଲ କରିଥିଲେ। ଚଳିତବର୍ଷ ଗୋପୀଙ୍କୁ ମିଳିଛି କୋଚ୍ ଅଫ୍ ଦି ଡିକେଡ୍ ପୁରସ୍କାର। ଆନ୍ଧ୍ର ପ୍ରଦେଶ, ପ୍ରକାଶମ୍ ଜିଲା ଅନ୍ତର୍ଗତ ନାଗନ୍ଦଳା ଗାଁର ସେ କୃତୀ ସନ୍ତାନ। ସେହିଭଳି ବିଜୟୱାଡାର ମୂଳ ବାସିନ୍ଦା ଲକ୍ଷ୍ମୀଙ୍କ ପିତା ଥିଲେ ଜଣେ ବିଶ୍ୱବିଦ୍ୟାଳୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି। ଫଳରେ ଲକ୍ଷ୍ମୀ ଖୁବ୍ କମ୍ ବୟସରେ ବ୍ୟାଡମିଣ୍ଟନ କୋର୍ଟରେ ପ୍ରବେଶ କରିଥିଲେ। ବାଲ୍ୟକାଳରୁ ବାପା କୃଷ୍ଣ ରାଓ ତାଙ୍କୁ ତାଲିମ ଦେଉଥିଲେ। ଲକ୍ଷ୍ମୀ ୩ ଥର ଜାତୀୟ କନିଷ୍ଠ ବର୍ଗ ଏବଂ ଭଉଣୀ ପି.ଭି. ସାରଦାଙ୍କୁ ସାଥୀ କରି ମହିଳା ଯୁଗଳ ବର୍ଗ ଟାଇଟଲ ବିଜୟିନୀ ହୋଇଥିଲେ। ଲକ୍ଷ୍ମୀ ୨ଥର ସାର୍କ ଗେମ୍ସ ଚମ୍ପିଆନ ହୋଇ ସ୍ୱର୍ଣ୍ଣ ପଦକ ଏବଂ ୧୯୯୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାତେଇଥିଲେ। ଅଲିମ୍ପିକ୍ ଖେଳିବାରେ ମଧୁମୀତା ବିଷ୍ଟଙ୍କ ପରେ ଲକ୍ଷ୍ମୀ ଦ୍ୱିତୀୟ ଖେଳାଳି। ୯୫ ମସିହାରେ ସେ ବିଶ୍ୱର ୬୭ ନମ୍ବର ଖେଳାଳି ଥିଲେ।

**ସଂକ୍ଷେପରେ...**

ପୂରା ନାମ: ପୁଲେଲା ଗୋପୀଚାନ୍ଦ
ଜନ୍ମ: ୧୬ ନଭେମ୍ବର ୧୯୭୩
ଉଚ୍ଚତା: ୬ ଫୁଟ୍
ହ୍ୟାଣ୍ଡନେସ: ରାଇଟ୍
ପୁରୁଷ ସିଙ୍ଗଲ୍ସ ଉଚ୍ଚତମ ର୍ୟାଙ୍କିଙ୍ଗ୍: ୫ (୧୫ ମାର୍ଚ୍ଚ ୨୦୦୧)
ପଦକ ରେକର୍ଡ:
ଏସିଆନ ଚାମ୍ପିୟନଶିପ୍:
ବ୍ରୋଞ୍ଜ (ସିଙ୍ଗଲ୍ସ) ୨୦୦୦ ଜାକାର୍ତ୍ତା
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ରୌପ୍ୟ (ପୁରୁଷଟିମ ୧୯୯୮ କୁଆଲାଲମ୍ପୁର
ବ୍ରୋଞ୍ଜ (ସିଙ୍ଗଲ୍ସ) ୧୯୯୮ କୁଆଲାଲମ୍ପୁର

୨୦୦୨ ମସିହାରେ ଲକ୍ଷ୍ମୀ ଗୋପୀଚାନ୍ଦଙ୍କ ଅର୍ଦ୍ଧାଙ୍ଗିନୀ ପାଲଟିଥିଲେ। ଦୁହିଁଙ୍କର ଦୁଇଟି ସନ୍ତାନ। ଗାୟତ୍ରୀ ଗୋପୀଚାନ୍ଦ ଓ ସାଇ ବିଷ୍ଣୁ ପୁଲେଲା। ଉଭୟ ବ୍ୟାଡମିଣ୍ଟନ ମନସ୍କ। ଗାୟତ୍ରୀ ଭାରତର ଜଣେ ପ୍ରମୁଖ ବ୍ୟାଡମିଣ୍ଟନ ଖେଳାଳି ରୂପେ ପରିଚିତ। ନିକଟରେ ଚଳିତ ବର୍ଷର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ କପ୍ ଯୁଗଳ ବର୍ଗର ଟାଇଟଲ ଜିତିଛନ୍ତି। ତାଙ୍କ ସାଥୀ ଥିଲେ ତ୍ରିସା ଜୋଲି। ବେଙ୍ଗାଲୁରୁସ୍ଥିତ ପାଦୁକୋନ୍ ଏକାଡେମୀରେ ଅନୁଷ୍ଠିତ ହୋଇଥିଲା ଏହି ଟୁର୍ନାମେଣ୍ଟ। ଗାୟତ୍ରୀ ୨୦୧୮ ଏସିଆନ୍ ଗେମ୍ସରେ ଅନ୍ତର୍ଜାତୀୟ କ୍ୟାରିଅର ଆରମ୍ଭ କରିଥିଲେ। ୨୦୧୯ରେ ଦୁଇଟି ଜାତୀୟ ବରିଷ୍ଠ ର୍ୟାଙ୍କିଙ୍ଗ୍ ଟାଇଟଲ ତାଙ୍କ ହାତରେ ଲାଗିଥିଲା। ଋତୁପର୍ଣ୍ଣା ପଣ୍ଡାଙ୍କୁ ସାଥୀ କରି ଯୁଗଳବର୍ଗ ଏବଂ ତନ୍‌ଭି ଲାଡ୍‌ଙ୍କୁ ପରାସ୍ତ କରି ଏକକ ବର୍ଗ ଟାଇଟଲ ଅର୍ଜନ କରିଥିଲେ। ଅନୁରୂପ ଭାବେ ପୁଅ ସାଇ ବିଷ୍ଣୁ ପୁଲେଲା ୭ବର୍ଷ ବୟସରେ ଗୋପୀଚାନ୍ଦ୍ ଏକାଡେମୀ କୋର୍ଟରେ ପାଦ ଥାପିଥିଲେ। ୧୪ ବର୍ଷ ବୟସରେ ସବ୍ ଜୁନିୟର ଜାତୀୟ ଚାମ୍ପିୟନ ହୋଇଥିଲେ। ସେ ୧୧ ବର୍ଷ ବୟସରେ ସିନ୍ଧୁଙ୍କର ଅଭ୍ୟାସ ଯୋଡ଼ିଦାର ହୋଇଥିଲେ। ସେତେବେଳେ ସିନ୍ଧୁ ରିଓ ଅଲିମ୍ପିକ୍ ପାଇଁ ଗୋପୀଚାନ୍ଦ୍ ଏକାଡେମୀରେ ପ୍ରସ୍ତୁତ ହେଉଥିଲେ। ଲଗାତର ଆଣ୍ଠୁ ଯନ୍ତ୍ରଣା ଗୋପୀଚାନ୍ଦ୍‌ଙ୍କୁ ସମସ୍ୟାରେ ପକାଇଥିଲା। କିନ୍ତୁ ସେ ବ୍ୟାଡମିଣ୍ଟନକୁ ଅଲବିଦା କରିପାରି ନ ଥିଲେ। ବରଂ ପ୍ରତିଭା ସୃଷ୍ଟିରେ ମନୋନିବେଶ କଲେ। ସେ ହାଇଦ୍ରାବାଦରେ ନିଜର ଏକାଡେମୀ ପ୍ରତିଷ୍ଠା କରିବାକୁ ପ୍ରୟାସ କଲେ। ଫଳସ୍ୱରୂପ ୨୦୦୮ ମସିହାରେ ଗୋପୀଚାନ୍ଦ୍ ବ୍ୟାଡମିଣ୍ଟନ ଏକାଡେମୀ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା।






କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଜୁନିୟର ହକି ବିଶ୍ୱକପ ପାଇଁ ମନୋନୀତ ଭାରତୀୟ ଦଳ।

# ଜାତୀୟ ଯୋଗାସନ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**




ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ଏକ ରଙ୍ଗାରଙ୍ଗ ଉତ୍ସବରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ପ୍ରଥମ ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଗୁରୁବାରଠାରୁ ଏହି ଚାମ୍ପିୟନଶିପ୍‌ର ପ୍ରତିଯୋଗିତା ଆରମ୍ଭ ହୋଇଛି। ଦେଶର ୩୦ଟି ରାଜ୍ୟର ୫୬୦ ଜଣ ପ୍ରତିଭାସମ୍ପନ୍ନ ଆଥଲେଟ ୫୦ଟି ପଦକ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏକ ସ୍ୱତନ୍ତ୍ର ଶୈଳୀରେ ଏହି ଇଭେଣ୍ଟ ଆୟୋଜନ ହେବ। ଜାତୀୟ ଯୋଗାସନ କ୍ରୀଡ଼ା ଫେଡେରେଶନ (ଏନ୍‌ୱାଇଏସ୍‌ଏଫ୍) ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରିଥିବା ଏହି ଚାମ୍ପିୟନଶିପ୍ ୧୧ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ରୂପେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଏନ୍‌ୱାଇଏସ୍‌ଏଫ୍ ସଭାପତି ଉଦିତ ସେଠ, ସାଧାରଣ ସମ୍ପାଦକ ଜୟଦୀପ ଆର୍ଯ୍ୟ, କିଟ୍ ବିଶ୍ୱବିଦ୍ୟାଳୟର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଡ. ଉମଙ୍ଗ ଦାୱନ, ଡ. ସସ୍ମିତା ସାମନ୍ତ ଉପସ୍ଥିତ ଥିଲେ। ଆଗକୁ ଅଲିମ୍ପିକ୍ସରେ ଯୋଗାସନ ସାମିଲ ହେବାର ସମ୍ଭାବନା ରହିଥିବାରୁ ଏହି ପ୍ରତିଯୋଗିତା ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି ଓ ଏହା ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ। ଏହି ଚାମ୍ପିୟନଶିପ୍ ଆୟୋଜନରେ ଓଡ଼ିଶା ସରକାରଙ୍କ ସମର୍ଥନକୁ ଉଦିତ ପ୍ରଶଂସା କରିଛନ୍ତି। ଏଥିପାଇଁ ଓଡ଼ିଶା ସରକାରଙ୍କ ନିକଟରେ ଆମେ କୃତଜ୍ଞ ବୋଲି ସେ କହିଛନ୍ତ। ଯୋଗାସନକୁ ଭାରତୀୟ ଐତିହ୍ୟ, ପରମ୍ପରାର ପ୍ରତୀକ ଭାବେ ସାରା ବିଶ୍ୱରେ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ାର ରୂପ ଦେବାକୁ ଆମର ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ଏହି ଚାମ୍ପିୟନଶିପ୍‌କୁ ସାରା ଦେଶରୁ ସମର୍ଥନ ମିଳିଛି। ଯୋଗାସନ କ୍ରୀଡ଼ା ଭାବେ ସାରା ବିଶ୍ୱରେ ପରିଚିତ ହେବ ବୋଲି ଆମେ ଆଶା କରୁଛୁ। ପ୍ରତିଭାସମ୍ପନ୍ନ ଆଥଲେଟ, କୋଚ୍ ଓ ବିଶେଷଜ୍ଞଙ୍କ ଉପସ୍ଥିତରେ ଏହି ଚାମ୍ପିୟନଶିପ ବେଶ୍ ସଫଳତା ହାସଲ କରିବ। କ୍ରୀଡ଼ାର ପ୍ରଚାର ଓ ପ୍ରସାରରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଓ ଭୂମିକାର ସେ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ଏପର୍ଯ୍ୟନ୍ତ ଏକାଧିକ ଜାତୀୟ ତଥା ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସଫଳତାର ସହ ଆୟୋଜିତ ହୋଇଥିଲା। କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଏନ୍‌ୱାଇଏସ୍‌ଏଫ୍‌କୁ ମାନ୍ୟତା ପ୍ରଦାନ କରିଥିଲା। ଦେଶରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ, ପ୍ରତିଯୋଗିତାମୂଳକ ମନୋଭାବ ନେଇ ସଚେତନା ଆଣିବା ପାଇଁ ଏହି ଫେଡେରେଶନ କାର୍ଯ୍ୟ କରିବା ଜାରି ରଖିବ। ପ୍ରଥମ ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍ ଓଡ଼ିଶାରେ ଆୟୋଜନ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଭିନିଲ କ୍ରିଷ୍ଣା କହିଛନ୍ତି। ଯୋଗାସନ ସମେତ ବିଭିନ୍ନ କ୍ରୀଡ଼ାର ଉନ୍ନତି ପାଇଁ ଓଡ଼ିଶା ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପକୁ ଜୟଦୀପ ଆର୍ଯ୍ୟ ପ୍ରଶଂସା କରିଛନ୍ତି। ସରକାରଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ରହିଛି। ଯୋଗାସନକୁ ବିଶ୍ୱ ଦରବାରରେ ପ୍ରସିଦ୍ଧ କରିବା ଆମର ମୂଳ ଲକ୍ଷ୍ୟ। ଯୋଗାସନ ହେଉଛି ଶାରୀରିକ ବ୍ୟାୟାମ, ଆଧ୍ୟାତ୍ମିକ ସାଧନା, ଧ୍ୟାନର ଅପୂର୍ବ ମିଳନ। ଯୋଗାସନକୁ କ୍ରୀଡ଼ା ଭାବେ ପରିଚିତ କରାଇବା ଆମର ଏକ ବଡ଼ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗର ଯୋଗାସନ କ୍ରୀଡ଼ା ୨୦୨୧ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଏଥର ସାମିଲ କରାଯାଇଛି। ଜାତୀୟ ଚାମ୍ପିୟନଶିପ୍‌ରେ ସିନିୟର, ଜୁନିୟର, ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ଭାରତୀୟ ଅଲିମ୍ପିକ ଆସୋସିଏଶନ ମଧ୍ୟ ଏନ୍‌ୱାଇଏସ୍‌ଏଫ୍‌କୁ ନିଜର ଆସୋସିଏଟ ମେମ୍ବର ଭାବେ ମାନ୍ୟତା ପ୍ରଦାନ କରିଛି। ଏହା ମଧ୍ୟ ଅନ୍ତର୍ଜାତୀୟ ଫେଡେରେଶନ 'ୱାର୍ଲ୍ଡ ଯୋଗାସନ ସ୍ପୋର୍ଟ୍ସ ଫେଡେରେଶନ'ର ଅଂଶବିଶେଷ ଭାବେ ମାନ୍ୟତା ଲାଭ କରିଛି।

## ଗୀତାଞ୍ଜଳି ସହକାରୀ କୋଚ୍ ନିଯୁକ୍ତ

**ଭୁବନେଶ୍ୱର, ୧୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ୧୯ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍ ୨୦୨୧ ଓ ଆଇଡବ୍ଲ୍ୟୁଏଲ୍‌ରେ ଅଂଶଗ୍ରହଣ ପାଇଁ ଏକ ପ୍ରସ୍ତୁତି କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିପାଇଁ ଓଡ଼ିଶାର ଗୀତାଞ୍ଜଳୀ ଖୁଣ୍ଟିଆଙ୍କୁ ସହକାରୀ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ସୂଚନା ଦିଆଯାଇଛି। ୧୯ବର୍ଷରୁ କମ୍ ବାଳିକା ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାଗ ନେବା ଲାଗି ଭାରତୀୟ ଦଳ ଡିସେମ୍ବର ୯ରୁ ୨୩ ପର୍ଯ୍ୟନ୍ତ ବାଂଲାଦେଶ ଟୁର୍‌ରେ ଯିବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଗୀତାଞ୍ଜଳୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭକାମନା କରିଛନ୍ତି।

## ଭାରତ ଟାଇଟଲ ବଜାୟ ରଖିବା ଆଶା: ରିଡ୍

**ଭୁବନେଶ୍ୱର, ୧୧।୧୧ (କ୍ରୀଡ଼ା ପ୍ରତିନିଧି)**



ଗ୍ରାହାମ ରିଡ୍

ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୪ରୁ ଆରମ୍ଭ ହେବ। ଡିସେମ୍ବର ୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତା ପାଇଁ ଗୁରୁବାର ଭାରତୀୟ ଦଳ ଘୋଷିତ ହୋଇଛି। ଦଳ ଚୟନ ସମ୍ପର୍କରେ ମତ ଦେବାକୁ ଯାଇ ସିନିୟର ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ''କ୍ରୀଡ଼ାରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଶ୍ରେଷ୍ଠ ୧୮ ଜଣିଆ ଦଳ ମନୋନୟନ କରିବା ସବୁଠାରୁ କଷ୍ଟକର କାର୍ଯ୍ୟ। ଦଳରେ ସ୍ଥାନ ପାଇବା ପାଇଁ ଗତ ୧୨ରୁ ୧୮ ମାସ ଧରି ସମସ୍ତ ଖେଳାଳି କଠିନ ପରିଶ୍ରମ କରି ଆସୁଛନ୍ତି। କୋଭିଡ୍‌ଜନିତ ଲକ୍‌ଡାଉନ୍ ଯୋଗୁ ସେମାନେ ଅନେକ କିଛି ତ୍ୟାଗ କରିଛନ୍ତି। ଆମେ ମୋଟ ୨୦ ଖେଳାଳିଙ୍କୁ ଚୟନ କରିଛୁ। ମୁଖ୍ୟ ଦଳରେ ୧୮ ଖେଳାଳି ଥିବାବେଳେ ୨ ଜଣଙ୍କୁ ବଦଳ ଖେଳାଳିଭାବେ ରଖାଯାଇଛି। ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହୋଇ ଏହି ଦଳ ଟାଇଟଲ ବଜାୟ ରଖିବା ନେଇ ଆଶା ରହିଛି''। ଏହା ବେଶ୍ ସନ୍ତୁଳିତ ଦଳ। ଖେଳାଳିମାନେ ଗତ କିଛିଦିନଧରି କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂକୁ ଉପଭୋଗ କରୁଛନ୍ତି। ଷ୍ଟାଡିୟମ ଯଦିଓ ଫାଙ୍କା ରହିବ ତେବେ ଲୋକମାନେ ଏହି ଗେମ୍ ସହ ଜଡ଼ିତ ହୋଇ ରହିପାରିବେ ବୋଲି ଗତ ଅଲିମ୍ପିକ୍ସରୁ ପ୍ରମାଣିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ନେଇ ଉତ୍ସାହ ବଢ଼ିବାରେ ଲାଗିଛି ବୋଲି ରିଡ୍ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ୧୯୯୭ରେ ରନର୍ସଅପ୍ ଏବଂ ୨୦୦୫ରେ ଚତୁର୍ଥସ୍ଥାନ ଅଧିକାର କରିଥିଲା। କୋଭିଡ୍-୧୯ କଟକଣା କାରଣ ଦର୍ଶାଇ ଆଗାମୀ ପ୍ରତିଯୋଗିତାରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଓହରି ଯାଇଛନ୍ତି। ସେମାନଙ୍କ ସ୍ଥାନରେ କାନାଡ଼ା, ପୋଲାଣ୍ଡ ଓ ଆମେରିକାକୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଛି।



ଜାତୀୟ ଯୋଗାସନ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୩ ବାଳିକା ଯୋଗ ପ୍ରଦର୍ଶନ କରୁଛନ୍ତି।

## ଓଡ଼ିଶା ଏଫ୍‌ସିର ନୂଆ ପାର୍ଟନର ଷ୍ଟାଫର୍ଡଶାୟାର ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୧।୧୧**




ଓଡ଼ିଶା ଏଫ୍‌ସି ଜର୍ସି ସହ ରାଜ ଅଟୱାଲ ଓ ମାର୍ଟିନ ଜୋନ୍ସ।

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ୍ ଓଡ଼ିଶା ଏଫ୍‌ସିର ଇଂଲଣ୍ଡ ଷ୍ଟାଫର୍ଡଶାୟାର ବିଶ୍ୱବିଦ୍ୟାଳୟ ସହ ନୂଆ ସହଭାଗିତା ସ୍ଥାପନ ହୋଇଛି। ଏ ସଂକ୍ରାନ୍ତରେ ଗୁରୁବାର ଓଡ଼ିଶା ଏଫ୍‌ସି ତରଫରୁ ଘୋଷଣା କରାଯାଇଛି। ଶିକ୍ଷା ଓ ସାମୁଦାୟିକ ବିକାଶ ପାଇଁ ଏହି ଦୁଇ ପ୍ରତିଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବେ। ବିଗତ ୧୦୦ ବର୍ଷ ଧରି ଷ୍ଟାଫର୍ଡଶାୟାର ବିଶ୍ୱବିଦ୍ୟାଳୟ କ୍ୟାରିୟର ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଏବେ ଓଡ଼ିଶାର କଲେଜ ଓ ବିଶ୍ୱବିଦ୍ୟାୟଗୁଡ଼ିକ ପାଇଁ ଏହା କାର୍ଯ୍ୟକରିବ। ୟୁନାଇଟେଡ କିଙ୍ଗଡମ୍ (ୟୁକେ) ଓ ବିଦେଶରେ ଉଚ୍ଚକୋଟୀର ଓ ଶିଳ୍ପ ଉପରେ ପର୍ଯ୍ୟବସିତ ଶିକ୍ଷାର ବିକାଶ ନିମନ୍ତେ ଛାତ୍ରୀଛାତ୍ରମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛି ବୋଲି ଓଡ଼ିଶା ଏଫ୍‌ସି ଅଧ୍ୟକ୍ଷ ରାଜ ଅଠୱାଲ କହିଛନ୍ତି। ୟୁକେରେ ଏ ନେଇ ଷ୍ଟାଫର୍ଡଶାୟାର ବିଶ୍ୱବିଦ୍ୟାଳୟର ଖ୍ୟାତି ମଧ୍ୟ ରହିଛି। ଓଡ଼ିଶା ଛାତ୍ରଙ୍କ ସମେତ ରାଜ୍ୟ ଓ ଦେଶର ଅନ୍ୟ ଲୋକଙ୍କ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ। ଏହି ସହଭାଗିତାରୁ ଶିକ୍ଷା ନେଇ ବିଭିନ୍ନ ସୁଯୋଗ ଉପଲବ୍ଧ ହୋଇପାରିବ। ଭାରତ ସବୁବେଳେ ଆମ ପାଇଁ ଏକ ବଡ଼ ମାର୍କେଟ ଭାବେ ସୁଯୋଗ ସୃଷ୍ଟି କରିଛି ବୋଲି ଷ୍ଟାଫର୍ଡଶାୟାର କୁଳପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍ଟିନ ଜୋନ୍ସ କହିଛନ୍ତି। ଭାରତରୁ ବହୁ ସଂଖ୍ୟକ ମେଧାବୀ ଛାତ୍ର ଏଠାରେ ଆସି ପାଠ ପଢିବା ସହ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ବ୍ରିଟିଶ କାଉନସିଲ ସହ ମିଳିତ ଭାବେ ଏନେଇ ଏକ ବଡ଼ ଛାତ୍ରବୃତ୍ତି ଆମେ ପ୍ରଦାନ କରିଆସିଛୁ। ଏବେ ଓଡ଼ିଶା ଏଫ୍‌ସି ସହିତ ଜଡିତ ରହି ଏହି ପ୍ରୟାସକୁ ଏକ ନୂଆ ସୋପାନରେ ପହଞ୍ଚାଇବୁ। ଏଥିରେ ଛାତ୍ରୀଛାତ୍ର ଓ ଉଭୟ ପ୍ରତିଷ୍ଠାନର କର୍ମଚାରୀମାନେ ଲାଭବାନ ହୋଇପାରିବେ ବୋଲି ଜୋନ୍ସ କହିଛନ୍ତି।

## ଟ୍ରେନିଂ ନେଲେ ଷ୍ଟୋକ୍ସ

**ଗୋଲ୍ଡ କୋଷ୍ଟ (ଅଷ୍ଟ୍ରେଲିଆ), ୧୧।୧୧ (ଏପି):** କୁଇନ୍ସଲାଣ୍ଡସ୍ଥିତ ମେଟ୍ରିକୋ ଷ୍ଟାଡିୟମରେ ଇଂଲଣ୍ଡ କ୍ରିକେଟ ଖେଳାଳିଙ୍କ ସହ ଟ୍ରେନିଂ ସେସନରେ ଯୋଗ ଦେଇଛନ୍ତି ବେନ୍ ଷ୍ଟୋକ୍ସ। ଆଶେସ ସିରିଜ ଖେଳିବା ଲାଗି ଇଂଲଣ୍ଡର କିଛି ଖେଳାଳି ଆଗୁଆ ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି।




## ରାଜ୍ୟସ୍ତରୀୟ ସିନିୟର ଭଲିବଲ ଉଦ୍‌ଘାଟିତ

**ବୌଦ୍ଧ(ସ୍ୱପ୍ର), ରାଇକିଆ (ଡି.ଏନ.ଏ), ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୧।୧୧**

ରାଜ୍ୟ ଭଲିବଲ ସଂଘ ଆନୁକୂଲ୍ୟରେ ଓ ବୌଦ୍ଧ-କନ୍ଧମାଳ ଜିଲା କ୍ରୀଡ଼ାସଂଘ ସହଯୋଗରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧରେ ପ୍ରତିଯୋଗିତାକୁ ସର୍ବଭାରତୀୟ ଭଲିବଲ ଫେଡେରେଶନ ସଭାପତି ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ତଥା ଜିଲା କ୍ରୀଡ଼ା ସଂସଦର ସଭାପତି ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନନୀୟ ଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା, ରାଜ୍ୟ ଭଲିବଲ ସଂଘର ସମ୍ପାଦକ ଗଗନେନ୍ଦୁ ଦାଶ ଓ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ମହିଳା ବିଭାଗ ମ୍ୟାଚଗୁଡ଼ିକ ମଧ୍ୟରେ ଇଷ୍ଟକୋଷ୍ଟ ରେଲୱେ ୨-୦ ରେ ପାରାଦୀପ ପୋର୍ଟକୁ, କନ୍ଧମାଳ ଦଳ ୨-୦ରେ ଭଦ୍ରକକୁ, ସୁନ୍ଦରଗଡ଼ ୨-୦ ରେ ବୌଦ୍ଧକୁ, କିଟ୍ ୨-୦ ରେ ଖୋର୍ଦ୍ଧାକୁ, କଟକ ୨-୦ ରେ କେନ୍ଦ୍ରାପଡ଼ାକୁ, ଖୋର୍ଦ୍ଧା ୨-୦ରେ କେନ୍ଦ୍ରାପଡ଼ାକୁ, ବଲାଙ୍ଗୀର ୨-୧ ରେ ସମ୍ବଲପୁରକୁ, ପାରାଦୀପ ପୋର୍ଟ ୨-୦ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ପୁରୁଷ ବିଭାଗର ପାରମ୍ପରିକ ଭଲିବଲ (ଶୁଟିଂ)ର ପ୍ରଥମ ସଂସ୍କରଣ ଫୁଲବାଣୀଠାରେ ଆରମ୍ଭ ହୋଇଛି। ସେଠାରେ ଅଚ୍ୟୁତ ସାମନ୍ତଙ୍କ ସହ କନ୍ଧମାଳ ଜିଲାପାଳ ବୃନ୍ଦା ଡି., ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଫୁଲବାଣୀ ଜିଲା ପରିଷଦ ଅଧ୍ୟକ୍ଷ ଆକାଂକ୍ଷା ପ୍ରଧାନ, କନ୍ଧମାଳ ଜିଲା ଆଥଲେଟିକ୍ ଆସୋସିଏଶନ ସଭାପତି କମଳାକାନ୍ତ ପାଣ୍ଡେ, ସମ୍ପାଦକ ଶିବପ୍ରସାଦ ତ୍ରିପାଠୀ, ରାଜ୍ୟ ଭଲିବଲ ସଂଘର ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପୁରୁଷ ବିଭାଗରେ ଫୁଲବାଣୀରେ ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ପୁରୀ ୨-୦ରେ ସୁବର୍ଣ୍ଣପୁର, ମୟୂରଭଞ୍ଜ ୨-୦ରେ ଭୁବନେଶ୍ୱର, ସୁନ୍ଦରଗଡ଼ ୨-୧ରେ କନ୍ଧମାଳ, ଇଷ୍ଟକୋଷ୍ଟ ରେଲୱେ ୨-୦ରେ କଟକ, ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୦ରେ ଝାରସୁଗୁଡ଼ା, ଓଡ଼ିଶା ପୋଲିସ ୨-୦ରେ କେନ୍ଦୁଝର, ପୁରୀ ୨-୦ରେ କନ୍ଧମାଳ, ଝାରସୁଗୁଡ଼ା ୨-୦ରେ ସୁନ୍ଦରଗଡ଼କୁ ହରାଇ ଦେଇଛି। ବାଲିଗୁଡ଼ାରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୨-୦ରେ ନୂଆପଡ଼ା, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ୨-୦ରେ କଳାହାଣ୍ଡି, ଯାଜପୁର ୨-୦ରେ ସମ୍ବଲପୁର, କଳାହାଣ୍ଡି ୨-୦ରେ ନୂଆପଡ଼ା, କେନ୍ଦ୍ରାପଡ଼ା ୨-୦ରେ ବଲାଙ୍ଗୀର ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ ଯାଜପୁରକୁ ହରାଇ ଦେଇଛି। ରାଇକିଆରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୨-୧ରେ ଗଞ୍ଜାମ, ନୟାଗଡ଼ ୨-୦ରେ ଦେବଗଡ଼, ଭଦ୍ରକ ୨-୦ରେ ବୌଦ୍ଧ, ନୟାଗଡ଼ ୨-୧ରେ ଅନୁଗୋଳ, ଭଦ୍ରକ ୨-୦ରେ ଦେବଗଡ଼କୁ ପରାସ୍ତ କରିଛି। ସେହିପରି ଟିକାବାଲିରେ ଅନୁଷ୍ଠିତ ୨ଟି ମ୍ୟାଚରେ ଜଗତ୍‌ସିଂହପୁର ୨-୧ରେ ଖୋର୍ଦ୍ଧା ଓ ଢେଙ୍କାନାଳ ୨-୦ରେ ବରଗଡ଼କୁ ହରାଇ ଦେଇଛି। ରାଜ୍ୟ ସିନିୟର ଭଲିବଲ ପ୍ରତିଯୋଗିତାରେ ମୋଟ ୭୨(୨୦ ମହିଳା, ୩୨ ପୁରୁଷ) ଏବଂ ପାରମ୍ପରିକ ଶୁଟିଂ ଭଲିବଲ୍‌ରେ ୨୦ଟି ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ୩୦ ଜିଲା ଓ ୬ଟି ୟୁନିଟରୁ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ୨୦୦ ଅଫିସିଆଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।




ବୌଦ୍ଧରେ ରାଜ୍ୟସ୍ତରୀୟ ସିନିୟର ଭଲିବଲ ଚାମ୍ପିୟନଶିପ ଉଦ୍‌ଘାଟନୀ ଅବସରରେ ଅତିଥିମାନେ ଅଫିସିଆଲ ଓ କର୍ମକର୍ତ୍ତାଙ୍କ ସହ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ